ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୨୪/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, October 24/2021 ★★

୧୭ଶ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ସଂକ୍ଷେପରେ

### ଗୋଆ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚା

**ପଣଜୀ, ୨୩।୧୦(ଆଇଏଏନ୍ଏସ୍):** ଭାଜପା ଗୋଟିଏ ପରେ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ବଦଳାଉଥିବାବେଳେ ଖୁବ୍‌ଶୀଘ୍ର ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ବଦଳାଇବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଶନିବାର କହିଛନ୍ତି। ପ୍ରମୋଦଙ୍କ ଟ୍ରାକ୍ ରେକର୍ଡ ଭଲ ନ ଥିବାବେଳେ କୋଭିଡ୍ ମହାମାରୀ ମୁକାବିଲାରେ ସେ ବିଶେଷ ସଫଳ ହୋଇ ନ ଥିଲେ। ତେଣୁ ସେଠାରେ ଦଳର ଭାବମୂର୍ତ୍ତିରେ ସୁଧାର ଆଣିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ଗୈରିକ ଦଳ ବିଚାର କରୁଥିବା ସିସୋଡିଆ କହିଥିଲେ। ତେବେ ତାଙ୍କର ଏଭଳି ମନ୍ତବ୍ୟକୁ ଭାଜପା ଖଣ୍ଡନ କରିବା ସହ ଏହା ଏକ ଗୁଜବ ବୋଲି କହିଛି।

### କୃଷିନୀତିର ପୁନର୍ବିଚାର ହେଉ: ବରୁଣ ଗାନ୍ଧୀ

**ନୂଆଦିଲ୍ଲୀ, ୨୩।୧୦:** ସରକାର କୃଷିନୀତିର ପୁନର୍ବିଚାର କରନ୍ତୁ ବୋଲି ଭାଜପା ଏମ୍‌ପି ବରୁଣ ଗାନ୍ଧୀ ଶନିବାର ଟୁଇଟର ଯୋଗେ ଆହ୍ୱାନ ଦେଇଛନ୍ତି। ଜଣେ ଚାଷୀ ତାଙ୍କର କଷ୍ଟୋପାର୍ଜିତ ଧାନ ଫସଲକୁ ବିକ୍ରିକରି ନ ପାରି ସେଥିରେ ନିଆଁ ଲଗାଇ ଦେଉଥିବାରୁ ଭିଡିଓ କ୍ଲିପ୍ ସେ ଟୁଇଟରରେ ଶେୟାର କରିଛନ୍ତି। ସେଥିରେ ସେ ଲେଖିଛନ୍ତି, ଉତ୍ତରପ୍ରଦେଶର ଚାଷୀ ସମୋଧ ସିଂ ଗତ ୧୫ ଦିନ ହେଲା ଧାନ ବିକିବା ପାଇଁ ମଣ୍ଡିକୁ ଦୌଡ଼ିଥିଲେ। ଧାନ ବିକ୍ରି ନ ହେବାରୁ ସେ ନିରାଶ ହୋଇ ସେଥିରେ ନିଆଁ ଲଗାଇଦେଲେ। ତେବେ ଚାଷୀଙ୍କ ଫସଲ ବିକ୍ରି ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। କୃଷି ନୀତି ଉପରେ ପୁଣି ଥରେ ବିଚାର କରିବାର ସମୟ ଆସିଛି। ସରକାର କୃଷକମାନଙ୍କ



ଦାବି ଗ୍ରହଣ କରନ୍ତୁ ବୋଲି ବରୁଣ କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରର ବିବାଦୀୟ କୃଷି ଆଇନକୁ ବିରୋଧ କରି ବର୍ଷେ ହେଲା କୃଷକ ସଂଗଠନଗୁଡ଼ିକ ଆନ୍ଦୋଳନ ଚଳାଇଛନ୍ତି। ୩ ଆଇନକୁ ପ୍ରତ୍ୟାହାର କରିନେବାକୁ ଚାଷୀମାନେ ଜିଦ୍ ଧରିଥିବାବେଳେ ସରକାର ଏହାକୁ କାର୍ଯ୍ୟକାରୀ କରିବା ନିଷ୍ପତ୍ତିରେ ଅଟଳ ରହିଥିବାରୁ ଅଚଳାବସ୍ଥା ଜାରି ରହିଛି।

### ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ୪ ବାମପନ୍ଥୀ ଦଳର ବିକ୍ଷୋଭ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ):** ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଶନିବାର ୪ଟି ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେଶନ ଓ ଫରୱାର୍ଡ ବ୍ଲକ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ୪ ଦଳର ଶତାଧିକ ନେତା ଓ କର୍ମୀ ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ଅଭୟ ସାହୁ ଓ ଜୋନ ସମ୍ପାଦକ ସୁର ଜେନା, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଓ ଜଗନ୍ନାଥ ମିଶ୍ର, ସିପିଆଇ(ଏମ୍ଏଲ୍) ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ ଓ ମହେନ୍ଦ୍ର ପରିଡ଼ା ଏବଂ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉଦ୍‌ବୋଧନ ଦେଇଥିଲେ। ନାରାୟଣ ରେଡ୍ଡୀ, ଅଭିରାମ ବେହେରା, ପ୍ରଦୀପ ନାୟକ, ପ୍ରଭାତ ପାଣିଗ୍ରାହୀ, ଶରତ ବେହେରା ଓ କୈଳାସ ପୁହାଣ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ‘ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କର’

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ସନ୍‌ସାଇନ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡକୁ ନେଇ ରାଜନୀତି ସରଗରମ ହୋଇଛି। ଏହି ଘଟଣାକୁ ନେଇ ବିରୋଧୀ ଦଳ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରିଛନ୍ତି। ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିକୁ ନେଇ ଭାଜପା ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ଭାଜପା ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ସହ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରିଛି। ମମିତାଙ୍କ ହତ୍ୟା ଘଟଣଶ ପଦାକୁ ଆସିବା ଦିନୁ ରାଜ୍ୟବ୍ୟାପୀ ଯେପରି ପ୍ରତିବାଦ ଓ ବିକ୍ଷୋଭ ଚାଲିଛି ତାହା ନାରୀ ନିର୍ଯାତନାର ସବୁ ସୀମା ଅତିକ୍ରମ କରିଯାଇଥିବା ଆଲୋଚନା ହେଉଛି। ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଶନିବାର ମହିଳା କାର୍ଯ୍ୟକର୍ତ୍ତାମାନେ ରାଜ୍ୟ କାର୍ଯ୍ୟାଳୟରୁ ନବୀନ ନିବାସ ଘେରାଉ କରିବାକୁ ବାହାରିଥିଲେ । ତେବେ ଅଧାବାଟରେ ପୋଲିସ ବ୍ୟାରିକେଡ୍ କରି ଆନ୍ଦୋଳନକାରୀ ମହିଳାଙ୍କୁ ଅଟକାଇଥିଲା। ଏହି ସମୟରେ ଭାଜପା ମହିଳା କର୍ମୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ଏଥିରେ କେତେଜଣ ମହିଳା କର୍ମୀ ଏବଂ ପୋଲିସ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି।

ମହିଳା ମୋର୍ଚ୍ଚା ଅଭିଯୋଗ କରିଛି ଯେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଘନିଷ୍ଠ ସମ୍ପର୍କ ଥିଲା। ମନ୍ତ୍ରୀଙ୍କ ସହ ରାଜ୍ୟ ସରକାରଙ୍କ ବହୁ ପ୍ରଭାବଶାଳୀ ମନ୍ତ୍ରୀ ଓ ବିଜେଡି ନେତାମାନେ ସେହି ସ୍କୁଲକୁ ନିୟମିତ ଭାବେ ଯିବା ଆସିବା କରୁଥିଲେ। ବେସରକାରୀ ଶିକ୍ଷାନୁଷ୍ଠାନ ହୋଇଥିବା ସତ୍ତ୍ୱେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ବହୁ ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି। ‘ସନସାଇନ ସ୍କୁଲକୁ ଆସିଲେ, ମୁଁ ଯୁବକ ହୋଇଯାଏ’ ଭଳି ମନ୍ତବ୍ୟ ଆଦି ପ୍ରସଙ୍ଗ ସବୁ



ନବୀନ ନିବାସ ଅଭିମୁଖେ ବାହାରିଥିବା ଭାଜପା ମହିଳା ମୋର୍ଚ୍ଚାର କୋକେଇ ଶୋଭାଯାତ୍ରା।

ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତିକୁ ସ୍ପଷ୍ଟ ପ୍ରମାଣିତ କରୁଛି । କ୍ଷମତାର ଅପବ୍ୟବହାର କରି ମନ୍ତ୍ରୀ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ହତ୍ୟାକାଣ୍ଡ ସମ୍ପର୍କରେ ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିବାର ଷଡ଼ଯନ୍ତ୍ର କରିଛନ୍ତି ବୋଲି ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ଗୋବିନ୍ଦ ସାହୁଙ୍କୁ ଗିରଫ କରି ଏହି ଘଟଣାର ମାଷ୍ଟରମାଇଣ୍ଡ ମନ୍ତ୍ରୀଙ୍କୁ ଖସାଇ ଦେବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର କଳକୌଶଳ ଆପଣାଇଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ ମନ୍ତ୍ରିମଣ୍ଡଳରୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ଭାଜପା ମହିଳା ମୋର୍ଚ୍ଚା ଦାବି କରିଛି।

ହତ୍ୟାକାଣ୍ଡ ଘଟଣାର ଦୀର୍ଘ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି । ‘ଆଇନ ତା’ ବାଟରେ ଯିବ’ ବୋଲି ବାରମ୍ବାର କହୁଥିବା ମୁଖ୍ୟମନ୍ତ୍ରୀ ପୁଣି ଥରେ ଆଇନ ବାଟରେ ଛିଡ଼ା ହୋଇ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି । ମନ୍ତ୍ରୀ, ବିଧାୟକ ଓ ଶାସକ ଦଳର ନେତାମାନଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ରାଜ୍ୟରେ ଘଟିଯାଉଥିବା ଜଘନ୍ୟ ଅପରାଧକୁ ବିରୋଧ କରି ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ କୋକେଇ

**ମମିତା ମେହେର ହତ୍ୟାକାଣ୍ଡ ଘଟଣା**

- ଭାଜପା ମହିଳା ମୋର୍ଚ୍ଚାର ନବୀନ ନିବାସ ଘେରାଉ ଉଦ୍ୟମ
- ଘଟଣାର ସିବିଆଇ ତଦନ୍ତ ଦାବି

ଶୋଭାଯାତ୍ରାରେ ଯାଇଥିଲେ । ମାତ୍ର ବିଚଳିତ ଶାସନ ବ୍ୟବସ୍ଥା ପୋଲିସ ଛାଉଣୀ କରି ବିକ୍ଷୋଭକାରୀ ଭାଜପା ମହିଳା କାର୍ଯ୍ୟକର୍ତ୍ତାଙ୍କୁ ଅଧାବାଟରେ ଜୋରଜବରଦସ୍ତି ଅଟକାଇବା ସହ ଟଣାଓଟରା କରିଥିଲା । ପୋଲିସର ମାତ୍ରାଧିକ ବଳପ୍ରୟୋଗ କାରଣରୁ ବହୁ ସଂଖ୍ୟାରେ ମହିଳା କାର୍ଯ୍ୟକର୍ତ୍ତା ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି ବୋଲି ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ରାଜ୍ୟର ମା’ ଓ ଭଉଣୀମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ କ୍ଷମତାର ଅପବ୍ୟବହାର କରି ନିଜ ଦଳ ଏବଂ ଦଳର ଆପରାଧିକ ତତ୍ତ୍ୱଙ୍କ ସୁରକ୍ଷାରେ ପୋଲିସ ବିଭାଗକୁ ନିୟୋଜିତ କରାଯାଉଛି। ଅପରାଧ ସାମ୍ରାଜ୍ୟ ଉପରେ ପରଦା ପକାଇବା ପାଇଁ ବିଜେଡି ହିଂସାର ଆଶ୍ରୟ ନେଉଛି । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଶୁକ୍ରବାର ମୟୂରଭଞ୍ଜ ଜିଲାରେ ଶାସକ ବିଜେଡିର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ, କଟକ ଜିଲା ବଡ଼ମ୍ବାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସର ମାଡ଼ ଓ ଗିରଫ କରାଯିବା ଘଟଣା ଏବଂ ମହିଳା କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସର ମାତ୍ରାଧିକ ବଳପ୍ରୟୋଗ କରାଯିବା ଆଦି ଘଟଣା ଶାସକ ବିଜେଡିର ଦୋମୁହାଁ ଚରିତ୍ରକୁ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବସି ଅହିଂସାର ନାଟକ କରୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସାରା ବୁଲି ବୁଲି ଶାସକ ବିଜେଡି ହିଂସାର ତାଣ୍ଡବ କରୁଛି । ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବା ପାଇଁ ବାରମ୍ବାର ଦାବି କରୁଥିବା ବିଜୁ ଜନତା ଦଳର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ବିକ୍ଷୋଭ ବେଳେ ଭାଜପା ନେତ୍ରୀବୃନ୍ଦ ପ୍ରକାଶ କରିଛନ୍ତି । ମହିଳା ମୋର୍ଚ୍ଚା ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ପ୍ରଦର୍ଶନୀରେ ବରିଷ୍ଠ ନେତ୍ରୀ ସୁରମା ପାଢ଼ୀ, କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

# ନିମ୍ନସ୍ତରର ରାଜନୀତି କରୁଛି ଭାଜପା ମହିଳା ମୋର୍ଚ୍ଚା: ବିଜେଡି

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ଓଡ଼ିଶା ଭାଜପା ମହିଳା ମୋର୍ଚ୍ଚା ଘେରାଉ ସମୟରେ ମିଥ୍ୟା ଓ ଭିତ୍ତିହୀନ ବିବୃତି ଦେଇ ସମସ୍ତ ଲଜ୍ଜାକୁ ଅତିକ୍ରମ କରି ଅତି ନିମ୍ନସ୍ତରକୁ ଖସିଆସିଛି । ଏଭଳି ଭାବେ ନିମ୍ନସ୍ତରକୁ ଯିବା ସମ୍ପୂର୍ଣ୍ଣ ନୂଆ, ଯାହାକି ଶସ୍ତା ରାଜନୀତି ପାଇଁ ପୂର୍ବରୁ ଖେଳାଯାଇଥିବା ସମସ୍ତ ଲଜ୍ଜାଜନକ ରାଜନୀତିଠାରୁ ମଧ୍ୟ କମ୍ ବୋଲି ବିଜେଡି ପ୍ରବକ୍ତା ଏଲିନା ଦାସ ଓ ଇପ୍ସିତା ସାହୁ କହିଛନ୍ତି । ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚାକୁ କଡ଼ା ଜବାବ ଦେଇ ଉଭୟ ପ୍ରବକ୍ତା କହିଛନ୍ତି ଯେ ଓଡ଼ିଶା ଭାଜପା ମହିଳା ମୋର୍ଚ୍ଚା ବେଶ୍ ଭଲ ଭାବେ ଜାଣିଛି ଯେ ମମିତା ମେହେର ମାମଲାରେ ଗୋଟିଏ ଏଫ୍‌ଆଇଆର ରୁଜୁ ହୋଇଥିବାରୁ ସମାନ ମାମଲାରେ ଜିଲାର ଶିକ୍ଷାନୁଷ୍ଠାନରେ ଥିବା ହଜାର ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି।

ବିଜେଡି ପ୍ରବକ୍ତା କହିଛନ୍ତି ଯେ ସାରା ଭାରତ ଜାଣିଛି ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଏବଂ ଆସାମ ଭଳି ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳାଙ୍କ ବିରୋଧରେ ଜଘନ୍ୟ ଅପରାଧ ମାମଲା ସର୍ବାଧିକ ରହିଛି । ପ୍ରତି ମାସରେ ଭାଜପା ଶାସିତ ରାଜ୍ୟରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ ମାମଲା ସଂଖ୍ୟା ବଢ଼ି ବଢ଼ି ଚାଲିଛି । ସଂଖ୍ୟାଧିକ ମାମଲାରେ ଭାଜପା ନେତାମାନେ ଜଡ଼ିତ ରହିଛନ୍ତି। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ବିଭିନ୍ନ ମାମଲାରେ ଓଡ଼ିଶା ଭାଜପା ପୂର୍ବରୁ ଅଦାଲତର ଦ୍ୱାରସ୍ଥ ହୋଇଛି । ସବୁ ଘଟଣାରେ ଅଦାଲତ ସେମାନଙ୍କ ଆବେଦନକୁ ଗ୍ରହଣ କରିନାହାନ୍ତି । ସତ କ’ଣ ଜାଣିବା



ଖବରଦାତା ସମ୍ମିଳନୀରେ ବିଜେଡି ପ୍ରବକ୍ତା ଇପ୍ସିତା ସାହୁ ଓ ଏଲିନା ଦାସ ।

ଆଉ ଗୋଟିଏ ଏଫ୍‌ଆଇଆର ହୋଇପାରିବ ନାହିଁ । ଏହା ଜାଣି ମଧ୍ୟ ସେମାନେ ଶୁକ୍ରବାର ଭୁବନେଶ୍ୱରର କ୍ୟାପିଟାଲ ଥାନାକୁ ଆସି ଆଉ ଗୋଟିଏ ଏଫ୍‌ଆଇଆର ଦେଇଛନ୍ତି । ଏଥିରୁ ଜଣାପଡୁଛି ଯେ କିଏ କେତେ ଅଧିକ ଟିଭିରେ ମୁହଁ ଦେଖାଇବ ସେଥିପାଇଁ ଭାଜପା ନେତାଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ଅନୁରୂପ ଭାବେ ଏହି ଘଟଣାରେ ଭାଜପା ନେତାମାନେ ଅତି ତଳସ୍ତରର ରାଜନୀତି କରି କଳାହାଣ୍ଡି ସତ୍ତ୍ୱେ ଓଡ଼ିଶା ଭାଜପା ଶସ୍ତା ରାଜନୀତି କରିବାକୁ ଚେଷ୍ଟା କରୁଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । କଳାହାଣ୍ଡିରେ ଜନସାଧାରଣ ଏବଂ ଓଡ଼ିଶାବାସୀ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ମିଥ୍ୟା ଓ ଭିତ୍ତିହୀନ ଆଚରଣକୁ ଦେଖୁଛନ୍ତି । ମହିଳା ହିଂସା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଯେଉଁ ନିମ୍ନସ୍ତରର ରାଜନୀତି କରୁଛନ୍ତି ସେଥିପାଇଁ ସେମାନଙ୍କୁ ରାଜ୍ୟବାସୀ ଆଦୌ କ୍ଷମା କରିବେ ନାହିଁ ବୋଲି ପ୍ରବକ୍ତା ଦାସ ଓ ସାହୁ କହିଛନ୍ତି ।

# ଦାଗୀଙ୍କୁ ସରକାର ପ୍ରଶ୍ରୟ ଦେଉଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

କଳାହାଣ୍ଡି ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗ ଆଣି କଂଗ୍ରେସ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବିକୁ ଜୋର୍‌ଦାର କରିଛି। ବିଜେଡି ସରକାର ବିଭିନ୍ନ ଦାଗୀ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରି ରାଜ୍ୟ ସରକାରଙ୍କୁ କଂଗ୍ରେସ ଟାର୍ଗେଟ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସତ୍ୟପ୍ରକାଶ ନାୟକ କହିଛନ୍ତି, ସିଏଜିଙ୍କ ରିପୋର୍ଟ ଅନୁଯାୟୀ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ଯାହାକି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିନିଯୋଗ ହେବା କଥା, ତାହା ବାଟମାରଣା କରାଯାଇ ଗୋବିନ୍ଦ ସାହୁ (ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ)ଙ୍କ ଶିକ୍ଷାନୁଷ୍ଠାନରେ ଖର୍ଚ୍ଚ କରାଯାଇଛି। ପଞ୍ଚାୟତିରାଜ ବିଭାଗର ଏଭଳି ବେଆଇନ ନିଷ୍ପତ୍ତି ଉପରେ ସିଏଜି ଆପତ୍ତି ମଧ୍ୟ କରିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କୋଟି କୋଟି ଟଙ୍କା ମଧ୍ୟ ଶିକ୍ଷାନୁଷ୍ଠାନରେ ଖର୍ଚ୍ଚ ହେଉଥିଲା। ୨୦୧୩ରେ +୨ ପରୀକ୍ଷାରେ କେମିଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏହି ଶିକ୍ଷାନୁଷ୍ଠାନ କେନ୍ଦ୍ରସ୍ଥଳ



ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ (ଡାହାଣ)।

**ମନ୍ତ୍ରୀଙ୍କୁ ଗିରଫ ନ କଲେ ୨୬ରେ ଡିଜିପି କାର୍ଯ୍ୟାଳୟ ଘେରାଉ**

ଥିଲା। ରାଜ୍ୟରେ ବିଜେଡି ସରକାର ଅମଳରେ ଏହିଭଳି ଅନେକ ଅପରାଧରେ ସମ୍ପୃକ୍ତ ଦାଗୀ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ କାହିଁକି ପ୍ରଶ୍ରୟ ଦିଆଯାଇଛି ବୋଲି ସତ୍ୟପ୍ରକାଶ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ଅନ୍ୟଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ କଳାହାଣ୍ଡିରେ ଆନ୍ଦୋଳନ କରୁଥିବା ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ବଳପୂର୍ବକ ଗିରଫ କରିବା ଘଟଣାର ନିନ୍ଦା କରିଛନ୍ତି। ସେମାନଙ୍କୁ ତୁରନ୍ତ ଛାଡ଼ିବା ପାଇଁ ସେ ଦାବି କରିଛନ୍ତି। ମମିତାଙ୍କ ହତ୍ୟାରେ ପ୍ରତ୍ୟକ୍ଷ ସମ୍ପୃକ୍ତି ଦର୍ଶାଇ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ତୁରନ୍ତ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବା ପାଇଁ ଯୁବ କଂଗ୍ରେସ ଦାବି କରୁଛି। ନଚେତ୍ ଅକ୍ଟୋବର ୨୬ରେ କଟକସ୍ଥିତ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଲେଙ୍କା କହିଛନ୍ତି।

# ବିଦ୍ୟୁତ୍ ବିଲ୍ ଛାଡ଼, ୨୦ ଲକ୍ଷଙ୍କୁ ସରକାରୀ ଚାକିରି

**ବାରବାଙ୍କୀ, ୨୩।୧୦**

ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ମହାମାରୀ ସମୟର ବିଦ୍ୟୁତ୍ ବିଲ୍ ଛାଡ଼ କରାଯିବା ସହ ୨୦ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ। ଏହା ବ୍ୟତୀତ କୃଷି ଋଣ ଛାଡ଼ ଏବଂ କୋଭିଡ୍‌ରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୨୫,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ୟୁପିର ବାରବାଙ୍କୀଠାରେ ଏକ ସମାବେଶକୁ ସମ୍ବୋଧିତ କରି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶନିବାର



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

**ୟୁପିରେ କଂଗ୍ରେସର ନିର୍ବାଚନୀ ଥୋପ**

ଏହି ପ୍ରତିଶ୍ରୁତି ଦେଇଛନ୍ତି। ଦଳର ୩ ଦିନିଆ ‘ପ୍ରତିଜ୍ଞା ଯାତ୍ରା’କୁ ପ୍ରିୟଙ୍କା ବାରବାଙ୍କୀରୁ ଶୁଭାରମ୍ଭ କରିଥିଲେ। ୨୦୨୨ ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ଏହି ଯାତ୍ରାର ଆୟୋଜନ କରାଯାଇଛି। ଅକ୍ଟୋବର ୨୩ରୁ ନଭେମ୍ବର ୧ ମଧ୍ୟରେ ୩ଟି ଯାତ୍ରା ବାରବାଙ୍କୀରୁ ବୁନ୍ଦେଲଖଣ୍ଡ, ସାହରନପୁରରୁ ମଥୁରା ଏବଂ ବାରାଣସୀରୁ ରାଏବରେଲୀ ରୁଟ୍ ଦେଇ ଯିବ।

ଆସନ୍ତାବର୍ଷ ବିଧାନସଭା ନିର୍ବାଚନରେ କଂଗ୍ରେସ ୪୦ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିବ ବୋଲି ପ୍ରିୟଙ୍କା ପୂର୍ବରୁ ଘୋଷଣା କରିଥିଲେ। ଏଥିସହିତ କଂଗ୍ରେସ ୟୁପିରେ ସରକାର ଗଢ଼ିଲେ ଦ୍ୱାଦଶ ପାସ୍ ଛାତ୍ରୀଙ୍କୁ ସ୍ମାର୍ଟଫୋନ୍ ଏବଂ ସ୍ନାତକ ଛାତ୍ରୀଙ୍କୁ ଇଲେକ୍ଟ୍ରିକ୍ ସ୍କୁଟି ଯୋଗାଇ ଦିଆଯିବ ବୋଲି କଂଗ୍ରେସ ନେତ୍ରୀ କହିଥିଲେ।



ଧରିତ୍ରୀ
DHARITRI
ରବିବାର, ଅକ୍ଟୋବର ୨୪/୨୦୨୧ | Sunday, October 24/2021 | ପୃଷ୍ଠା-୧



## ହାଜଲେଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ବିଶ୍ୱକପ୍ ମୁକାବିଲାରେ ଅଷ୍ଟ୍ରେଲିଆର ଜୋସ୍ ହାଜଲେଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୦୬

୦୫

## ଗ୍ରିଲ୍‌ଙ୍କ ସହ ଷ୍ଟଣ୍ଟ୍ କରିବେ ଅଜୟ୍

'ସୂର୍ଯ୍ୟବଂଶୀ' ଷ୍ଟାର ଅଜୟ୍ ଦେବଗନଙ୍କୁ ଏବେ 'ଇନ୍‌ଟୁ ଦ ୱାଇଲ୍ଡ ଉଇଥ୍ ବିୟର ଗ୍ରିଲ୍'ଙ୍କ ଶୋ'ରେ କିଛି ଷ୍ଟଣ୍ଟ୍ କରୁଥିବାର ଦେଖିବାକୁ ମିଳିବ।



# ଅଫ୍‌ଲାଇନରେ ହେବ ଆଇସିଏସ୍‌ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ଟର୍ମ-୧

- ନଭେମ୍ବର ୧୨ରୁ ଦ୍ୱାଦଶ, ୨୯ରୁ ଦଶମ
- ନିଜ ସ୍କୁଲରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ(ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ଟର୍ମ-୧ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବ। ଏ ନେଇ ଶନିବାର ସିଆଇଏସ୍‌ସିଇ ପକ୍ଷରୁ ଘୋଷଣା କରାଯାଇଛି। ଏଥିସହିତ ପରୀକ୍ଷା ତାରିଖ ମଧ୍ୟ ଘୋଷଣା କରିଛି। ଆଇସିଏସ୍‌ଇ ଦଶମ ନଭେମ୍ବର ୨୯ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ସରିବ। ସେହିପରି ଆଇଏସ୍‌ସି ଦ୍ୱାଦଶ ଟର୍ମ-୧ ନଭେମ୍ବର ୧୨ରୁ ଆରମ୍ଭ ହୋଇ ଡିସେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ।

ପୂର୍ବରୁ ଦଶମ ପରୀକ୍ଷା ନଭେମ୍ବର ୧୫ରୁ, ଦ୍ୱାଦଶ ନଭେମ୍ବର ୧୬ରୁ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଗତ କିଛିଦିନ ତଳେ କାଉନ୍‌ସିଲ ଏହି ପରୀକ୍ଷାକୁ ସ୍ଥଗିତ ରଖିଥିଲା। ଏବେ ନୂଆ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସିଆଇଏସ୍‌ସିଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଗେରୀ ଆରାଥନ୍ କହିଛନ୍ତି, ଟର୍ମ-୧ ପରୀକ୍ଷାକୁ ଅଫ୍‌ଲାଇନ୍‌ରେ କରିବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ☞ପୃଷ୍ଠା-୨

# ପେଟ୍ରୋଲ ୩୫, ଡିଜେଲ ୩୮ ପଇସା ବୃଦ୍ଧି



- ମାସକରେ ୨୩ ଥର ବଢ଼ିଲାଣି ଡିଜେଲ
- ଦେଢ଼ବର୍ଷରେ ପେଟ୍ରୋଲ ୩୬, ଡିଜେଲ ୨୭ ଟଙ୍କା ବଢ଼ିଛି

**ଭୁବନେଶ୍ୱର/ନୂଆଦିଲ୍ଲୀ, ୨୩।୧୦**

ଲଗାତର ଚତୁର୍ଥ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଫଳରେ ସାରା ଦେଶରେ ତୈଳ ଦର ସର୍ବକାଳୀନ ରେକର୍ଡ କରି ଚାଲିଛି। ଏପରି କି ବିଗତ ଏକ ମାସ ମଧ୍ୟରେ ଡିଜେଲ ୨୩ ଥର ବଢ଼ିଛି। ପେଟ୍ରୋଲଠାରୁ ଡିଜେଲର ଦର ବୃଦ୍ଧି ଯୋଗୁ ସବୁ ବର୍ଗର ଲୋକଙ୍କ ପକେଟ ଉପରେ ସିଧାସଳଖ ମାଡ଼ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଗତ ୧୮ ମାସ ମଧ୍ୟରେ ଦେଶରେ ପେଟ୍ରୋଲ ପ୍ରାୟ ୩୬ଟଙ୍କା (୩୫.୯୮ଟଙ୍କା) ଏବଂ ଡିଜେଲ ପ୍ରାୟ ୨୭ ଟଙ୍କା (୨୬.୫୮ ଟଙ୍କା) ବୃଦ୍ଧି ପାଇଛି, ଯାହାର ☞ପୃଷ୍ଠା-୨

# ଓଡ଼ିଶାରୁ ବିଳମ୍ବରେ ବିଦାୟନେଲା ମୌସୁମୀ

**ତଥାପି ରାଜ୍ୟରେ ନିଅଣ୍ଟିଆ ବର୍ଷା**

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ସାରା ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶନିବାର ବିଦାୟ ନେଇଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ଠିକ୍ ସମୟରେ ଅର୍ଥାତ୍ ଜୁନ୍ ୧ରେ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ୭ଦିନ ବିଳମ୍ବରେ ମୌସୁମୀ ଫେରିଛି। ପ୍ରାୟତଃ ଅକ୍ଟୋବର ୧୫ ବେଳକୁ ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥାଏ। ତେବେ ଏଥର ମୌସୁମୀର ରହଣି ଭିତରେ ମୋଟ୍ ୧୩ଟି ଲଘୁଚାପ ହୋଇଥିଲା। ବିଳମ୍ବରେ ମୌସୁମୀର ପ୍ରତ୍ୟାବର୍ତ୍ତନ ଓ ଏତେଥର ଲଘୁଚାପ ହୋଇଥିଲେ ମଧ୍ୟ ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ରାଜ୍ୟରେ ଜୁନ୍‌ରେ ୩%, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଟିକା କେଉଁଠୁ ଆସିଲା

# ରୁମ୍ ନଂ. ୨୦ରେ ଭିନ୍ନ ତାଲା

*କଳାହାଣ୍ଡି ଜିଲା କେଶିଙ୍ଗା ଥାନା ଅନ୍ତର୍ଗତ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋବିନ୍ଦ ସାହୁ ଶୁକ୍ରବାର ଅପରାଧର ଡେମୋ ଦେଖାଇଥିଲେ। ଏହାର ଭିଡିଓ ଏବେ ଭାଇରାଲ ହେଉଥିବା ବେଳେ ଘଟଣାକୁ ନେଇ ବହୁ ଅସମାହିତ ପ୍ରଶ୍ନ ଉପରୁ ପରଦା ଉଠିପାରିନାହିଁ। ଏପରି ସମୟରେ ଚର୍ଚ୍ଚାକୁ ଆସିଛି ରୁମ୍ ନଂ.୨୦।*

**ଭବାନୀପାଟଣା, ୨୩।୧୦(ସ୍ୱ.ପ୍ର)**



ମହାଲିଙ୍ଗସ୍ଥିତ ଉକ୍ତ ସ୍କୁଲ ଆରମ୍ଭ ହେବା ପୂର୍ବରୁ ସେଠାରେ ଚାଲିଛି ଏକ କଲେଜ। ଅଭିଯୁକ୍ତ ଗୋବିନ୍ଦ ସାହୁ ହେଉଛନ୍ତି ଉଭୟ ସ୍କୁଲ ଓ କଲେଜର ମାଲିକ। ଗୋବିନ୍ଦଙ୍କ ପ୍ରଭାବ ରାଜ୍ୟ ପାୱାର କରିଡର ଉପରେ ଏଭଳି ରହିଛି ଯେ ତାଙ୍କ ଶିକ୍ଷାନୁଷ୍ଠାନକୁ ମିଳିଛି ଅନେକ ସରକାରୀ ଅନୁଦାନ। କେବଳ ସେତିକି ନୁହେଁ, ଗୋବିନ୍ଦଙ୍କ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ଅଫିସର ବାରମ୍ବାର ଗସ୍ତ କରିଛନ୍ତି। ଏଭଳି ଗସ୍ତ ଓ ସରକାରୀ ଅନୁଦାନର ରହସ୍ୟକୁ ନେଇ ସାରା ରାଜ୍ୟରେ ନାନା ଆଲୋଚନା ଚାଲିଛି। ଏ ସମ୍ପର୍କିତ କେତେକ ଅଡିଓ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଗୋବିନ୍ଦଙ୍କ କଳା କାରନାମାର ଅନେକ ଫର୍ଦ୍ଦ ଘୂରି ବୁଲୁଛି। ଏଭଳିସ୍ଥଳେ କଲେଜର ଯୁକ୍ତ ୩ ଲେଡିଜ୍ ହଷ୍ଟେଲ ରୁମ୍ ନଂ. ୨୦ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଉକ୍ତ ହଷ୍ଟେଲର ସବୁ ରୁମ୍‌ରେ ଗୋଟିଏ ପ୍ରକାର ତାଲା ପଡ଼ିଥିବା ବେଳେ ରୁମ୍ ନଂ. ୨୦ରେ ଭିନ୍ନ ତାଲା ପଡ଼ିଛି। କ'ଣ ପାଇଁ ଏହି ରୁମ୍‌ରେ ଅଲଗା ତାଲା ପଡ଼ିଛି ତାହା ରହସ୍ୟ ହୋଇଥିବାବେଳେ ନାନା କଥା ଶୁଣିବାକୁ ମିଳୁଛି। ମମିତା ହତ୍ୟାକାଣ୍ଡର ତଦନ୍ତ କରୁ କରୁ ବଲାଙ୍ଗୀର ପୋଲିସ କଳାହାଣ୍ଡି ☞ପୃଷ୍ଠା-୨

## 'ହତ୍ୟାକାରୀ, ସହଯୋଗୀଙ୍କୁ ଫାଶୀ ଦିଅ'

**ମମିତା ହତ୍ୟାକାଣ୍ଡ**

**ପରିବାରବର୍ଗଙ୍କୁ ଭେଟିଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା**

**ବଲାଙ୍ଗୀର ଅଫିସ, ୨୩।୧୦**



ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଝରଣୀ ଗାଁରେ ମମିତା ମେହେରଙ୍କ ଘରେ ବସି ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରାଙ୍କ ନେତୃତ୍ୱାଧୀନ ୪ ଜଣିଆ ପ୍ରତିନିଧି ଦଳ ଶନିବାର ବଲାଙ୍ଗୀର ଜିଲା ଝରଣୀ ଗାଁକୁ ଯାଇ ମମିତା ମେହେର ହତ୍ୟା ଘଟଣାର ପୀଡିତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଅଧ୍ୟକ୍ଷା ବେହେରା ମମିତାଙ୍କ ମା' ତୁଳସୀ ମେହେର, ବାପା ସୁଚନ୍ଦ୍ର ମେହେର, ସାନଭାଇ ବଣ୍ଟି, ବଡ଼ଭଉଣୀ ମମତା ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆଲୋଚନା ସମୟରେ ଦୁଃଖରେ ଭାଙ୍ଗି ପଡ଼ିଥିବା ମମିତାଙ୍କ ମା'ବାପା ଏହି ଜଘନ୍ୟ ହତ୍ୟାକାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ଗୁହାରି କରିଥିଲେ। ମମିତା ପରିବାରର ରୋଜଗାରକ୍ଷମ ଝିଅ ଥିଲେ। ଏବେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ଦୋହଲିଯାଇଛି। ଏଣୁ ତାଙ୍କ ପୁଅକୁ ଚାକିରି ଦେବାକୁ ଓ ତାଙ୍କ ପରିବାରକୁ କିଛି ସହାୟତା ଦେବାକୁ ଅନୁରୋଧ କରିଥିଲେ। ଏଦିଗରେ ସେ ନିହାତି ପଦକ୍ଷେପ ନେବେ ବୋଲି ଅଧ୍ୟକ୍ଷା ବେହେରା ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ଶୁକ୍ରବାର ବଲାଙ୍ଗୀର ଏସ୍‌ପିଙ୍କୁ ଭେଟି କରିଥିବା ଆଲୋଚନା ବିଷୟରେ ଅଧ୍ୟକ୍ଷା ବେହେରା ପୀଡିତ ପରିବାରକୁ ଜଣାଇଥିଲେ। ସେ କହିଥିଲେ ଯେ, ମମିତା ହତ୍ୟାକାଣ୍ଡ ଏକ ଲୋମହର୍ଷଣ ଓ ଅତ୍ୟନ୍ତ ଦୁଃଖଦ ଘଟଣା। ଏଥିରେ ଏକ ଅମୂଲ୍ୟ ଜୀବନ ନଷ୍ଟ ହୋଇଯାଇଛି। ଏସ୍‌ପିଙ୍କ ସହ ଆଲୋଚନା ବେଳେ ପୋଲିସ ପକ୍ଷରୁ ଉଚିତ କାର୍ଯ୍ୟାନୁଷ୍ଠାନ ଜାରି ରଖାଯାଇଥିବା କହିଥିଲେ। ଖୁବ୍‌ଶୀଘ୍ର ତଦନ୍ତ ପ୍ରକ୍ରିୟା ସାରିବେ ବୋଲି ଏସ୍‌ପି କହିଛନ୍ତି। ଦୋଷୀଙ୍କୁ କିଭଳି କଠୋରରୁ କଠୋର ଦଣ୍ଡ ଦିଆଯିବ ସେ ଦିଗରେ ପଦକ୍ଷେପ ନେବାକୁ ଉଚିତ ପରାମର୍ଶ ଦିଆଯାଇଛି। ଫାଷ୍ଟଟ୍ରାକ୍ କୋର୍ଟରେ କିଭଳି ଏହି ମାମଲାର ବିଚାର ହେବ ସେଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏହି ଟିମ୍‌ରେ ଅଧ୍ୟକ୍ଷା ଡ. ବେହେରାଙ୍କ ସହ ଆଡିଶନାଲ ଏସ୍‌ପି ବିଜୟା ବରୁଆ, ଇନ୍ସପେକ୍ଟର ସସ୍ମିତା ଦାସ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ।

## ପ୍ରଶ୍ନପତ୍ର ଲିକ୍ ସତ୍ତ୍ୱେ ସରକାରୀ ଆଦର ଥମି ନ ଥିଲା

**ଭବାନୀପାଟଣା, ୨୩।୧୦(ସ୍ୱ.ପ୍ର.)**



ଗୋବିନ୍ଦ ସାହୁ

କଳାହାଣ୍ଡି ଜିଲା କେଶିଙ୍ଗା ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତାଙ୍କର ସହଯୋଗୀ ଗିରଫ ପରେ ଏବେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିବାରେ ଲାଗିଛି। ଗୋବିନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଯୁକ୍ତ ଦୁଇ କଲେଜ ଆରମ୍ଭରୁ ପ୍ରଶ୍ନପତ୍ର ଲିକ୍ ଭଳି ବିବାଦରେ ଛନ୍ଦି ହୋଇଥିଲେ ମଧ୍ୟ ଗତ ୮-୧୦ବର୍ଷ ଭିତରେ କଳାହାଣ୍ଡି ଜିଲାର ବହୁ ରାଜନେତା ଏହି କଲେଜ ପାଇଁ ନିଜର ଅକୁଣ୍ଠିତ ସମର୍ଥନ ଦେଇ ଆସିଛନ୍ତି। ଅବଶ୍ୟ ପ୍ରତିବଦଳରେ ସେମାନଙ୍କୁ ଖୁସି କରିବାକୁ ଗୋବିନ୍ଦ ସବୁ ଲକ୍ଷ୍ମଣରେଖା ଡେଇଁଥିବା ଚର୍ଚ୍ଚା ହେଉଛି।

ମିଳିଥିବା ସୂଚନା ଅନୁସାରେ, ୨୦୦୯-୧୦ ଶିକ୍ଷାବର୍ଷରେ ଗୋବିନ୍ଦଙ୍କ ଦ୍ୱାରା ମହାଲିଙ୍ଗରେ ଏହି ଯୁକ୍ତ ୨ ସାଇନ୍ସ କଲେଜ ସ୍ଥାପନ ହୋଇଥିଲା। ଏହି କଲେଜର ଛାତ୍ରୀଛାତ୍ରଙ୍କ ସିଟ୍ ସଂଖ୍ୟା ଆରମ୍ଭରୁ ୧୨୮ ରହିଥିଲା। ୨୦୧୩ ଯୁକ୍ତ୨ ପରୀକ୍ଷା ବେଳେ କେମେଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ବିବାଦରେ କଲେଜ ଛନ୍ଦି ହୋଇ ପଡ଼ିଥିଲା। ଏନେଇ ତତ୍କାଳୀନ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଗିରଫ ହୋଇଥିଲେ। ଏପରି କି କଲେଜରେ ପଢୁଥିବା ପିଲାମାନେ ଅନ୍ୟତ୍ର ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ଲିକ୍ ଘଟଣା କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ ହୋଇଥିଲା। ଏହାସତ୍ତ୍ୱେ ୨୦୧୩ ଶିକ୍ଷାବର୍ଷରୁ ସେଠାରେ ଏକ ଡିଗ୍ରୀ ସାଇନ୍ସ କଲେଜ ଖୋଲିବାକୁ ଗୋବିନ୍ଦ ସକ୍ଷମ ହୋଇଥିଲେ। ଏହାସାଙ୍ଗକୁ ବିପୁଳ ଟଙ୍କାର ଅନୁଦାନ ସରକାରୀ ଆଦର ମଧ୍ୟ ପାଇଥିଲେ। ୨୦ରୁ ୨୫ଏକର ପରିମିତ ଜମିରେ ଗଢ଼ିଉଠିଥିବା ଉଭୟ ଯୁକ୍ତ୨ ଓ ଯୁକ୍ତ୩ କଲେଜ ଏବେ ବି ସମ୍ପୂର୍ଣ୍ଣ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ। କିନ୍ତୁ ପଶ୍ଚିମଓଡ଼ିଶା ବିକାଶ ପରିଷଦ ଦ୍ୱାରା ପ୍ରାୟ ୪୩ ଲକ୍ଷ ଟଙ୍କାର ଅନୁଦାନ ଏହି ଶିକ୍ଷାନୁଷ୍ଠାନକୁ ମିଳିଛି। ସେହିପରି ଏମ୍‌ପି ଓ ☞ପୃଷ୍ଠା-୨

## ସୁନାଚେନ୍, ପାଉଁଜି, ବ୍ୟାଗ୍ ଚିହ୍ନିଲେ ମା'ବାପା

**ବଲାଙ୍ଗୀର ଅଫିସ, ୨୩।୧୦**



ମମିତା ମେହେର

ମମିତା ମେହେର ହତ୍ୟା ଘଟଣାରେ ପୋଲିସ ଶନିବାର ବଡଧରଣର ପ୍ରମାଣ ସୁନିଶ୍ଚିତ କରିଛି। କଳାହାଣ୍ଡି ଜିଲା ମହାଲିଙ୍ଗ ଷ୍ଟାଡିୟମରେ ଖୋଳାଯାଇଥିବା ଗର୍ତ୍ତରୁ ମିଳିଥିବା ସୁନାଚେନ୍, ପାଉଁଜି, ବ୍ୟାଗ୍‌କୁ ମମିତାଙ୍କ ମା'ବାପା ଓ ଭାଇ ଚିହ୍ନଟ କରିଛନ୍ତି। ବଲାଙ୍ଗୀର ମନୋହାରପୁର ରିଜର୍ଭ ପୋଲିସ ବାରାକକୁ ମମିତାଙ୍କ ମା' ତୁଳସୀ ମେହେର, ବାପା ସୁଚନ୍ଦ୍ର ମେହେର ଓ ସାନଭାଇ ବଣ୍ଟି ମେହେରଙ୍କୁ ନିଆଯାଇଥିଲା। ସେଠାରେ ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାର, ଏସ୍‌ପି ନୀତିନ କୁଶଲକରଙ୍କ ଉପସ୍ଥିତିରେ ପୋଡ଼ି ଯାଇଥିବା ସୁନାଚେନ୍, ପାଉଁଜି ଓ ଏକ ବ୍ୟାଗ୍ ଚିହ୍ନିବାକୁ ଦିଆଯାଇଥିଲା। ଉକ୍ତ ସାମଗ୍ରୀ ସବୁକୁ ମମିତାଙ୍କ ମା', ବାପା ଓ ଭାଇ ଚିହ୍ନିଥିଲେ। ଏହାପରେ ମମିତାଙ୍କ ମା'ବାପାଙ୍କ ଅନୁରୋଧକ୍ରମେ ସୁନାଚେନ ଓ ପାଉଁଜିକୁ ପୋଲିସ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଥିଲା। ☞ପୃଷ୍ଠା-୨

# ୨୦% ଜଜ୍‌ଙ୍କ ପାଇଁ ବସିବାକୁ ଜାଗା ନାହିଁ

**ନ୍ୟାୟପାଳିକାର ଆର୍ଥିକ ସ୍ୱାୟତ୍ତତା ଉପରେ ସିଜେଆଇଙ୍କ ଗୁରୁତ୍ୱ**

**୪୨% କୋର୍ଟରେ ଟଏଲେଟ ନାହିଁ**

**ମୁମ୍ବାଇ, ୨୩।୧୦**



ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନା

ଦେଶର ବିଚାର ବ୍ୟବସ୍ଥାର ଭିତ୍ତିଭୂମିକୁ ନେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏନ୍.ଭି. ରମନା ଶନିବାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ୨୦ ପ୍ରତିଶତ ନ୍ୟାୟିକ ଅଧିକାରୀଙ୍କ ନିମନ୍ତେ ବସିବା ପାଇଁ ଉପଯୁକ୍ତ କୋର୍ଟ ରୁମ୍‌ର ଅଭାବ ରହିଥିବାବେଳେ ୪୨ ପ୍ରତିଶତ ଅଦାଲତରେ ଟଏଲେଟ ନ ଥିବା ସେ ସୂଚାଇଛନ୍ତି। ଜାତୀୟ ନ୍ୟାୟିକ ଭିତ୍ତିଭୂମି କର୍ତ୍ତୃପକ୍ଷ ସ୍ଥାପନ ଲାଗି ସେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଇବା ସହ ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ଉକ୍ତ ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ। ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେଲେ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ। ତେବେ ଆଶ୍ଚର୍ଯ୍ୟର କଥା ଭିତ୍ତିଭୂମି ବିକାଶ ଓ ପରିଚାଳନା ଏବେ ବି ଅନୌପଚାରିକ ଓ ବିନା ଯୋଜନାରେ ଚାଲିଛି ବୋଲି ବମ୍ବେ ହାଇକୋର୍ଟର ଔରଙ୍ଗାବାଦ ବେଞ୍ଚର ଆନେକ୍ସ ବିଲ୍ଡିଂ ଉଦ୍‌ଘାଟନ ଅବସରରେ ସିଜେଆଇ ମତ ଦେଇଛନ୍ତି।

ଆଇନ ଦ୍ୱାରା ଶାସିତ ଯେକୌଣସି ସମାଜ ପାଇଁ ଅଦାଲତ ଅତ୍ୟନ୍ତ ଜରୁରୀ। ପ୍ରଭାବଶାଳୀ ନ୍ୟାୟ ବ୍ୟବସ୍ଥା ଅର୍ଥନୀତିର ବିକାଶରେ ସହାୟକ ହୋଇପାରିବ। ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ଗଣତନ୍ତ୍ରର ସବୁଠୁ ବଡ଼ ଶକ୍ତି। ନ୍ୟାୟକୁ ସାମ୍ବିଧାନିକ ଅଧିକାରର ଗ୍ୟାରେଣ୍ଟି କୋର୍ଟ ସୁନିଶ୍ଚିତ କରିଥାଏ ବୋଲି ସିଜେଆଇ କହିଥିଲେ। ତେବେ ଦେଶର ଅନେକ ଅଦାଲତ ବିଭିନ୍ନ ସମସ୍ୟା ମଧ୍ୟରେ ଚାଲିଛି। କେତେକ କୋର୍ଟରେ ଉପଯୁକ୍ତ ସୁବିଧା ନ ଥିବାବେଳେ ଅନ୍ୟ କେତେକ ଜରାଜୀର୍ଣ୍ଣ ବିଲ୍ଡିଂରେ ଚାଲିଛି। ଭାରତରେ ନ୍ୟାୟିକ ଅଧିକାରୀଙ୍କ ମୋଟ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ୨୪,୨୮୦ ହୋଇଥିବାବେଳେ କୋର୍ଟ ରୁମ୍ ସଂଖ୍ୟା ୨୦,୧୪୩। ସେଥିରୁ ୬୨୦ ଭଡ଼ାଘର। ୨୬ ପ୍ରତିଶତ କୋର୍ଟରେ ମହିଳାମାନଙ୍କ ପାଇଁ ଅଲଗା ଟଏଲେଟ ବ୍ୟବସ୍ଥା ନ ଥିବାବେଳେ ୧୬ ପ୍ରତିଶତରେ ଆଦୌ ଟଏଲେଟ ନାହିଁ। ମାତ୍ର ୫୪ ପ୍ରତିଶତ ଅଦାଲତରେ ବିଶୁଦ୍ଧ ପାନୀୟ ଜଳ ସୁବିଧା ରହିଛି।

ବର୍ତ୍ତମାନର କମ୍ପ୍ୟୁଟର ଯୁଗରେ ମାତ୍ର ୨୭ ପ୍ରତିଶତ କୋର୍ଟରୁମ୍‌ରେ ବିଚାରପତିଙ୍କ ଡାଏସ୍‌ରେ କମ୍ପ୍ୟୁଟର ସହ ଭିଡିଓ କନ୍‌ଫରେନ୍ସ ସୁବିଧା ରହିଛି। ୫୧ ପ୍ରତିଶତ ଅଦାଲତରେ ଲାଇବ୍ରେରି ଥିବାବେଳେ ୩୨ ପ୍ରତିଶତରେ ସ୍ୱତନ୍ତ୍ର ରେକର୍ଡ ରୁମ୍ ଏବଂ ମାତ୍ର ୫ ପ୍ରତିଶତ କୋର୍ଟରେ ମୌଳିକ ଚିକିତ୍ସା ସୁବିଧା ରହିଛି। ଏଭଳି ମାନସିକତା ଯୋଗୁ ଦେଶରେ ଅଦାଲତଗୁଡ଼ିକ ଅତ୍ୟନ୍ତ ଦୟନୀୟ ଭିତ୍ତିଭୂମିରେ ଚାଲିଛି, ଯାହା ଫଳରେ କାର୍ଯ୍ୟ ସମ୍ପାଦନରେ ସମସ୍ୟା ହେଉଛି ବୋଲି ସିଜେଆଇ କହିଥିଲେ। କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ କିରେନ ରିଜିଜୁ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**

"ଦେଶରେ ଅଣନିଃଶ୍ୱାସୀ ହେବା ଭଳି ବାତାବରଣ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ଏହା ଦୂର କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରନ୍ତୁ। **-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ତିଉଣ
ଦିହକୁ ଗୁଣ।**

ପିତା ସ୍ୱାସ୍ଥ୍ୟ ପ୍ରତି ବେଶ୍ ହିତକାରକ। ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପ୍ରତି ବେଶ୍ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ନିୟମିତ ପିତା ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପେଟରେ ଭୋକ,
ମୁହଁରେ ଲାଜ।**

ଭୋକ ଲାଗୁଥିଲେ ଅଧିକ ଖାଦ୍ୟ ମଗାଇ ଖାଇବାରେ କୌଣସି ସଂକୋଚ କରିବା ଉଚିତ ହୋଇ ନ ଥାଏ। ତେବେ ଲଜ୍ଜାବଶତଃ ଖାଇବାକୁ ନ ମାଗିଲେ ପେଟ ଅପୋଷା ରହିଯିବାର ସମ୍ଭାବନା ରହିଥାଏ। ମୁହଁ ନ ଖୋଲିଲେ କେହି ଯାଚି କରି ଦେଇଯିବା ସମ୍ଭବ ନୁହେଁ। ଏପରି ସ୍ଥଳେ ବ୍ୟକ୍ତି ନିଜର ଆବଶ୍ୟକତାକୁ ଚାହିଁ ମୁହଁ ନ ଖୋଲିଲେ ଅସୁବିଧାରେ ପଡ଼ିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ରୁମ୍ ନଂ. ୨୦ରେ ...

ଜିଲା ମହାଲିଙ୍ଗ କଲେଜର ଯୁକ୍ତ ୩ ଲେଡିଜ୍ ହଷ୍ଟେଲରେ ପହଞ୍ଚିଥିଲା। ମାତ୍ର ସେଠାରେ ରୁମ୍ ନଂ.୨୦ରେ ଏକ ଅଲଗା ତାଲା ପଡିଥିବା ବେଳେ ପୋଲିସ ତାହାର ଚାବି ପାଇ ନ ଥିଲା। ଏପରି କି ୱାର୍ଡେନ ବି ଏ ସମ୍ପର୍କରେ ପୋଲିସକୁ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଗତ ୮ ତାରିଖରେ ମମିତାଙ୍କୁ ହତ୍ୟା କରାଯାଇଥିଲେ ହେଁ ୧୩ ତାରିଖ ପର୍ଯ୍ୟନ୍ତ ଗୋବିନ୍ଦ ଖୋଲାରେ ବୁଲିଥିଲେ। ଏହି ସମୟରେ ସେ ରୁମ୍ ନଂ.୨୦କୁ ଯାଇ ସେଠାରେ ଥିବା ପ୍ରମାଣ ନଷ୍ଟ କରିଥିବା ସନ୍ଦେହ କରାଯାଉଛି। ସେଠାରେ ରହୁଥିବା ଅନ୍ତେବାସୀଙ୍କୁ ବଲାଙ୍ଗୀର ପୋଲିସ ବାରମ୍ବାର ପଚରାଉଚରା କରିଥିଲା। ତେଣୁ ମମିତା ମର୍ଡର ମିଷ୍ଟ୍ରି ସହ ରୁମ୍ ନଂ. ୨୦ର ଲିଙ୍କ୍ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଗୋବିନ୍ଦଙ୍କ ସହ ଘନିଷ୍ଠ ସମ୍ପର୍କ ଏବଂ ତାଙ୍କ ଶିକ୍ଷାନୁଷ୍ଠାନକୁ ବାରମ୍ବାର ଗସ୍ତ କରିଥିବା ନେଇ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ଅନେକ ଚର୍ଚ୍ଚା ଓ ଅଭିଯୋଗ ହେଉଛି। ତେଣୁ ଘଟଣାର ତଦନ୍ତରେ ପୋଲିସ ଭୂମିକା ଉପରେ ସାଧାରଣରେ ସନ୍ଦେହ ହେଉଛି। ଲେଡିଜ୍ ହଷ୍ଟେଲରେ ସିସିଟିଭି କ୍ୟାମେରା ଥିବା ବେଳେ ପୋଲିସ କାହିଁକି ଫୁଟେଜ୍ ଯାଞ୍ଚ କରୁନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିସିଟିଭି ଫୁଟେଜ ଯାଞ୍ଚ କଲେ ଗୋବିନ୍ଦ ଘଟଣା ପରଠାରୁ କେତେଥର ଉକ୍ତ ହଷ୍ଟେଲକୁ ଯାଇଛନ୍ତି, ସେଠାରେ କେତେ ସମୟ ରହିଛନ୍ତି ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ମମିତା ହତ୍ୟାକାଣ୍ଡ କଳାହାଣ୍ଡି ଜିଲାରେ ଘଟିଥିବା ବେଳେ ଜିଲା ପୋଲିସ ଏ ଯାଏ ଆକ୍ସନ ମୁଡ୍‌କୁ ଆସିନାହିଁ ବୋଲି ମଧ୍ୟ କୁହାଯାଉଛି। କାରଣ ବଲାଙ୍ଗୀର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତକୁ ଜୋର୍‌ଦାର କରିଥିବା ବେଳେ କଳାହାଣ୍ଡି ପୋଲିସ କେବଳ ସହଯୋଗୀ ଭୂମିକା ତୁଲାଉଛି। ବିଶେଷକରି କେଗାଁ ପୋଲିସର ସହଯୋଗ ବିନା ଗୋବିନ୍ଦ ଘଟଣା ଘଟିବାର ପ୍ରାୟ ୫ ଦିନ ଯାଏ ନିର୍ବିଘ୍ନରେ ବୁଲାବୁଲି କରିବା ସମ୍ଭବ ନୁହେଁ ବୋଲି ଆଲୋଚନା ହେଉଛି। ଏପରି କି ମମିତା ନିଖୋଜ ହେବା ପରେ ତାଙ୍କ ପରିବାର ପକ୍ଷରୁ କେଗାଁ ଥାନାରେ ଅଭିଯୋଗ ହୋଇଥିଲା। ପ୍ରଥମେ ପୋଲିସ ଅଭିଯୋଗ ରଖିବାକୁ ମନା କରି ଦେଇଥିଲା। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଚାପରେ କେଗାଁ ପୋଲିସ ଏପରି କରିଥିବା ଚର୍ଚ୍ଚା ଜୋର ଧରିଥିଲା। ଗତ ଗୁରୁବାର କେଗାଁ ଆଇଆଇସି ଉମୁ ପରଜାଙ୍କୁ ସରକାର ନିଲମ୍ବନ କରିଥିଲେ। ହେଲେ ତଦନ୍ତରେ ସ୍ୱଚ୍ଛତା ପାଇଁ ମନ୍ତ୍ରୀ ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ବିଭିନ୍ନ ଦଳ ଓ ସଂଗଠନ ପକ୍ଷରୁ ହେଉଥିବା ଦାବିକୁ ସରକାର ଏ ଯାଏ ଗ୍ରହଣ କରିନାହାନ୍ତି।

## ମହାଲିଙ୍ଗରେ ସ୍ଥିତି ଅନୁଧ୍ୟାନ କଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

ଭବାନୀପାଟଣା/ଗୋଲାମୁଣ୍ଡା,୨୩।୧୦(ସ୍ୱ.ପ୍ର/ଡି.ଏନ.ଏ.): ଶନିବାର ମଧ୍ୟାହ୍ନରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ମହାଲିଙ୍ଗ ହାଇସ୍କୁଲ ଷ୍ଟାଡିୟମ ଆସି ମମିତାଙ୍କୁ ପୋତା ଯାଇଥିବା ସ୍ଥାନକୁ ଅନୁଧ୍ୟାନ କରିଥିଲେ । ଏହାପରେ କେଗାଁ ଥାନାକୁ ଯାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଘଟଣା ବିଷୟରେ ଆଲୋଚନା କରିଥିଲେ। ଏଥିପୂର୍ବରୁ ମହିଳା କମିଶନ ଅଧ୍ୟକ୍ଷା ବେହେରା ବଲାଙ୍ଗୀର ଜିଲା ମମିତାଙ୍କ ଗାଁ ଝରଣୀକୁ ଯାଇ ପରିବାର ଲୋକଙ୍କୁ ସାକ୍ଷାତ୍ କରିଥିଲେ। ଏହି ଅବସରରେ ମହିଳା କମିଶନ ଅଧ୍ୟକ୍ଷା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ, ଦୋଷୀ କଠୋର ଦଣ୍ଡ ପାଇବ। ପରିବାର ଲୋକେ ଏକମାତ୍ର ରୋଜଗାରିଆ ଝିଅଙ୍କୁ ହରାଇଛନ୍ତି। ସେମାନେ କିପରି ଭଲରେ ରହିବେ ତା'ର ବ୍ୟବସ୍ଥା କରାଯିବ । ଏହାଛଡା ମହାଲିଙ୍ଗ କଲେଜ କିପରି ଠିକରେ ଚାଲିବ ସେ ବିଷୟରେ କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦ,ଏସ୍‌ପି ଶ୍ରବଣ ବିବେକ ଏମ୍, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ସହିତ ଆଲୋଚନା କରାଯିବ ବୋଲି କହିଥିଲେ। ରାଜ୍ୟ ମହିଳା କମିଶନଙ୍କ ଗସ୍ତକୁ ଦେଖି ପୋଲିସ ପକ୍ଷରୁ ମହାଲିଙ୍ଗ ଓ କେଗାଁରେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

### ସୁନାଚେନ୍, ପାଉଁଜି, ...

ଏହାପରେ ମମିତାଙ୍କ ମା' କୋହ ସମ୍ଭାଳି ପାରି ନ ଥିଲେ। ଉକ୍ତ ସାମଗ୍ରୀ ବର୍ତ୍ତମାନ ତଦନ୍ତ ପରିସରଭୁକ୍ତ ରହିଥବାରୁ ଆବଶ୍ୟକ ପଡ଼ିଲେ ସୁନାଚେନ ଓ ପାଉଁଜିକୁ କୋର୍ଟରେ ସେମାନେ ଦାଖଲ କରିବେ ବୋଲି ଡିଆଇଜି ଦୀପକ କୁମାର କହିଥିଲେ। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ପୋଲିସକୁ କହିଥିଲେ ଯେ, କାର ଭିତରେ ମମିତାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଷ୍ଟାଡିୟମ ଗାତରେ ମୃତଦେହକୁ ପୋଡିବା ପରେ ପୋତି ଦେଇଥିଲେ। ଏହି ସ୍ଥାନରୁ ପୋଲିସକୁ ମିଳିଥିବା ଏକ ସୁନାଚେନ୍, ପାଉଁଜି ଏବଂ ବ୍ୟାଗ୍‌କୁ ମମିତାଙ୍କ ପରିବାର ଲୋକେ ଚିହ୍ନିବା ପରେ ଏହି ହତ୍ୟାକାଣ୍ଡର ଏହାକୁ ଠୋସ୍ ପ୍ରମାଣ ଭାବେ ପୋଲିସ କୋର୍ଟରେ ଉପସ୍ଥାପନ କରିବ ବୋଲି ଜଣାପଡିଛି। ଶୁକ୍ରବାର କଳାହାଣ୍ଡି ଜିଲା କେଗାଁ ଥାନା ସମ୍ମୁଖରେ ଗୋବିନ୍ଦଙ୍କ ସହଯୋଗୀ ତଥା ମମିତା ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡୀଙ୍କ ସ୍ତ୍ରୀଙ୍କଠାରୁ ମିଳିଥିବା ଏକ ବ୍ୟାଗ୍‌ରେ ଥିବା ମୋବାଇଲ ଫୋନ, ଝିଅପିଲାଙ୍କ ନୂଆ ଲୁଗା ଏବଂ ବ୍ୟାଗ୍ ମମିତାଙ୍କର ନୁହେଁ ବୋଲି ପରିବାର ଲୋକେ କହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଏଭଳିସ୍ଥଳେ ମମିତାଙ୍କ ମୋବାଇଲ ଫୋନ ଏବେ କେଉଁଠି ଅଛି ତାହା ସ୍ପଷ୍ଟ ହୋଇନାହିଁ। ଉକ୍ତ ଫୋନ୍‌ରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ପରକୀୟା ପ୍ରୀତିର ଅନେକ ଗୁମର ରହିଥିଲା ବୋଲି ଚର୍ଚ୍ଚା ହେଉଛି। ଗୋବିନ୍ଦଙ୍କ ପରକୀୟା ପ୍ରୀତି ପ୍ରଘଟ କରିଦେବେ ଭାବି ଗୋବିନ୍ଦ ମମିତାଙ୍କୁ ହତ୍ୟା କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଜେରାବେଳେ ସ୍ମାର୍ଟଫୋନ୍‌କୁ ଗୋବିନ୍ଦ ମହାଲିଙ୍ଗ ଷ୍ଟାଡିୟମ ଗାତରେ ମମିତାଙ୍କ ମୃତଦେହ ସହ ପୋଡ଼ି ଦେଇଥିବା ପୋଲିସକୁ କହିଥିଲେ। ଏହା ଶୁଣିବା ପରେ ପୋଲିସ ପକ୍ଷରୁ ଉକ୍ତ ଷ୍ଟାଡିୟମ ଗାତରେ ମେଟାଲ ଡିଟେକ୍ଟର ଜରିଆରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାହା ମିଳିଛି ନା ନାହିଁ ପୋଲିସ ସ୍ପଷ୍ଟ କରିନାହିଁ। ସାମଗ୍ରୀ ଚିହ୍ନଟ କରିବା ପରେ ମମିତାଙ୍କ ପରିବାର ସଦସ୍ୟ ବଲାଙ୍ଗୀରରୁ ତୁରେକେଲା ବ୍ଲକ ଝରଣୀ ଗାଁକୁ ଫେରି ଆସିଛନ୍ତି।

## ଜିଲାପାଳଙ୍କୁ ଭେଟିଲେ ମମିତାଙ୍କ ପରିବାର

ମମିତା ମେହେର ହତ୍ୟା ଘଟଣା ରାଜ୍ୟ ତଥା ଜାତୀୟ ସ୍ତରରେ ଆଲୋଡ଼ନ ଖେଳାଇ ଦେଇଛି। ଏହି ବୀଭତ୍ସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ଧରାପଡିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଅନେକ ପ୍ରମାଣର ଆବଶ୍ୟକତା ରହିଛି। ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିବାରୁ ଏହି ହତ୍ୟାକାଣ୍ଡ ଜଟିଳ ମାମଲା ହେବାକୁ ଯାଉଛି। ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ସମୟରେ ମମିତାଙ୍କ ମା'ବାପା ଓ ଭାଇ ଶନିବାର ବଲାଙ୍ଗୀର ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଆଲୋଚନା କରିଛନ୍ତି। ଜିଲାପାଳଙ୍କ ସହ ବାସ୍ତବରେ କ'ଣ ଆଲୋଚନା ହୋଇଛି ସେନେଇ ସ୍ପଷ୍ଟ ଜଣାପଡ଼ି ନାହିଁ। ହେଲେ ଏହି ସଙ୍ଗିନ ମାମଲାକୁ ରାଜ୍ୟ ସରକାର ଫାଷ୍ଟଟ୍ରାକ୍ କୋର୍ଟରେ ଶୁଣାଣି କରି ନ୍ୟାୟ ପ୍ରଦାନ କରନ୍ତୁ ବୋଲି ମମିତାଙ୍କ ପରିବାର ଲୋକେ ଶନିବାର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଲିଖିତ ଅନୁରୋଧ କରିଥିବା ଜଣାପଡିଛି। ମମିତାଙ୍କ ପରିବାର ଲୋକେ କିମ୍ବା ଜିଲାପାଳ ଗଣମାଧ୍ୟମକୁ କିଛି ବି ଜଣାଇନାହାନ୍ତି। ଜିଲାପାଳଙ୍କୁ ଫୋନ୍ ଯୋଗେ ତାଙ୍କର ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ପ୍ରଶ୍ନପତ୍ର ଲିକ୍ ସତ୍ତ୍ୱେ...

ଏମ୍‌ଏଲ୍‌ଏ ଲ୍ୟାଡ୍, ସ୍ପେଶାଲ ଡେଭଲପମେଣ୍ଟ ଫଣ୍ଡରୁ ପ୍ରାୟ ଦେଢ଼ରୁ ଦୁଇ କୋଟି ଟଙ୍କାର ସରକାରୀ ଅନୁଦାନ କଲେଜକୁ ମିଳିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମହାଲିଙ୍ଗସ୍ଥିତ ଯୁକ୍ତ୨ କଲେଜର ଆଡମିଶନ ଦାୟିତ୍ୱରେ ଥିବା ଜଣେ ଅଧ୍ୟାପକ କହିଛନ୍ତି, ୨୦୦୯-୧୦ରେ ଯୁକ୍ତ୨ ସାଇନ୍ସ କଲେଜ ଗୋବିନ୍ଦ ସାହୁଙ୍କ ପ୍ରଚେଷ୍ଟାରେ ଖୋଲିଥିଲା। ୨୦୧୯-୨୦ରେ ଏହି କଲେଜର ସିଟ୍ ସଂଖ୍ୟା ୩୮୬କୁ ବୃଦ୍ଧି ହୋଇଥିଲା ଯାହାକି ଗତବର୍ଷ ୪୩୨ ଓ ଚଳିତ ଶିକ୍ଷାବର୍ଷରେ ୪୯୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ୨ ସାଇନ୍ସ କଲେଜରେ ୪୯୬ରୁ ୪୮୮ଟି ସିଟ୍ ପୂରଣ ହୋଇଥିବାବେଳେ ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଗୋବିନ୍ଦଙ୍କ ଘନିଷ୍ଠତା ନେଇ ନିରପେକ୍ଷ ତଦନ୍ତ ହେଲେ ଆହୁରି ଅନେକ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଉଛି। ନିକଟରେ ପୋଲିସ ଗୋବିନ୍ଦଙ୍କ ସମ୍ପର୍କୀୟ ତଥା ଯୁକ୍ତ୨ କଲେଜର ଜଣେ କର୍ମଚାରୀଙ୍କୁ ଗିରଫ କରିବା ପରେ ଏହି ଶିକ୍ଷାନୁଷ୍ଠାନରେ ଚାଲିଥିବା ସେକ୍ସ ସ୍କାଣ୍ଡାଲ ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି।

### ପେଟ୍ରୋଲ ୩୫, ଡିଜେଲ ...

ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି ବୋଲି ଜଣାପଡ଼ିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ଡିଜେଲ ୩୮ ପଇସା ଏବଂ ପେଟ୍ରୋଲ ୩୫ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୪.୬୮ ଟଙ୍କା ଏବଂ ପେଟ୍ରୋଲ ୧୦୮.୧୯ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୫.୦୨ ଟଙ୍କା ଓ ପେଟ୍ରୋଲ ୧୦୮.୫୪ ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ୬.୧୫ ଟଙ୍କା ଏବଂ ଡିଜେଲ ୮.୦୭ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୩୫ ପଇସା ବୃଦ୍ଧି ଘଟିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୫.୯୭ ଟଙ୍କା ଏବଂ ପେଟ୍ରୋଲ ୧୦୭.୨୪ ଟଙ୍କା ରହିଛି। ବିଗତ ୫ ସପ୍ତାହ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୬.୦୫ ଟଙ୍କା ଏବଂ ଡିଜେଲ ୭.୩୫ ଟଙ୍କା ବଢ଼ିଥିବା ନିଗମ ପକ୍ଷରୁ ସୂଚନା ମିଳିଛି। ସେହିପରି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମ ୧୦୦.୨୫ ଟଙ୍କା, ୯୯.୦୮ ଟଙ୍କା ଏବଂ ୧୦୪ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୩୦ରୁ ୩୪ ପଇସା ବଢ଼ି ଯଥାକ୍ରମେ ୧୦୪.୨୨ ଟଙ୍କା, ୧୦୭.୭୮ ଟଙ୍କା ଏବଂ ୧୧୩.୧୨ଟଙ୍କାରେ ରହିଛି। ସାରା ଦେଶରେ ସର୍ବାଧିକ ତୈଳ ଦର ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ଲିଟର ପିଛା ୧୧୯.୪୨ ଟଙ୍କା ଥିବାବେଳେ ଡିଜେଲ ୧୧୦.୨୬ ଟଙ୍କାରେ କାରବାର ହେଉଛି ବୋଲି ସୂଚନା ମିଳିଛି।

### ଅଫ୍‌ଲାଇନ୍‌ରେ ହେବ ...

ଆରମ୍ଭ କରି ବିଭିନ୍ନ ଆଡୁ ଅନୁରୋଧ କରାଯାଇଥିଲା। ପ୍ରଥମ ସେମିଷ୍ଟର ଅନ୍‌ଲାଇନ୍‌ରେ ହୋଇଥିଲା। ଯେଉଁଥିରେ ପିଲାମାନେ ନେଟ୍‌ୱର୍କ ସହ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏନେଇ ପିଲା, ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ଆମକୁ ଜଣାଇବା ସହ ଟର୍ମ-୧ ପରୀକ୍ଷାକୁ ଅଫ୍‌ଲାଇନ୍‌ରେ କରିବା ପାଇଁ ଅନୁରୋଧ କରିଥିଲେ। ତେଣୁ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଏହି ପରୀକ୍ଷାକୁ ନିଜ ସ୍କୁଲ୍‌ରେ ଅଫ୍‌ଲାଇନ୍‌ରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ପରୀକ୍ଷା କିପରି ହେବ ସେନେଇ ଏକ ଗାଇଡ୍‌ଲାଇନ୍ ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ଗେରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସିଆଇଏସ୍‌ସିଇ ୨୦୨୧-୨୨ ବୋର୍ଡ ପରୀକ୍ଷାକୁ ଦୁଇଟି ଟର୍ମରେ ବିଭକ୍ତ କରିଛନ୍ତି। ପ୍ରଥମ ଟର୍ମ ଅନ୍‌ଲାଇନ୍‌ରେ ହେବ ଏବଂ ଦ୍ୱିତୀୟ ଟର୍ମ ଅନ୍‌ଲାଇନ୍ ନା ଅଫ୍‌ଲାଇନ୍‌ରେ ହେବ ତାହା ସେତେବେଳର କରୋନା ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ସିଆଇଏସ୍‌ସିଇ ପକ୍ଷରୁ ପୂର୍ବରୁ କୁହାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହଯୋଗ ଆପଣଙ୍କୁ କାର୍ଯ୍ୟସିଦ୍ଧି ଘଟାଇବା ସହ ହସଖୁସି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତିରେ ଶୃଙ୍ଖଳିତ ହେବ।

**ବୃଷ**
ଅଫିସ୍‌ରେ ଅଟକି ରହିଥିବା କେତେକ ଫାଇଲ୍ କାମ ତାହାର କାରଣ ହୋଇପାରେ। ସ୍ୱାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ଅର୍ଥନୈତିକ ପ୍ରଗତି ସହ ସାମାଜିକ ପ୍ରତିଷ୍ଠା ମନୋବଳ ବୃଦ୍ଧିରେ ସହାୟକ ହେବ। କିନ୍ତୁ ପାରିବାରିକ ଜୀବନରେ ତିକ୍ତତା ସୃଷ୍ଟି ହେବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଅବଶ୍ୟ ମୃଗଶିରା ନକ୍ଷତ୍ର ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କର୍କଟ**
ଭୁଲ୍ ବୁଝାମଣା କାରଣରୁ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ପରିବାରର ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି। ବନ୍ଧୁମାନଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ମନେ ହୋଇପାରେ।

**ସିଂହ**
ଆଜି ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିବ। କୌଣସି ବନ୍ଧୁ ରାଗ ଶୁଝାଇବାକୁ ଯାଇ କଅଁଳ ଭାଷାରେ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ି ଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ। ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଆବଶ୍ୟକତା ପୂରଣ କରିବାକୁ ଯାଇ ମୋଟା ଅଙ୍କର ଅର୍ଥ ଧାରକରଜ କରିବାକୁ ପଡ଼ିପାରେ।

**ତୁଳା**
ବନ୍ଧୁମାନଙ୍କ ସହାୟତାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କିନ୍ତୁ ସାୟାହ୍ନେ ଶାରୀରିକ ପୀଡ଼ା ଯୋଗୁଁ ମନ ବିଚଳିତ ହୋଇପାରେ। ସତର୍କତା ରକ୍ଷା ନ କଲେ ନିଜ ଲୋକମାନେ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିଭିନ୍ନ ପ୍ରକାରର ସମସ୍ୟା ରହିଥିଲେ କାମ ମଧ୍ୟ କରିବାକୁ ପଛାଇବେ ନାହିଁ।

**ବିଛା**
ଆତ୍ମୀୟମାନେ ଦୂରେଇଯିବା ଆକସ୍ମିକ ସମସ୍ୟା ସୃଷ୍ଟି କରିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ଧନୁ**
ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, କିନ୍ତୁ ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହେବେ। ହଠାତ୍ କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ସମ୍ପର୍କୀୟଙ୍କ ସାହାଯ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବ।

**ମକର**
ବନ୍ଧୁମାନଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହର ସୂଚନା ରହିଛି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଖଳ ଲୋକମାନଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଉତ୍ତରାଷାଢ଼ା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**
ଆଜିର ଜୀବନଚର୍ଯ୍ୟା ମଧ୍ୟରେ ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡିବ। ତୀର୍ଥସ୍ଥଳରେ କିମ୍ବା ପ୍ରବାସରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଦୀର୍ଘପଥ ଭ୍ରମଣ ହେତୁ ଅବସାଦ ଦେଖାଦେଇ ପାରେ। ଘରୁ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି।

**ମୀନ**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ, ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ବହୁ ପୂର୍ବରୁ ଭଲ ସମ୍ପର୍କ ନଥିବା କୌଣସି ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

### ଓଡ଼ିଶାରୁ ବିଳମ୍ବରେ ...

ଜୁଲାଇରେ ୧୯% ଓ ଅଗଷ୍ଟରେ ୨୯% ନିଅଣ୍ଟିଆ ବର୍ଷା ହୋଇଥିବାବେଳେ କେବଳ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ୭୦% ଅଧିକ ବର୍ଷା ହୋଇଥିଲା। ବିଶେଷ କରି ଭୁବନେଶ୍ୱର, ପୁରୀ, ଜଗତ୍‌ସିଂହପୁରରେ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ହେଲେ ଅକ୍ଟୋବର ୨୩ ଦିନରେ ରାଜ୍ୟରେ ୧୪% ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଓ ଦେବଗଡ଼ରେ ଅଧିକରୁ ଅଧିକ ବର୍ଷା ହୋଇଥିବାବେଳେ ମୟୂରଭଞ୍ଜ, ବାଲେଶ୍ୱର ଓ ମାଲକାନଗିରିରେ ସ୍ୱାଭାବିକଠାରୁ ଅଧିକ ଏବଂ ବରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ଗଜପତି, କେନ୍ଦୁଝର, ଯାଜପୁର, ଭଦ୍ରକ, ଜଗତସିଂହପୁରରେ ସ୍ୱାଭାବିକ ବର୍ଷା ହୋଇଛି।


# classifieds

**Everyday**
**0674-2580101, 2549302**




**BRIDE WANTED**

Required odia brahmin educated working/not working girl born after 1987 for 38yrs boy. B-TECH,MBA, ADVANCED MBA. Working as Senior Manager at RIL, Mumbai. Mo-8249272307. D-22037

**GROOM WANTED**

ଭୁବନେଶ୍ୱରସ୍ଥିତ ୫୪ ବୟସ୍କା ଚାକିରିଆ ଏବଂ ପେନ୍‌ସନ୍ ପାଉଥିବା ବିଧବା ବ୍ରାହ୍ମଣୀଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 7608010434. D-22045




**SALE**

Hi-Tech ପାଖରୁ 1.5 k.m. ମଞ୍ଚେଶ୍ୱର ନିକଟରେ sqft. 1800/-ରେ well developed ଘରବାରି ଜମି ବିକ୍ରି ହେଉଛି। Contact: 6371861161. D-22049

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

Private plot sale Patrapada near DN Regalia Mall & Infocity-II, Bhubaneswar 999/-sqft., 9437335686, 7008487006. D-22040

**ଭୁବନେଶ୍ୱର BJB ନଗରରେ 5000 ବର୍ଗଫୁଟ ଜାଗା ଉପରେ ଦୁଇମହଲା ଘର ଓ ପୁରୀ ଅଠରନଳା ପାଖରେ 1425 ବର୍ଗଫୁଟ ଜାଗା ଉପରେ ଦୁଇମହଲା ଘର ବିକ୍ରୟ ହେବ। Genuine buyer ଯୋଗାଯୋଗ କରନ୍ତୁ। 8658289289, 6372897984.** D-22008

1500sqft. converted plot available backside of Utkalhieght. Contact: 9337413323. D-71507

**Highly developed gharabari land, at Balianta, Bhingarpur, Drainage, electricity, 30'road mega plotting projects. Ready for immediate construction. Cost-850/-. 7008371750.** D-21996

Agricultural Land converted to Home-shead Land which is very nearer to N .H .55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No. 9861033990. D-22036

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71188

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21816

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22041

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9776974912. D-21938

ମାସିକ ମାତ୍ର **7431/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868. D-71711

**GENERAL**

**SALE**

**Pure Deshi Kukuda (Organic) at Jhinti Sashan Uttara, BBSR, sale cost 250/-per kg. Not less than 10nos birds at a time. Contact: 7809525462, 7978991126, 7008403582.** D-71806




1BHK house available for rent immediately, 5500PM, Near Bhagawan tower, CTC road, Bhubaneswar. Contact -9778495906 D-70968

**2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283.** D-21912

House tolet 3BHK Groundfloor near NH Lingipur Traffic Post. Mob: 7978200850. D-22038

3BHK Flat Mainroad Soubhagyanagar Unit-8 for family, Office. 9000001508. D-22044

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Ashirvaad Saloon and SPA get good massage for your health tha best therapy. 7077181074. D-71801

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open full body massage ladies and gents. 8327740003. D-71805

Newly open SPA positively health benefit with Expert. Contact: 7749976301. D-71187

Refreshing your mind, your body with tha best therapy at Lotus SPA. 8018891951. D-71802

**LOST**

ମୁଁ ସୁବାଷ ଚନ୍ଦ୍ର ଜେନା, ଭୁବନେଶ୍ୱର ମୋର ଜାଗାର sale deed (No.-6879/2005)ଟି ହଜିଯାଇଛି। ଯଦି କିଏ ପାଆନ୍ତି ମୋର ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। Mobile-9861446009. D-22050

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୩୯,୭୮,୮୯୫ | ୪୯,୫୭,୩୫୬ | ୨୨,୧୦,୫୮,୧୧୮ |
| ଭାରତ | ୩,୪୧,୭୪,୬୩୬ | ୪,୫୪,୩୦୧ | ୩,୩୫,୪୦,୩୧୫ |
| ଓଡ଼ିଶା | ୧୦,୩୭,୯୬୪ | ୮୩୦୫(+୫୩) | ୧୦,୨୫,୫୦୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୩।୧୦:** ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳର ଜଣେ ବୃଦ୍ଧ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାସନ୍ତୀ କଲୋନୀ କ୍ୱାର୍ଟର୍ସ ନଂ ଜିଏମ୍-୩୦ର ଶଶାଙ୍କ ଶେଖର ଶତପଥୀ (୬୭)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧୨/୨୧) ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ଶଶାଙ୍କ ଦୀର୍ଘଦିନ ଧରି ତାଙ୍କ ପରିବାରଠାରୁ ଅଲଗା ରହି ଗୋଲଡେନ ସିକ୍ୟୁରିଟି ସଂସ୍ଥାରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ରାତିରେ କୌଣସି କାରଣରୁ ସେ ବେକରେ ରଶି ଲଗାଇ ପଙ୍ଖାରେ ଝୁଲି ପଡିଥିଲେ। ତେବେ ଏହା ପୂର୍ବରୁ ଶଶାଙ୍କ ୪ଥର ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ଲୋକେ କହିଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୨୩।୧୦:** ରାଉରକେଲା ସେକ୍ଟର-୩ ଥାନା ଅଞ୍ଚଳର ପାଢ଼ୀ କଲୋନୀ ଛକ ନିକଟରେ ଶନିବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ କାହ୍ନା(୨୭) ଏବଂ ସେ ସେକ୍ଟର-୨ ସ୍ଥିତ ସୁଭଦ୍ରା ବସ୍ତିର ବୋଲି ଜଣାପଡିଛି। ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ରାସ୍ତାକଡରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆରଜିଏଚ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଦେବଜାନୀ ନାୟକ ସୂଚନା ଦେଇଛନ୍ତି।

### ଜାଲରେ ପଡ଼ିଲା ୫୦ କୁଇଣ୍ଟାଲ ଇଲା ମାଛ

**ଚାନ୍ଦବାଲି,୨୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଧାମରା ମାଛଧରା ଜେଟିରେ ଶନିବାର ପ୍ରାୟ ୫୦ କୁଇଣ୍ଟାଲ 'ଇଲା' ମାଛ ଧରାଯାଇଛି। ଏହି ମାଛ ଦେଖିବାକୁ ଇଲିଶି ପରି। ଏହାର ସ୍ଥାନୀୟ ନାମ ଚନ୍ଦନୀ ବୋଲି ଜଣାଯାଇଛି। ଆକାରରେ ଛୋଟ ହୋଇଥିବା ବେଳେ ଗୋଟିଏ ମାଛର ଓଜନ ୨ଶହରୁ ୩ଶହ ଗ୍ରାମ୍ ହେବ। କିଲୋ ପ୍ରତି ଦାମ୍ ୭୦ରୁ ୧୦୦ ଟଙ୍କା। ଏହି ମାଛକୁ ପଶ୍ଚିମବଙ୍ଗର ଦୀଘା ମାଛ ବଜାରକୁ ପଠାଯାଇଛି। ପ୍ରକାଶ ଯେ, କରଣପଲ୍ଲୀ ନିବାସୀ ବିକି ମଣ୍ଡଳ ଆଇଏନ୍‌ଡି ଓଆର୍ ଜିରୋ ୱାନ୍ ଏମ୍‌ଏମ୍-୫୪୪ ମା' ଶୀତଳା-୩୪ ନାମକ ଗିଲେନେଟ୍ ବୋଟ୍ ନେଇ ଧାମରାଠାରୁ ପ୍ରାୟ ୬୦ କି.ମି. ଦୂର ଗଭୀର ସମୁଦ୍ରରେ ଜାଲରେ ମାଛ ଧରୁଥିଲେ। ଏହି ମାଛ ତାଙ୍କ ଜାଲରେ ପଡ଼ିଥିଲା।

### ମୋବାଇଲ ଚୋରି ମହଙ୍ଗା ପଡିଲା

**ବୌଦ୍ଧ,୨୩।୧୦(ସ୍ୱ.ପ୍ର.):** ମୋବାଇଲ ଚୋରି କରିବା ମହଙ୍ଗା ପଡିଛି। ଶନିବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ସପ୍ତାହିକ ହାଟରେ ଅନାଥ ସାହୁ ପରିବା କିଣୁଥିଲେ। ଏହି ସମୟରେ ଚୋର ଜଣକ ଗହଳିର ସୁଯୋଗ ନେଇ ତାଙ୍କ ପକେଟରୁ ମୋବାଇଲ ଚୋରି କରି ଦୌଡି ପଳାଇ ଯିବାକୁ ବସିଥିଲା। ହେଲେ ସ୍ଥାନୀୟ ଲୋକେ ତାଙ୍କୁ ଷ୍ଟେଟବ୍ୟାଙ୍କ ପଛ ପାଖରେ ଧରି ମାଡ ମାରିଥିଲେ। ଚୋରକୁ ସ୍ଥାନୀୟ ପୁରୁଣାକଟକ ଥାନା ପୋଲିସ ଜିମା ଦେଇଥିଲେ। ଚୋର ଘର ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ବୋଲି ପୋଲିସ କହିଛି।

### ୮ କେଜି ଗଞ୍ଜେଇ ଜବତ, ଦମ୍ପତି ଗିରଫ

**ବାଉଁଶୁଣୀ,୨୩।୧୦(ଡି.ଏନ୍.ଏ): ବୌଦ୍ଧ** ଜିଲା ବାଉଁଶୁଣୀ ଥାନା ୫୭ ନଂ ଜାତୀୟ ରାଜପଥର ବହିରା ହାଇସ୍କୁଲ ଛକ ନିକଟରୁ ପୋଲିସ ୮ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରଛି। ଏହି ଘଟଣାରେ ଏକ ଦମ୍ପତିଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ଖଡ଼ିଆଳ ଥାନା କଟୀପଦର ଗ୍ରାମର ଉପେନ୍ଦ୍ର ଶଗରିଆ ଓ ତାଙ୍କ ସ୍ତ୍ରୀ ସୁଷମା ଗୋଟିଏ ବସ୍ତାରେ ଗଞ୍ଜେଇ ଧରି ବସ ଅପେକ୍ଷାରେ ବହିରା ହାଇସ୍କୁଲ ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ବସିଥିଲେ। ଏ ସମ୍ପର୍କରେ ବାଉଁଶୁଣୀ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଚଢାଉ କରି ଗଞ୍ଜେଇ ଥିବା ଜାଣିବା ପରେ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନାମରେ ବାଉଁଶୁଣୀ ଥାନାରେ ନଂ୧୪୮/୨୧ରେ ଏକ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

# ଭାଜପା ଯୁବମୋର୍ଚ୍ଚାର ଏସ୍‌ପି ଅଫିସ ଘେରାଉ

**ଭବାନୀପାଟଣା,୨୩।୧୦(ସ୍ୱ.ପ୍ର.)**



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

- ମମିତା ହତ୍ୟାର ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ଦାବି
- ବ୍ୟାରିକେଡ୍ ଭାଙ୍ଗିଲେ, ପୋଲିସ ସହ ଧସ୍ତାଧସ୍ତି

କଳାହାଣ୍ଡି ଜିଲା କେ.ଗାଁ ଥାନା ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମର୍ଡର ମିଷ୍ଟ୍ରିକୁ ନେଇ ରାଜ୍ୟରେ ତାତି ଥମିବାର ନାଁ ଧରୁନାହିଁ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସ୍କୁଲର ସଭାପତି ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେ ଗିରଫ ହୋଇ ସାରିଛନ୍ତି । ତେବେ ଏହି ଘଟଣାରେ ଛନ୍ଦି ହୋଇ ପଡ଼ିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବି ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ଗର୍ଜୁଛନ୍ତି ବିରୋଧୀ । ଭବାନୀପାଟଣାରୁ ଭୁବନେଶ୍ୱର ଯାଏ ମନ୍ତ୍ରୀଙ୍କ ବିରୋଧରେ ହେଉଛି ନାରାବାଜି। ଏହି ପରିପ୍ରେକ୍ଷୀରେ ଶନିବାର କଳାହାଣ୍ଡି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭବାନୀପାଟଣାସ୍ଥିତ ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଉପରୋକ୍ତ ଦାବି ନେଇ ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏସ୍‌ପି ଅଫିସ ଭିତରକୁ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏହି ସମୟରେ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ବ୍ୟାରିକେଡ୍ ଭାଙ୍ଗିବା ସହ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ କଳାହାଣ୍ଡି ଏସ୍‌ପି ଶ୍ରବଣ ବିବେକ ଏମ ଘଟଣାସ୍ଥଳକୁ ଆସି ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ସହ ଏହାର ତଦନ୍ତ ଉଚ୍ଚ ଅଧିକାରୀଙ୍କ ପରାମର୍ଶ କ୍ରମେ ଚାଲୁଛି ବୋଲି କହିଥିଲେ। ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବିକ୍ଷୋଭରେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, କଳାହାଣ୍ଡି ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ସାଧାରଣ ସମ୍ପାଦକ ନର ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର, କୋଷାଧକ୍ଷ ସନ୍ତୋଷ ମହାପାତ୍ର, ନବରଙ୍ଗପୁର ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ସାମିଲ ଥିଲେ । ଏହାଛଡ଼ା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ, ଜିଲା ଉପସଭାନେତ୍ରୀ ମମତା ପଣ୍ଡା, ବିନିତା ଦାଶ, ଜିଲା ପ୍ରଭାରୀ ପ୍ରିତେଶ ବହିଦାର, ଜିଲା ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଅଜୟ ପାଣିଗ୍ରାହୀ, ରାଷ୍ଟ୍ରୀୟ ସମ୍ପାଦକ ଦିବ୍ୟଜ୍ୟୋତି ମୁଣ୍ଡ, ଜୁନାଗଡ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦଳୀୟ କର୍ମୀମାନେ ମା' ମାଣିକେଶ୍ୱରୀ ମନ୍ଦିରରୁ ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ୩ କିମି ଶୋଭାଯାତ୍ରା କରିଥିଲେ।

# 'ପୀଡିତାଙ୍କୁ ନ୍ୟାୟ ପାଇଁ ଜଷ୍ଟିସ ବର୍ମା କମିଶନ ସୁପାରିସ ଲାଗୁକର'

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି (ଡି.ଏନ.ଏ.), ୨୩।୧୦**

- ପୀଡିତାଙ୍କ ପରିବାରଙ୍କୁ ଭେଟିଲେ ଏଆଇଏମ୍‌ଏସ୍‌ଏସ୍‌ର ଜାତୀୟ ସମ୍ପାଦିକା
- ଝରଣୀ ଗାଁରେ ରାଲିରେ ବୁଲିଲେ, ସଭା କଲେ

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍)ର ଜାତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଝରଣୀ ଗାଁକୁ ପହଞ୍ଚି ମମିତା ମେହେରଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ଏହାପରେ ଝରଣୀ ଗାଁରେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ତୁରନ୍ତ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରି ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡବିଧାନ କରିବାକୁ ଦାବି କରିଥିଲେ। ଜାତୀୟ ସାଧାରଣ ସମ୍ପାଦିକା ମହାନ୍ତି କହିଥିଲେ ଯେ, ଦିଲ୍ଲୀର ନିର୍ଭୟା କାଣ୍ଡରୁ ମଧ ମମିତା ହତ୍ୟାକାଣ୍ଡ ବଳି ଯାଇଛି। ଜଘନ୍ୟତା ଓ ଅମଣିଷପଣିଆର ସବୁ ସୀମା ସରହଦ୍ ଟପିଯାଇଛନ୍ତି ହତ୍ୟାକାରୀ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ। ଏହି ଘଟଣାରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କ ବିରୋଧରେ ମଧ କଠୋରରୁ କଠୋର ଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ। ନିର୍ଭୟା ମାମଲାରେ ଗଠିତ ହୋଇଥିବା ଜଷ୍ଟିସ ବର୍ମା କମିଶନର ସୁପାରିଶକୁ ଏଠାରେ ଲାଗୁ କରାଯାଉ ବୋଲି ସେ କହିଥିଲେ। ଏକ ଫାଷ୍ଟଟ୍ରାକ୍ କୋର୍ଟରେ ଏହି ମାମଲାର ବିଚାର କରି ଦୋଷୀ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୀଡିତ ପରିବାରକୁ ଶୀଘ୍ର ନ୍ୟାୟ ଦେବା ସହ ନିର୍ଭୟା ଫଣ୍ଡ ପ୍ରଦାନ କରାଯାଉ ବୋଲି ସେ ଦାବି ରଖିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ (ଏଆଇଡିଏସ୍‌ଓ)ର ସର୍ବଭାରତୀୟ ଉପସଭାପତି ଅଶୋକ ମିଶ୍ର, ଅଲ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ (ଏଆଇଡିୱାଇଓ) ବଲାଙ୍ଗୀର ଜିଲ୍ଲା ଯୁଗ୍ମ ଆବାହକ ତାମସ ବେହେରାଙ୍କ ସହ ଏଆଇଏମ୍‌ଏସ୍‌ର ରାଜ୍ଯ ସମ୍ପାଦକ ମଣ୍ଡଳୀ ସଭ୍ୟା ମନ୍ଦୋଦରୀ ରାଉଳ, ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁନିଲ ଭୋଇ, ଏଆଇଡିଏସ୍‌ଓ ଜିଲା ସମ୍ପାଦକ ମଧୁସୂଦନ ବାଗ ସହ ସଙ୍ଗଠନର ବହୁ ସଦସ୍ୟ ସାମିଲ ଥିଲେ। ପରେ ଏହି ପ୍ରତିନିଧି ଦଳ ଜରରୀ ଗାଁରେ ଶୋଭାଯାତ୍ରା ଓ ନାରାବାଜି କରିଥିଲେ। ଗୋଟିଏ ସ୍ଥାନରେ ସଭା କରି ପୀଡିତାଙ୍କୁ ନ୍ୟାୟ ଓ କଠୋର ଦୋଷୀଙ୍କୁ ଦଣ୍ଡ ହିଁ ରାଜ୍ୟରେ ମହିଳାଙ୍କ ଆସ୍ଥା ଓ ବିଶ୍ୱାସ ଜନ୍ମାଇବ ବୋଲି ସେ କହିଥିଲେ।



ଏଆଇଏମ୍‌ଏସ୍‌ଏସ୍ ଏବଂ ଏଆଇଡିଏସ୍‌ଓ ପ୍ରତିନିଧି ମଣ୍ଡଳୀ ସଦସ୍ୟମାନେ ପୀଡତାଙ୍କ ପରିବାର ସଦସ୍ୟାଙ୍କୁ ଭେଟୁଛନ୍ତି।

# ଜୁନାଗଡ଼ ବ୍ଲକ ସମ୍ମୁଖରେ କଂଗ୍ରେସର ଗଣଧାରଣା


କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ଜୁନାଗଡ,୨୩।୧୦(ଡି.ଏନ୍.ଏ.)**

ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣା ନେଇ କଂଗ୍ରେସ ପକ୍ଷରୁ ଶନିବାର ଜୁନାଗଡ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ସାମିଲ ଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଅଭିଯୋଗ ଆଣିଛି କଂଗ୍ରେସ। ସେହିପରି ମା'କୁ ସମ୍ମାନ ଦେଉଥିବା କହି ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ବଦଳରେ କାହିଁକି ଚୁପ୍ ବୋଲି କହି ଦଳୀୟ ନେତୃବୃନ୍ଦ ବର୍ଷିଥିଲେ। ଦଳ ଘଟଣାର ସିବିଆଇ ତଦନ୍ତ ଓ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛି । ଏହି ଗଣଧାରଣାରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ସନ୍ତୋଷ ପାଢ଼ୀ, ସମ୍ପାଦକ ବେଣୁଧର ଦୁର୍ଗା, ଜୁନାଗଡ ବ୍ଲକ ସଭାପତି ଅଜୟ ମେହେର, ନଗର ସଭାପତି କୈଳାସ ଅଗ୍ରୱାଲ, ଯୁବ ନେତା ପ୍ରଭାତ ଦାଶ, ଜୁନାଗଡ ବ୍ଲକ ଯୁବ ମୋର୍ଚ୍ଚା ସଭାପତି ନବୀନ ଟାକ୍ରି, ବରିଷ୍ଠ କଂଗ୍ରେସ ନେତା ନରହରି ବାଗ, ଡାକେ ଲହଜଲ, ବ୍ରଜମୋହନ ସାହୁ ପ୍ରମୁଖ ସାମିଲ ଥିଲେ।

## ଆଜି ଝରଣୀ ପହଞ୍ଚିବେ ସର୍ବଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ

**ବଲାଙ୍ଗୀର ଅଫିସ, ୨୩।୧୦**

ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ନୀତା ଡିସୁଜା ରବିବାର ବଲାଙ୍ଗୀର ଜିଲା ଝରଣୀ ଗାଁରେ ପହଞ୍ଚିବେ। ମମିତା ମେହେର ହତ୍ୟା ଘଟଣାରେ ସେ ପୀଡିତ ପରିବାବର୍ଗଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି । ରାୟପୁରରୁ ସେ କଣ୍ଟାବାଞ୍ଜି ପହଞ୍ଚିବା ପରେ ଦିନ ୧୨ଟା ୩୦ରେ ପୀଡିତ ପରିବାରବର୍ଗଙ୍କ ଭେଟି ମମିତା ହତ୍ୟାକାଣ୍ଡ ସମ୍ପର୍କରେ ସବିଶେଷ ଆଲୋଚନା କରିବେ ବୋଲି ଜଣାପଡିଛି।

# ମମିତା ହତ୍ୟା ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୨୩।୧୦**

ମମିତା ମେହେର ହତ୍ୟା ଘଟଣା ପ୍ରତିବାଦରେ ଶନିବାର ବଲାଙ୍ଗୀର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବହୁ ଛାତ୍ରୀଛାତ୍ର ଓ କଂଗ୍ରେସ କର୍ମୀ କ୍ୟାଣ୍ଡେଲ ଧରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନାରାବାଜି କରିଥିଲେ। ପୀଡିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ କରିବାକୁ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଥିବାରୁ ତୁରନ୍ତ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି କହିଥିଲେ।

# ସଂକ୍ରମଣ ହାର ୦.୬୪%କୁ ଖସିଲା

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ରାଜ୍ୟରେ ଏବେ କରୋନା ସଂକ୍ରମଣ କମୁଥିବା ଦେଖାଯାଇଛି। ଗତ ୨୪ ଘଣ୍ଟାରେ ମୋଟ ୬୯,୪୧୪ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୬ ଜିଲାରୁ ୪୪୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୬୪%କୁ ଖସି ଆସିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୭୫ଜଣ ୦ରୁ ୧୮ବର୍ଷ ବୟସ୍କ ବର୍ଗର ରହିଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରେ ବି ସଂକ୍ରମଣ କମିଛି। ଗତ କିଛିଦିନ ହେବ ଏହି ଜିଲାରେ ସଂକ୍ରମଣ ହାର ୩ ପ୍ରତିଶତ ଉପରେ ରହୁଥିବାବେଳେ ଏବେ ୨ ପ୍ରତିଶତ ତଳକୁ ଖସି ଆସିଛି। ଏଠାରେ ୧୧,୬୯୭ ନମୁନା ପରୀକ୍ଷା କରାଯାଇଥିଲା। ୨୦୫ଜଣ ପଜିଟିଭ୍ ବାହାରିଥିବାବେଳେ ଦୈନିକ ସଂକ୍ରମଣ ହାର ୧.୭୫% ରହିଛି। ବାକି ସବୁ ଜିଲାରେ ସଂକ୍ରମଣ ହାର ୧ ପ୍ରତିଶତ ତଳେ ରହିଛି। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୩୭,୯୬୪ରେ ପହଞ୍ଚିଛି।

ସେପଟେ ରାଜ୍ୟରେ ଆଉ ୪ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨ଜଣ ଥିବାବେଳେ ପୁରୀ ଓ ଅନୁଗୋଳରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୩୦୫କୁ ବୃଦ୍ଧି ପାଇଛି। ଏବେ ଖୋର୍ଦ୍ଧା ଜିଲାରେ ରାଜ୍ୟର ସର୍ବାଧିକ ମୃତ୍ୟୁ ସଂଖ୍ୟା ୧,୫୩୩ରେ ପହଞ୍ଚିଥିବାବେଳେ ପୁରୀରେ ୪୫୫ ଓ ଅନୁଗୋଳରେ ୩୯୧ଜଣଙ୍କ ମୃତ୍ୟୁ ଘଟିଥିବା କୋଭିଡ୍ ଡ୍ୟାସ୍‌ବୋର୍ଡରୁ ସୂଚନା ମିଳିଛି।

# ବଲାଙ୍ଗୀର ଏସ୍‌ପିଙ୍କୁ ଏନ୍‌ସିପିସିଆର୍ ନୋଟିସ୍

**ନୂଆଦିଲ୍ଲୀ, ୨୩।୧୦**

**ମମିତା ମେହେର ହତ୍ୟା ଘଟଣା**

ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ମମିତା ମେହେର ହତ୍ୟା ଘଟଣାରେ ନିଜ ଆଡୁ ମାମଲା ଗ୍ରହଣ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ବଲାଙ୍ଗୀର ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ୫ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିଠିରେ ଦର୍ଶାଯାଇଛି, ମୁଖ୍ୟ ଅଭିଯୁକ୍ତ ତଥା କଲେଜ ସଭାପତି ଗୋବିନ୍ଦ ସାହୁ ପରୀକ୍ଷାରେ ଭଲ ନମ୍ବର ଦେବାକୁ କହି ସ୍କୁଲ ଛାତ୍ରୀମାନଙ୍କୁ ଅଲଗା କୋଠରୀରେ ଯୌନ ନିର୍ଯାତନା ଦେଉଥିଲେ। ବିଜେଡି ନେତା ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବାରମ୍ବାର ସ୍କୁଲ ପରିଦର୍ଶନରେ ଆସୁଥିଲେ। ଛାତ୍ରୀଙ୍କ ସମେତ ସ୍କୁଲ ଛାତ୍ରମାନଙ୍କୁ ମଧ ଶୋଷଣ କରାଯାଉଥିଲା ବୋଲି ଏନ୍‌ସିପିଆର୍ କହିଛନ୍ତି। ସେହି ସ୍କୁଲରେ ନାବାଳିକା ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଏବଂ ପ୍ରିନ୍ସିପାଲ ମେହେରଙ୍କୁ ହତ୍ୟା କରାଯାଇଥିବା ନେଇ ଦିଲ୍ଲୀର ଏକ ସାମାଜିକ ସଙ୍ଗଠନ କଳିଙ୍ଗ ରାଇଟ୍‌ସ ଫୋରମ୍(କେଆର୍‌ଏଫ୍) ଅଭିଯୋଗ କରିବା ପରେ ଏନ୍‌ସିପିଆର୍ ଏହି ନୋଟିସ୍ ପଠାଇଛନ୍ତି। ପୋକ୍ସୋ ଆଇନ ଅଧୀନରେ ମାମଲାର ତଦନ୍ତ କରିବାକୁ ବଲାଙ୍ଗୀର ପୋଲିସକୁ ନିର୍ଦ୍ଦେଶ ରହିଛି। ତେବେ ଏ ସମ୍ପର୍କରେ ବଲାଙ୍ଗୀର ଏସ୍‌ପିଙ୍କ ମତାମତ ମିଳିପାରିନାହିଁ।

# ଡା. ସଂଘମିତ୍ରା ପତି ଭାରତର ଦ୍ୱିତୀୟ ପ୍ରଭାବଶାଳୀ ଗବେଷକ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**


ଡା. ସଂଘମିତ୍ରା ପତି

ଭୁବନେଶ୍ୱର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)ର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ଭାରତର ଦ୍ୱିତୀୟ ପ୍ରଭାବଶାଳୀ ଗବେଷକ। ଏଲ୍‌ସେଭିଅର ଡିଜିଟାଲ କମନ୍ସ ଡାଟାରେ ତାଙ୍କୁ ଏହି ସ୍ଥାନ ମିଳିଛି। ସାଧାରଣ ଓ ଆଭ୍ୟନ୍ତରୀଣ ଔଷଧ ବର୍ଗ (ଜନସ୍ୱାସ୍ଥ୍ୟ) ଅଧୀନରେ ଏହି ର୍‍ୟାଙ୍କ୍ ହାସଲ କରିବାରେ ସଂଘମିତ୍ରା ହେଉଛନ୍ତି ଆଇସିଏମ୍‌ଆର୍‌ରେ ପ୍ରଥମ। ସୂଚନାଯୋଗ୍ୟ, ଗତବର୍ଷ ଡା. ପତି ଓଡ଼ିଶା ବିଜ୍ଞାନ ଏକାଡେମୀର ଶ୍ରେଷ୍ଠ ସାମନ୍ତ ଚନ୍ଦ୍ର ଶେଖର ପୁରସ୍କାର-୨୦୧୮ ପାଇଥିଲେ। ବୃତ୍ତିରେ ଜଣେ ଡାକ୍ତର ଥିବା ସଂଘମିତ୍ରା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ମଲ୍ଟିମୋର୍ବିଡିଟି ଗବେଷଣା ଉପରେ ବିଶେଷଜ୍ଞ ଅଟନ୍ତି। ତାଙ୍କ ନେତୃତ୍ୱରେ ଆର୍‌ଏମ୍‌ଆର୍‌ସି ଓଡ଼ିଶା କୋଭିଡ୍ ପରୀକ୍ଷଣ ଓ ଗବେଷଣାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

# କେନ୍ଦ୍ରୀୟ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି

**ନୂଆଦିଲ୍ଲୀ, ୧୩।୧୦**

**ଓଡ଼ିଶା- ଛତିଶଗଡ଼ ଜଳ ବିବାଦ**

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ୍‌ରେ ଶନିବାର ଶୁଣାଣି ହୋଇଥିଲା। ବାରମ୍ବାର ତାଗିଦ୍ ସତ୍ତ୍ୱେ କେନ୍ଦ୍ରୀୟ ଏଜେନ୍ସି ମହାନଦୀ ଅବବାହିକା ସମ୍ପର୍କିତ ନଥିପତ୍ର ଉଭୟ ଓଡ଼ିଶା ଓ ଛତିଶଗଡ଼କୁ ପ୍ରଦାନ କରୁ ନ ଥିବାରୁ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ରାଜ୍ୟ ଟ୍ରିବ୍ୟୁନାଲ୍ ନିକଟରେ ଆବେଦନ କରିଛନ୍ତି। ମହାନଦୀ ଜଳ ବିବାଦ ସମାଧାନ ପାଇଁ ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍.ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ବିଚାରପତି ରବିରଞ୍ଜନ ଏବଂ ଇନ୍ଦରମିତ୍ କୌରଙ୍କୁ ନେଇ ଗଠିତ ଟ୍ରିବ୍ୟୁନାଲ କେନ୍ଦ୍ରୀୟ ଏଜେନ୍ସିକୁ ଆବଶ୍ୟକ କାଗଜାଦି ପ୍ରଦାନ କରିବାକୁ କହିଛନ୍ତି। ଆସନ୍ତା ଡିସେମ୍ବର ୧୮ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ଉଭୟ ଓଡ଼ିଶା ଓ ଛତିଶଗଡ଼କୁ କାଗଜାଦି ପ୍ରଦାନ କରିବାରେ କେନ୍ଦ୍ରୀୟ ଏଜେନ୍ସି ବିଫଳ ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। କୋଭିଡ୍-୧୯ ପରଠାରୁ ଟ୍ରିବ୍ୟୁନାଲ ଶୁଣାଣିକୁ ଭର୍ଚୁଆଲ ମାଧ୍ୟମରେ କରୁଥିଲେ। ହେଲେ ଆସନ୍ତା ଶୁଣାଣି ସମସ୍ତ ପକ୍ଷଙ୍କ ବ୍ୟକ୍ତିଗତ ଉପସ୍ଥିତିରେ କରାଯିବ। ଏଥିସହ ଭବିଷ୍ୟତରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବୈଠକ କରିବାକୁ ଟ୍ରିବ୍ୟୁନାଲ୍ ସମ୍ମତି ଜଣାଇଛନ୍ତି। ଇତିମଧ୍ୟରେ ଉଭୟ ରାଜ୍ୟ ସତ୍ୟପାଠ ମାଧ୍ୟମରେ ସେମାନଙ୍କ ଜବାବ ଟ୍ରିବ୍ୟୁନାଲ୍ ନିକଟରେ ଦାଖଲ କରିସାରିଛନ୍ତି। ତେବେ ମହାନଦୀ ଅବବାହିକାରୁ ଶିବନାଥ ଉପଅବବାହିକା ପ୍ରସଙ୍ଗକୁ ଅଲଗା କରିବାକୁ ଛତିଶଗଡ଼ ସକରାରଙ୍କ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଆବେଦନ ଦାଖଲ କରାଯାଇଥିଲା। ଉକ୍ତ ଆବେଦନ ଉପରେ ସପ୍ତାହକ ମଧ୍ୟରେ ଜବାବ ଦାଖଲ କରିବାକୁ ଓଡ଼ିଶାକୁ କୁହାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଓଡ଼ିଶା ଏବଂ ଛତିଶଗଡ଼ର ବୈଷୟିକ ଟିମ୍ ଏବଂ ୮ଟି କେନ୍ଦ୍ରୀୟ ଏଜେନ୍ସି ମଧ୍ୟରେ ବୈଠକ ଡକାଇ ନଥିପତ୍ର ସମ୍ପର୍କିତ ଆଲୋଚନା କରିବାକୁ ଗତ ସେପ୍ଟେମ୍ବର ୪ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ କହିଥିଲେ। ହେଲେ ଏପର୍ଯ୍ୟନ୍ତ ଉଭୟ ରାଜ୍ୟ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ (ସିଜିଡବ୍ଲ୍ୟୁବି), ଜଙ୍ଗଲ, ପରିବେଶ ଓ ଜଳବାୟୁ ପରବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡସିସି) ଏବଂ କେନ୍ଦ୍ରୀୟ ଭୂତଳ ଜଳ କର୍ତ୍ତୃପକ୍ଷ(ସିଡବ୍ଲ୍ୟୁଏ), ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ), ନ୍ୟାଶନାଲ୍ ବ୍ୟାଙ୍କ ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ରୁରାଲ ଡେଭ୍‌ଲପ୍‌ମେଣ୍ଟ (ନାବାର୍ଡ), ନ୍ୟାଶନାଲ ବ୍ୟୁରୋ ଅଫ୍ ସଏଲ୍ ସର୍ଭେ ଆଣ୍ଡ ଲ୍ୟାଣ୍ଡ ୟୁଜ୍ ପ୍ଲାନିଂ(ଏନ୍‌ବିଏସ୍‌ଏସ୍‌ଏଲ୍‌ୟୁପି), ନ୍ୟାଶନାଲ୍ ରିମୋର୍ଟ ସେନ୍‌ସିଂ ସେଣ୍ଟର(ଏନ୍‌ଆର୍‌ଏସ୍‌ସି) ଏବଂ ସର୍ଭେ ଅଫ୍ ଇଣ୍ଡିଆ (ଏସ୍‌ଓଆଇ) ଠାରୁ ନଥିପତ୍ର ପାଇନାହାନ୍ତି।

ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ - ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। - ଶ୍ରୀଅରବିନ୍ଦ

# ଟିକା କେଉଁଠୁ ଆସିଲା



ଆକାର ପଟେଲ

ଭାରତରେ କୋଭିଡ୍ ଟିକାର ୧୦୦ କୋଟି ଡୋଜ୍ ଦିଆସରିଲାଣି। ଏହା ଏକ ବଡ଼ ସଫଳତା। ଏହି ୧୦୦ କୋଟି ଡୋଜ୍ କେଉଁଠୁ ଆସିଲା ଓ ସେଗୁଡ଼ିକୁ କିଣିବାରେ ସରକାରଙ୍କ ଭୂମିକା କ'ଣ ଥିଲା ତାହା ବୁଝିବା ଦରକାର। ୭ ଅଗଷ୍ଟ ୨୦୨୦ରେ ବିଶ୍ୱରେ ମହାମାରୀ ମୁକାବିଲା, ଟିକା ବିକାଶ, ଯୋଗାଣ ପାଇଁ ଗଠନ କରାଯାଇଥିବା ଗ୍ଲୋବାଲ ଭ୍ୟାକ୍ସିନ ଆଲାଏନ୍ସ( ଜିଏଭିଆଇ) ଏବଂ ବିଲ୍ ଓ ମିଳିନ୍ଦା ଗେଟ୍ସ ଫାଉଣ୍ଡେଶନ ସହିତ ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଏକ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହା ମୁତାବକ ୨୦୨୧ ପ୍ରଥମାର୍ଦ୍ଧ ସୁଦ୍ଧା ୯୨ଟି ଗରିବ ଦେଶକୁ ଟିକା ଯୋଗାଇବାକୁ କହିଥିଲା। କିନ୍ତୁ ୨୦୨୧ରେ ଏସ୍‌ଆଇଆଇ ମୋଟରେ ୧୦୦ କୋଟି କୋଭିଶିଲ୍ଡ ଡୋଜ୍ ଉତ୍ପାଦନ କରିବ। ଏହା ୯୨ ଦେଶ(ମୋଟ ଜନସଂଖ୍ୟା ୪ ବିଲିୟନ)କୁ ବଣ୍ଟନ କରାଯିବ। ଜିଏଭିଆଇ କହିଲା, କୋଭାକ୍ସ (ବିଶ୍ୱରେ କୋଭିଡ୍ ଟିକା ଉପଲବ୍ଧ କରାଇବା ଅଭିଯାନ)ର ସିଦ୍ଧାନ୍ତ ହେଉଛି ସମସ୍ତଙ୍କୁ ସମାନ ଭାବେ ଓ ସୁବିଧାରେ ଟିକା ଉପଲବ୍ଧ କରାଇବା। ଏହାର ଆବଣ୍ଟନ ପ୍ରକ୍ରିୟା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ସଞ୍ଚାଳିତ ହୋଇଥାଏ। ଜିଏଭିଆଇ ମେଣ୍ଟ ଏସ୍‌ଆଇଆଇ ପ୍ରସ୍ତୁତ ଟିକାକୁ ଗରିବ ଦେଶଗୁଡ଼ିକୁ ବିକ୍ରି କରିବ ଏବଂ ଭାରତରେ ଟିକା ଉତ୍ପାଦନ ବୃଦ୍ଧି କରିବା ପାଇଁ ସେହି ଟଙ୍କାକୁ ଅଗ୍ରିମ ଆକାରରେ ଭାରତକୁ ଦେବ।

୨୬ ସେପ୍ଟେମ୍ବର ୨୦୨୦ରେ ଜାତିସଂଘ ସାଧାରଣ ସଭାରେ ମୋଦି କହିଥିଲେ , ବିଶ୍ୱର ବୃହତ୍ ଟିକା ଉତ୍ପାଦନକାରୀ ଦେଶ ଭାବେ ଭାରତ ବିଶ୍ୱକୁ ଟିକା ଯୋଗାଇବ। ବିପର୍ଯ୍ୟୟରୁ ମାନବ ଜାତିକୁ ଉଦ୍ଧାର କରିବାରେ ଭାରତ ତା' ଟିକା ଉତ୍ପାଦନ ଓ ଯୋଗାଣ କ୍ଷମତାକୁ ସମ୍ପୂର୍ଣ୍ଣ ଲଗାଇ ଦେବ ବୋଲି ବିଶ୍ୱକୁ ଆଶ୍ୱାସନା ଦେଇଥିଲେ ମୋଦି । ଏହି ଭାଷଣ ପରେ ଗଣମାଧ୍ୟମଗୁଡ଼ିକ ମୋଦିଙ୍କୁ 'ଭ୍ୟାକ୍ସିନ ଗୁରୁ' ବା 'ଟିକା ଗୁରୁ' ବୋଲି କହିବାକୁ ଲାଗିଲେ। ଏହାକୁ ଲକ୍ଷ୍ୟ କରି ୨୦୨୦ ସେପ୍ଟେମ୍ବର ୩୦ ସୁଦ୍ଧା ଭିତ୍ତିଭୂମି ନିର୍ମାଣ କରି ଟିକା ଯୋଗାଇ ଦେବା ଲାଗି ଜିଏଭିଆଇ ୩୦୦ ମିଲିୟନ ଡଲାର (୨,୫୦୦ କୋଟିରୁ ସାମାନ୍ୟ ଅଧିକ ଟଙ୍କା) ଏସ୍‌ଆଇଆଇକୁ ଦେଇଥିଲା। ସେହି ସପ୍ତାହରେ ଏସ୍‌ଆଇଆଇର ମାଲିକ ଅଦାର ପୁନାୱାଲା ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍ କରିଥିଲେ। ୨୦୨୧ରେ ଟିକା ପାଇଁ ସରକାରଙ୍କୁ ୮୦,୦୦୦ କୋଟି ଟଙ୍କା ଉପଲବ୍ଧ ହେବ ତ ବୋଲି ପ୍ରଶ୍ନ କରିଥିଲେ। କାରଣ ଭାରତରେ ସମସ୍ତଙ୍କୁ ଟିକା ଦେବାକୁ ହେଲେ କିଣା ଓ ବଣ୍ଟନ ବାବଦରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ ଏହି ପରିମାଣ ଟଙ୍କା ଆବଶ୍ୟକ ହେବ। ଆଗାମୀ ଆହ୍ୱାନକୁ ଆମକୁ ଆୟତ୍ତ କରିବାକୁ ହେଲେ ଟିକା କିଣା ଏବଂ ଯୋଗାଣରେ ଦେଶର ଆବଶ୍ୟକତା ପୂରଣ କରାଯିବା ଦରକାର। ଭାରତ ଓ ବାହାରେ ଟିକା ଉତ୍ପାଦନକାରୀମାନଙ୍କ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ସହ ସେମାନଙ୍କୁ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଥିବା ଅନୁଭବ କରି ସେ ଉକ୍ତ ପ୍ରଶ୍ନ ଉଠାଇଥିବା କହିଥିଲେ। ୨୦୨୧ରେ ଭାରତ ଯଦି ତା'ର ସମସ୍ତ ଲୋକଙ୍କୁ ଟିକା ଦେବାକୁ ଚାହେଁ, ତେବେ ତାକୁ ଅନ୍ୟ କେଉଁଠୁ ଟିକା କିଣିବାକୁ ପଡ଼ିବ। କିନ୍ତୁ ସରକାର ପୁନାୱାଲଙ୍କ କଥାକୁ ଗୁରୁତ୍ୱ ଦେଲେନାହିଁ କି କିଛି କଲେ ନାହିଁ। ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଭାରତରେ ଟିକା ନେବା ଯୋଗ୍ୟଙ୍କ ପାଇଁ ୨୦୦ କୋଟି କିମ୍ବା ୧୪ ବର୍ଷ ବୟସରୁ କମ୍ ପିଲାଙ୍କ ସମେତ ସବୁ ଭାରତୀୟଙ୍କ ଲାଗି ୨୭୦ କୋଟି ଡୋଜ୍ ଆବଶ୍ୟକ ଥିଲାବେଳେ ଭାରତ କେବଳ ୧୧ କୋଟି ଟିକା କିଣିବାକୁ ଅର୍ଡର ଦେଇଥିଲା। ଭାରତର ୧୧ କୋଟି ଡୋଜ୍ ତୁଳନାରେ କାନାଡ଼ା ୩୩ କୋଟି, ଆମେରିକା ୧୨୦ କୋଟି, ଇଂଲଣ୍ଡର ୪୫ କୋଟି, ବ୍ରାଜିଲ ୨୩ କୋଟି, ଆଫ୍ରିକୀୟ ସଂଘ ୬୭ କୋଟି, ଇଣ୍ଡୋନେସିଆ ୧୯ କୋଟି ଏବଂ ୟୁରୋପୀୟ ସଂଘ ୧୮୦ କୋଟି ଡୋଜ୍ ଅର୍ଡର ଦେବା ସହ ଦେୟ ପଇଠ କରିଥିଲେ। ଏପରି କି ଅଷ୍ଟ୍ରେଲିଆ ୧୨ କୋଟି ଡୋଜ୍ ଅର୍ଡର କରିଥିବାବେଳେ ଭାରତ ତା'ଠାରୁ କମ୍ ଅର୍ଡର ଦେଇଥିଲା। ମାର୍ଚ୍ଚ ୨୦୨୧ ଶେଷ ସୁଦ୍ଧା କରୋନା ଦ୍ୱିତୀୟ ଲହର ଆରମ୍ଭ ହେବାରୁ ଜିଏଭିଆଇକୁ ଏସ୍‌ଆଇଆଇ ଯେଉଁ ଟିକା ରପ୍ତାନି କରୁଥିଲା ତାହାକୁ ବେସରକାରୀ ଭାବେ ଭାରତ ସରକାର ବନ୍ଦ କରିଦେଲେ ଓ ଟିକାକୁ ଜବତ କରାଗଲା। ଟିକା ପାଇଁ ଜିଏଭିଆଇ ଟଙ୍କା ମଧ୍ୟ ଦେଇସାରିଥିଲା। ଏହା ପରେ ଏସ୍‌ଆଇଆଇର ମାଲିକ ଅଦାର ପୁନାୱାଲାଙ୍କୁ ଭାରତର ଅତି ପ୍ରଭାବଶାଳୀ ଲୋକଙ୍କ ଠାରୁ ଧମକ ମିଳିବା ପରେ ସେ ତତ୍‌କ୍ଷଣାତ୍ ଲଣ୍ଡନ ପଳାଇଗଲେ।

ମେ'ରେ ୱାଲଷ୍ଟ୍ରିଟ୍ ଜର୍ନାଲ ସଂକ୍ଷେପରେ ଏହାର ସାରାଂଶ ପ୍ରକାଶ କରିଥିଲା। ବିଶ୍ୱର ଅଧିକାଂଶ ଅତି ଗରିବ ଦେଶଗୁଡ଼ିକ ଗୋଟିଏ ଦେଶର ଗୋଟିଏ ଉତ୍ପାଦନକରୀଙ୍କ ଦ୍ୱାରା ଉତ୍ପାଦିତ ଏକ ପ୍ରକାର ଟିକା ଉପରେ ନିର୍ଭର ଥିବା କଥା କହିଥିଲା। ହେଲେ ଏପରି ହଠାତ୍ ପରିବର୍ତ୍ତନ ଯୋଗୁ ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଭୟଙ୍କର କୋଭିଡ୍-୧୯ ମହାମାରୀ ସମୟରେ ପ୍ରଭାବିତ ହେଲା। ଏହା ଯୋଗୁ ଟିକା ପାଇଁ ଜିଏଭିଆଇ ଆଗୁଆ ଦେୟ ଦେଇଥିଲେ ବି ତା'ଠାରୁ ଟିକା ପାଇପାରିଲା ନାହିଁ। ଭାରତରେ କୋଭିଡ୍ ସଙ୍କଟ ଭୟଙ୍କର ଥିବାରୁ କୋଭାକ୍ସ ଆଉ ଟିକା ଯୋଗାଇ ପାରିବ ନାହିଁ ଓ ଏଥିପାଇଁ ଦୁଃଖିତ ବୋଲି ୯୨ଟି ବିକାଶଶୀଳ ଦେଶକୁ ଜିଏଭିଆଇର ମୁଖ୍ୟ ଲିଖିତ ଭାବେ ଜଣାଇଦେଲେ। ଟିକା ପାଇଁ ଭାରତ ଉପରେ ନିର୍ଭର କରିବାର ରଣନୀତି ତ୍ରୁଟିପୂର୍ଣ୍ଣ ଥିଲା ବୋଲି ଯେତେବେଳେ ତାଙ୍କୁ ପ୍ରଶ୍ନ କରାଯାଇଥିଲା ସେତେବେଳେ ସେ କହିଥିଲେ , ଆମେ ଏଥିପାଇଁ ଅତ୍ୟଧିକ ସମାଲୋଚିତ ହେଉଛୁ। ଏହି ସମୟରେ ଏସ୍‌ଆଇଆଇ ପଠାଇବାକୁ ଥିବା ୧୪ କୋଟି ଡୋଜ୍‌କୁ ଭାରତ ବନ୍ଦ କରିଦେଲା ଏବଂ ପରେ ୨ କୋଟି ଡୋଜ୍ ପଠାଇଲା।

ଟିକା ଗୁରୁ ହୋଇ ବିଶ୍ୱକୁ ରକ୍ଷା କରିବା ତ ଦୂରର କଥା, ବରଂ ଅନ୍ୟମାନେ କରିଥିବା ଯୋଜନା, ଦେଇଥିବା ଦେୟ ଓ ସାଂଗଠନିକ ଢାଞ୍ଚାରେ ଭାରତ ବାଧା ଉପୁଜାଇଲା। ଚଳିତ ମାସରେ ସରକାର କହିଲେ, ଏସ୍‌ଆଇଆଇକୁ ଟିକା ରପ୍ତାନି କରିବାକୁ ଅନୁମତି ଦେବେ। ତେବେ ଏହା ହେଉଛି ସେହି ୧୦୦ କୋଟି ଟିକାର କାହାଣୀ। ଆମେ ଟିକା ପାଇଛୁ ବୋଲି ଖୁସି ହେବା ଉଚିତ। କିନ୍ତୁ ସେସବୁ କେଉଁଠୁ ଆସିଲା ଏବଂ ଏହି ସଫଳତା ପାଇଁ କିଏ ଉତ୍ତରଦାୟୀ ଥିଲେ ବା ନ ଥିଲେ ସେ ବିଷୟରେ ଆମେ ଜାଣିବା ବି ଦରକାର।

Email:aakar.patel@gmail.com

# ଜାତିସଂଘରେ ସଂସ୍କାର ଅନିର୍ବାର୍ଯ୍ୟ



ଇଂ. ଶକ୍ତି ପ୍ରସାଦ ଦାସ

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ, ୧୯୪୫ ଅକ୍ଟୋବର ୨୪ରେ ଆଉ ଏକ ବିଶ୍ୱଯୁଦ୍ଧର ସମ୍ଭାବନାକୁ ଏଡ଼ାଇବା ପାଇଁ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ତଥା ମାନବାଧିକାରକୁ ପ୍ରୋତ୍ସାହିତ କରିବାକୁ ୫୧ଟି ରାଷ୍ଟ୍ର ଆଧିକାରିକ ଭାବରେ ମିଳିତ ଜାତିସଂଘ ଗଠନ କରିଥିଲେ। ଏହି ଦିନଟିକୁ ସ୍ମରଣୀୟ ରଖିବା ପାଇଁ ପ୍ରତି ବର୍ଷ ଅକ୍ଟୋବର ୨୪କୁ 'ମିଳିତ ଜାତିସଂଘ ଦିବସ' ଭାବରେ ପାଳନ କରାଯାଇଆସୁଛି। ଗତ ୭୬ବର୍ଷ ମଧ୍ୟରେ, ୧୯୬୦ର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି)ଠାରୁ ଆରମ୍ଭ କରି, ୧୯୮୦ର ଇରାନ-ଇରାକ ଯୁଦ୍ଧର ଅବସାନ, ୧୯୮୯ରେ ଜର୍ମାନୀର ଏକୀକରଣ ଏବଂ ନୋବେଲ ଶାନ୍ତି ପୁରସ୍କାର ବିଜୟୀ ଶାନ୍ତି ସେନା ଦ୍ୱାରା ବିଶ୍ୱର ଅନେକ ଅସ୍ଥିର ଅଞ୍ଚଳରେ ଅସ୍ତ୍ରବିରତି ଉପରେ ନଜର ରଖିବା ପର୍ଯ୍ୟନ୍ତ, ଅନେକ ଭୂ-ରାଜନୈତିକ ଦ୍ୱନ୍ଦ୍ୱକୁ ପ୍ରଶମିତ କରିବାରେ ମିଳିତ ଜାତିସଂଘ ତା'ର ପଦଚିହ୍ନ ଛାଡ଼ିଛି। ଏତଦ୍‌ବ୍ୟତୀତ, ୧୯୪୮ର ସାର୍ବଜନୀନ ମାନବାଧିକାର ଘୋଷଣାନାମା, ୧୯୫୧ର ଶରଣାର୍ଥୀଙ୍କ ପାଇଁ ବହୁପକ୍ଷୀୟ ଚୁକ୍ତିନାମା, ୧୯୬୮ର ଆଣବିକ ଅସ୍ତ୍ର ଅପ୍ରସାର ଚୁକ୍ତିନାମା, ୧୯୯୮ର କ୍ୟୋଟୋ ଜଳବାୟୁ ପରିବର୍ତ୍ତନ ଘୋଷଣାନାମା ଏବଂ ୧୯୬୯ର ଭିଏନା ଚୁକ୍ତିନାମା ଆଇନ ଭଳି ଅନେକ ଘୋଷଣାନାମା ବା ଚୁକ୍ତିନାମାର ଶ୍ରେୟ ଜାତିସଂଘକୁ ଯାଉଛି।

ଅନ୍ୟପକ୍ଷରେ, ଆରବ-ଇସ୍ରାଏଲ ଏବଂ ଇସ୍ରାଏଲ-ପାଲେଷ୍ଟିନୀୟଙ୍କ ମଧ୍ୟରେ ଶାନ୍ତି ବୁଝାମଣା ; ନବେ ଦଶକରେ ସୋମାଲିଆ, ରୁୱାଣ୍ଡା ଓ ବୋସନିଆରେ ଶାନ୍ତିରକ୍ଷା ; ସିରିୟା, ୨୦୧୦-୧୧ରୁ 'ଆରବ ସ୍ପ୍ରିଙ୍ଗ' ବିରୋଧ ପ୍ରଦର୍ଶନ ମଧ୍ୟରେ ୟେମେନ ଓ ଲିବିୟା ଭଳି ରାଜନୈତିକ ଇତ୍ୟାଦି ସଙ୍କଟସବୁକୁ ସମ୍ଭାଳିବା ଦିଗରେ ମିଳିତ ଜାତିସଂଘ ବିଫଳତାର ସ୍ୱାଦ ଚାଖିଛି। କୋଭିଡ୍ ସଙ୍କଟ ଆରମ୍ଭରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ପ୍ରତିକ୍ରିୟା ସେପରି ପ୍ରେରଣାଦାୟୀ ନ ଥିଲା। ଗତ କିଛି ଦଶନ୍ଧି ଧରି ଜାତିସଂଘ ଆନୁଷ୍ଠାନିକ, ରାଜନୈତିକ ଓ ବହୁ ଅନ୍ତର୍ନିହିତ ସମସ୍ୟା ଦେଇ ଗତି କରୁଛି। ସାଧାରଣ ସଭା, ଅନ୍ତର୍ଜାତୀୟ ନ୍ୟାୟାଳୟ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପରିଷଦରେ ନିଷ୍କ୍ରିୟତା ଦେଖାଇଛି। ଦକ୍ଷିଣ ଚାଇନା ସାଗରକୁ ନେଇ ଚାଇନା ଏବଂ ଆସିଆନ ରାଷ୍ଟ୍ରସମୂହ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ, ଜାତିସଂଘ ନୀରବଦ୍ରଷ୍ଟା ସାଜିଛି।

ବିଶ୍ୱରେ, ଶାନ୍ତି ଫେରାଇ ଆଣିବା ଏବଂ ଦ୍ୱନ୍ଦ୍ୱକୁ ପ୍ରଶମିତ କରିବାରେ ମିଳିତ ଜାତିସଂଘକୁ ଦାୟୀ କରାଯିବା ଅର୍ଥ ବାସ୍ତବତାକୁ ଅଣଦେଖା କରିବା। ମିଳିତ ଜାତିସଂଘ କେବଳ ଏକ ବାହକ ମାତ୍ର। ଏହା ମାଧ୍ୟମରେ ରାଷ୍ଟ୍ରମାନେ ପରସ୍ପର ସହ କୂଟନୈତିକ ସମ୍ପର୍କକୁ ସଜାଡ଼ିଥା'ନ୍ତି। ନିଷ୍କ୍ରିୟତା ସର୍ବୋପରି ରାଷ୍ଟ୍ରସମୂହଙ୍କ ସହିତ ଜଡ଼ିତ। ବାସ୍ତବରେ, ଆମର ସମସ୍ୟାଗୁଡ଼ିକ ବୈଶ୍ୱିକ ସ୍ୱଭାବର ହୋଇଥିବାବେଳେ, ସେଗୁଡ଼ିକର ସମାଧାନ ଖୋଜିବାକୁ ଗଲାବେଳେ, ଉପାୟଗୁଡ଼ିକର ସଂରଚନା ମୁଖ୍ୟତଃ ଜାତୀୟତାକୁ ଆଖିରେ ରଖି କରାଯାଉଛି। ଜାତୀୟ ସାର୍ବଭୌମତ୍ୱ ପାଇଁ ମାନବିକ ସୁରକ୍ଷାକୁ ମୂଲ୍ୟ ଦେବାକୁ ପଡୁଛି। ପାରସ୍ପରିକ ନିର୍ଭରଶୀଳତାର ସ୍ୱୀକୃତି ଉପରେ ଆଧାରିତ ଏକ ସୁସଙ୍ଗତ ବୈଶ୍ୱିକ ଚେତନାର ବିକାଶ କରିବାରେ ଆମେ ସକ୍ଷମ ହୋଇପାରି ନାହୁଁ। ଯେପର୍ଯ୍ୟନ୍ତ ଆମେ ଏହି ମୌଳିକ ବିସଙ୍ଗତିର ସମାଧାନ କରିନାହୁଁ, ଏହିସବୁ ଗୁରୁତର ଓ କ୍ରମବର୍ଦ୍ଧମାନ ବିପଦ ଭିତରେ ସନ୍ତୁଳି ହେଉଥିବା। ଆମର ଜାତୀୟ ତଥା ଅନ୍ତର୍ଜାତୀୟ ନେତୃବୃନ୍ଦ ଏ ବାବଦରେ ଆମକୁ ବିଫଳ କରିଛନ୍ତି। ତେଣୁ ସାଧାରଣ ଲୋକଙ୍କୁ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ନିଜ କାନ୍ଧକୁ ନେବାର ଅଛି। ଅନ୍ୟଥା, ନାମକୁ ମାତ୍ର ଅନ୍ତଃରାଷ୍ଟ୍ରୀୟ ସଂଗଠନର ସୂକ୍ଷ୍ମ ଆବରଣ ତଳେ ସାର୍ବଭୌମ ରାଷ୍ଟ୍ରସମୂହଙ୍କୁ ଏକାଠି କରିବା ପାଇଁ ଆମର ଅହରହ ଅକ୍ଳାନ୍ତ ପରିଶ୍ରମ ବୃଥା ଯାଉଥିବ।

ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ-ରାଷ୍ଟ୍ରଗୁଡ଼ିକ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବରେ କ୍ରମବର୍ଦ୍ଧିଷ୍ଣୁ ଛାୟା ଯୁଦ୍ଧରେ ନିୟୋଜିତ ହୋଇ ସେମାନଙ୍କ ପସନ୍ଦ-ପକ୍ଷ ସପକ୍ଷରେ ରଣନୈତିକ ଫଳାଫଳକୁ ପ୍ରଭାବିତ କରିବାକୁ ପ୍ରୟାସ କରୁଛନ୍ତି। ତେଣୁ, ଏପରି ବହୁମୁଖୀ ଦ୍ୱନ୍ଦ୍ୱରେ ହସ୍ତକ୍ଷେପ କରିବାକୁ ସୁରକ୍ଷା ପରିଷଦର ସାମର୍ଥ୍ୟ ରହୁନାହିଁ। ଅଧିକନ୍ତୁ, ଉପଯୁକ୍ତ କ୍ଷମତା, ଦକ୍ଷତା ତଥା ଅନ୍ତର୍ଜାତୀୟ ତନ୍ତ୍ରର ଅଭାବ କାରଣରୁ ଅଣ-ରାଜ୍ୟ ଆକ୍ଟର ତଥା ଏକଚ୍ଛତ୍ରବାଦୀ ଶାସକମାନଙ୍କୁ ଉତ୍ତରଦାୟୀ କରିବା ଏବଂ ସେମାନଙ୍କର ଆଚରଣରେ ପରିବର୍ତ୍ତନ ଆଣିବାକୁ ମିଳିତ ଜାତିସଂଘ ସଂଘର୍ଷ କରୁଛି। ରାଷ୍ଟ୍ରୀୟ ସାର୍ବଭୌମତାକୁ ସ୍ୱୀକୃତିପ୍ରାପ୍ତ ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ଆଇନ ଆଧାରିତ ବ୍ୟକ୍ତିଗତ ସାର୍ବଭୌମତା ବିରୋଧରେ ତଉଲା ଯାଉଛି ଏବଂ ସନ୍ତୁଳିତ କରାଯାଉଛି।

ପରିବର୍ତ୍ତିତ ପରିସ୍ଥିତିରେ, ସୁରକ୍ଷା ପରିଷଦ ଅତି କମ୍‌ରେ ଅନୁମାନ କରୁଛି ଯେ, ଅଣ-ରାଜ୍ୟ ଆକ୍ଟରମାନେ ମାନବିକ ଅଧିକାର ଆଇନର କିଛି ନିୟମକୁ ସମ୍ମାନ ଦେବେ କିମ୍ବା ପାଳନ କରିବେ। ମିଳିତ ଜାତିସଂଘର ସାମ୍ପ୍ରତିକ କାର୍ଯ୍ୟଧାରାରୁ ଜଣାଯାଉଛି କି, ମାନବାଧିକାରର ଅପବ୍ୟବହାରକୁ ରୋକିବାରେ ଅଣ-ରାଜ୍ୟ ଆକ୍ଟରମାନଙ୍କର ଭୂମିକା ରହିଛି ବୋଲି ସୁରକ୍ଷା ପରିଷଦ ଅନୁଭବ କରୁଛି। ତେବେ, ବର୍ତ୍ତମାନ ଏହା କହିବା ସମ୍ଭବ ନୁହେଁ ଯେ, ସୁରକ୍ଷା ପରିଷଦ ମାନବାଧିକାରର ଉତ୍ତରୋତ୍ତର ବିକାଶକୁ ଆଗକୁ ବଢ଼ାଇବା ପାଇଁ ଅଣ-ରାଜ୍ୟ ଆକ୍ଟରମାନଙ୍କୁ ଅନ୍ତଃରାଷ୍ଟ୍ରୀୟ ଆଇନର ଗଣ୍ଡି ଭିତରେ ମାନବାଧିକାରର ଦାୟିତ୍ୱ ଦେଇ ପାରିବ। ସେ ଯାହାହେଉ, ମାନବିକ ଅଧିକାରକୁ ଅନୁପାଳନ କରୁ ନ ଥିବା ଅଣ-ରାଜ୍ୟ ଆକ୍ଟରମାନଙ୍କ ବିରୋଧରେ ଚାପ ସୃଷ୍ଟି କରିବାର କ୍ଷମତା ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ନିକଟରେ ରହିଛି ବୋଲି ହୃଦ୍‌ବୋଧ ହେଉଛି। ଏଭଳି ଦ୍ୱନ୍ଦ୍ୱ ଘଟିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ, ପୂର୍ବନିବାରକ ତନ୍ତ୍ରର ବିକାଶ କରିବାର ଅଛି।

ଏହା ବ୍ୟତୀତ, ସୁରକ୍ଷା ପରିଷଦରେ ପାଞ୍ଚ ସ୍ଥାୟୀ ସଦସ୍ୟ-ରାଷ୍ଟ୍ର, ଆଞ୍ଚଳିକତା ଦୃଷ୍ଟିରୁ ସମଗ୍ର ବିଶ୍ୱକୁ ପ୍ରତିନିଧିତ୍ୱ କରୁନାହାନ୍ତି। ସାତ ଦଶନ୍ଧି ପୂର୍ବେ ବିଧ୍ୱଂସକାରୀ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଥକି ପଡ଼ିଥିବା ବିଶ୍ୱର ତତ୍କାଳୀନ ଭୂ-ରାଜନୈତିକ ଓ ଜନସାଂଖ୍ୟିକୀୟ ପରିସ୍ଥିତିରେ ପାଞ୍ଚଟି ବିଜୟୀ ଦେଶର ସ୍ଥାୟୀ ସଦସ୍ୟତାକୁ ନେଇ ଗଢ଼ାଯାଇଥିବା ସୁରକ୍ଷା ପରିଷଦ, ଏକ ପୁରୁଣାକାଳିଆ ଢାଞ୍ଚାରେ ପରିଣତ ହୋଇଛି। ଜର୍ମାନୀ ଓ ଜାପାନ ପରି ଉଦୀୟମାନ ଶକ୍ତି ଯୁଦ୍ଧରେ ପରାସ୍ତ ହୋଇଥିବା କାରଣରୁ ପରିଷଦରେ ସ୍ଥାନ ପାଇ ନାହାନ୍ତି। ପରିଷଦର ଢାଞ୍ଚା ଅନୌପଚାରିକ ଭାବରେ ପାଞ୍ଚଟି ସ୍ଥାୟୀ ସଦସ୍ୟ ରାଷ୍ଟ୍ରଙ୍କ ସ୍ଥିତିକୁ ସମର୍ଥନ କରୁଛି। ଏହା ସୁରକ୍ଷା ପରିଷଦର ଉଦ୍ଦେଶ୍ୟ, ବିଶ୍ୱସନୀୟତା ଓ ପ୍ରଭାବଶାଳୀତା ଉପରେ ପ୍ରଭାବ ପକାଉଛି। ବର୍ତ୍ତମାନ ବ୍ରାଜିଲ, ଭାରତ, ନାଇଜେରିଆ ଓ ଦକ୍ଷିଣ ଆଫ୍ରିକା ପରି ଆଞ୍ଚଳିକ ଶକ୍ତିଗୁଡ଼ିକ ମଧ୍ୟ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ ଦାବି କଲେଣି।

ବିଶ୍ୱସ୍ତରୀୟ ସହଯୋଗ ପାଇବାକୁ ହେଲେ, ସୁରକ୍ଷା ପରିଷଦକୁ ଏକ ସମାବେଶୀ ମଞ୍ଚ ଭାବରେ ଗଢ଼ିବାକୁ ହେବ। ୨୦୦୪ରେ 'ବିପଦ, ଆହ୍ୱାନ ଓ ପରିବର୍ତ୍ତନ' ଉପରେ ସେକ୍ରେଟାରୀ ଜେନେରାଲଙ୍କ ଉଚ୍ଚସ୍ତରୀୟ ପ୍ୟାନେଲ ସୁରକ୍ଷା ପରିଷଦର ସଂସ୍କାର ପାଇଁ ପ୍ରୟାସ କରିଥିଲା। ବିନା ଭେଟୋ କ୍ଷମତା ସହ ଛଅଟି ନୂତନ ସ୍ଥାୟୀ-ଆସନ ସହିତ ତିନିଟି ଦୁଇ ବର୍ଷିଆ ନିର୍ବାଚିତ-ଆସନ କିମ୍ବା ପ୍ରତି ଚାରି ବର୍ଷରେ ନବୀକରଣଯୋଗ୍ୟ ଆଠଟି ନୂତନ ବର୍ଗର ଆସନ ଏବଂ ଗୋଟିଏ ଦୁଇ ବର୍ଷର ଅଣ-ନବୀକରଣ ଯୋଗ୍ୟ ନୂତନ ଆସନ ଯୋଡ଼ିବାର ଦୁଇଟି ବିକଳ୍ପ ଦିଆଯାଇଥିଲା। କିନ୍ତୁ, ପରିଷଦର ପାଞ୍ଚ ଶକ୍ତିଶାଳୀ ସଦସ୍ୟ ରାଷ୍ଟ୍ରଙ୍କ ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ।

ଶାନ୍ତି ପ୍ରତିଷ୍ଠା ବାବଦରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ପରିଷଦ ଆଗକୁ ଅଣାଯାଉଥିବା ଗୁରୁତ୍ୱପୂର୍ଣ୍ଣ ସଂକଳ୍ପସବୁକୁ ସ୍ୱାର୍ଥାନ୍ୱେଷୀ ପାଞ୍ଚ ଶକ୍ତିଶାଳୀ ରାଷ୍ଟ୍ର, ସେମାନଙ୍କର ଭେଟୋ କ୍ଷମତା ବଳରେ ବାରମ୍ବାର ଭଣ୍ଡୁର କରୁଛନ୍ତି। ଉଦାହରଣ ସ୍ୱରୂପ, ସିରିଆ ଗୃହଯୁଦ୍ଧକୁ ଉଭୟ ରୁଷିଆ ଓ ଆମେରିକା ସେମାନଙ୍କ ନିଜ ନିଜର ନୀତି ସହିତ ପ୍ରାଥମିକତା ଆଧାରରେ ଭେଟୋ କ୍ଷମତା ବଳରେ ଯୁଝୁଛନ୍ତି। ଫଳରେ, ଦ୍ୱନ୍ଦ୍ୱ ଶେଷ ହେବାର ନାମ ନେଉନାହିଁ। ବହୁମୁଖୀ ଦ୍ୱନ୍ଦ୍ୱର ଜଟିଳତାକୁ ମୁକାବିଲା କରିବାରେ ମିଳିତ ଜାତିସଂଘର ବର୍ତ୍ତମାନର ସଂରଚନା କିପରି ଅସମର୍ଥ, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ ମାତ୍ର।

ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ଭେଟୋ ଅଧିକାରକୁ ସଂଶୋଧନ କରିବା ଏକ ଆହ୍ୱାନ ହୋଇପାରେ। କିନ୍ତୁ, ଏହା ସିରିଆ ପରି ଗୃହଯୁଦ୍ଧରେ ମାନବିକ ଅଧିକାରର ଉଲ୍ଲଂଘନ ବିରୋଧରେ ଦ୍ରୁତ ଓ ତୁରନ୍ତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଏହା ସମାନତାକୁ ନିଶ୍ଚିତ କରିପାରିବ। ସୁରକ୍ଷା ପରିଷଦର ପ୍ରଭାବକୁ ବୃଦ୍ଧି କରିବା ପାଇଁ ୨୦୧୩ରେ ୨୭ଟି କ୍ଷୁଦ୍ର ଓ ମଧ୍ୟମ ରାଷ୍ଟ୍ରସମୂହ, 'ଉତ୍ତରଦାୟିତ୍ୱ, ସମନ୍ୱୟ ଓ ସ୍ୱଚ୍ଛତା' ନାମରେ ଏକ ଆଚାର ସଂହିତା ଆଣିଥିଲେ। ଏଥିରେ, ନରସଂହାର ଓ ବ୍ୟାପକ ମାନବାଧିକାର ଉଲ୍ଲଂଘନ ମାମଲାରେ, ସ୍ଥାୟୀ ସଦସ୍ୟ ରାଷ୍ଟ୍ରମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ଭେଟୋ ବ୍ୟବହାରରୁ ନିବୃତ୍ତ ରହିବାକୁ ପ୍ରତିଶ୍ରୁତି ଦେବା ପାଇଁ ଆହ୍ୱାନ କରାଯାଇଥିଲା। ୨୦୨୦ରେ, ପରିଷଦର ଦୁଇ ସ୍ଥାୟୀ ସଦସ୍ୟ (ଫ୍ରାନ୍ସ ଓ ବ୍ରିଟେନ) ଏବଂ ଆଠ ନିର୍ବାଚିତ ସଦସ୍ୟ ରାଷ୍ଟ୍ରଙ୍କ ସମେତ ସାଧାରଣ ସଭାର ୧୨୦ଟି ରାଷ୍ଟ୍ର ଏହି ଆଚରଣ ସଂହିତାକୁ ସମର୍ଥନ କରିଛନ୍ତି। ବର୍ତ୍ତମାନ, ସୁରକ୍ଷା ପରିଷଦର ପ୍ରତିକ୍ରିୟା ଦେଖିବାକୁ ବାକି ରହିଲା। ମାନବ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଏବଂ ଜାତିସଂଘରେ ସମାବେଶୀ ପ୍ରତିନିଧିତ୍ୱର ଆବଶ୍ୟକତାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସଂସ୍କାର ପାଇଁ ସବୁଠାରୁ ବାସ୍ତବବାଦୀ ପ୍ରୟାସ ସାଧାରଣ ସଭା(ୟୁଏନ୍‌ଜିଏ)ରୁ ଆରମ୍ଭ ହେବାର ଅଛି। ବିଶ୍ୱ ସମୁଦାୟର ଚାପ ନିଶ୍ଚିତ ଭାବରେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରିପାରିବ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୭୧୬୪୬୧୧
Email: saktiprasadd@yahoo.in

# ଅପରିମିତ ଆହ୍ୱାନକାରୀ

## ବ୍ୟକ୍ତିତ୍ୱ



ଆଲେକ୍ସି ନାଭାଲ୍‌ନି

ରୁଷିଆ ସାମ୍ବାଦିକ ଡିମିତ୍ରି ମୁରାଟୋଭ୍ ଚଳିତବର୍ଷ ଫିଲିପାଇନ୍ସର ମହିଳା ସାମ୍ବାଦିକ ମାରିଆ ରେସାଙ୍କ ସହ ନୋବେଲ ଶାନ୍ତି ପୁରସ୍କାରର ଯୁଗ୍ମ ବିଜେତା ହୋଇଛନ୍ତି। ଡିମିତ୍ରି ରୁଷିଆ ଶାସକଙ୍କ ଦୁର୍ନୀତି ଓ କ୍ଷମତା ଅପବ୍ୟବହାର ସଂକ୍ରାନ୍ତୀୟ ତଥ୍ୟଭିତ୍ତିକ ଓ ନିରପେକ୍ଷ ରିପୋର୍ଟ ପ୍ରକାଶ କରି ସମଗ୍ର ବିଶ୍ୱକୁ ଜଣାଇଦେଲେ ସେଠାରେ କିଭଳି ଏକଚ୍ଛତ୍ରବାଦ ଚାଲିଛି। ଏବେ ଆଉ ଜଣେ ରୁଷୀୟ ଆଲେକ୍ସି ନାଭାଲ୍‌ନି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଶାସନରେ ଦୁର୍ନୀତିର ଚେର କିଭଳି ସମଗ୍ର ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି, ତାହା ବିରୋଧରେ ସ୍ୱର ଉତ୍ତୋଳନ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଫଳରେ ତାଙ୍କର ଏଭଳି ସାହସିକତାକୁ ୟୁରୋପିଆନ୍ ପାର୍ଲାମେଣ୍ଟ ନିକଟରେ ଉଚ୍ଚପ୍ରଶଂସା କରିବା ସହ 'ଇମେନ୍ସ ପର୍ସନାଲ ବ୍ରେଭେରି' ପାଇଁ ତାଙ୍କୁ ସାଖାରୋଭ୍ ପୁରସ୍କାର ବିଜେତା ଘୋଷଣା କରିଛି। ମାନବ ଅଧିକାର ସୁରକ୍ଷା ଏବଂ ମୁକ୍ତ ଭାବନା ବା ସ୍ପଷ୍ଟବାଦିତା ଦିଗରେ ଉଦ୍ଦିଷ୍ଟ ଏହି ସମ୍ମାନ ସାଧାରଣରେ 'ସାଖାରୋଭ୍ ପୁରସ୍କାର' ଭାବେ ଜଣାଶୁଣା। ରୁଷୀୟ ବୈଜ୍ଞାନିକ ଆଣ୍ଡ୍ରେଇ ସାଖାରୋଭ୍‌ଙ୍କ ନାମରେ ଏହା ନାମିତ ହୋଇଛି। ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଙ୍ଗଠନକୁ ୟୁରୋପୀୟ ପାର୍ଲାମେଣ୍ଟ ଦ୍ୱାରା ୧୯୮୮ ମସିହାରୁ ଏହା ପ୍ରଦାନ କରାଯାଇଆସୁଛି। ଉଲ୍ଲେଖଯୋଗ୍ୟ, ଏହି ପୁରସ୍କାର ଲାଗି ୟୁରୋପିଆନ୍ ପାର୍ଲାମେଣ୍ଟସ୍ କମିଟି ଅନ୍ ଫରେନ୍ ଆଫେୟାର୍ସ ଆଣ୍ଡ୍ କମିଟି ଅନ୍ ଡେଭଲପ୍‌ମେଣ୍ଟ ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିଥାଏ। ତା'ପରେ ଚୂଡ଼ାନ୍ତ ନିଷ୍ପତ୍ତି ଇରୋପିଆନ୍ ପାର୍ଲାମେଣ୍ଟସ୍ କନ୍‌ଫରେନ୍ସ ଅଫ୍ ପ୍ରେସିଡେଣ୍ଟସ୍ ଉପରେ ଛଡ଼ାଯାଇଥାଏ। ଏଠାରେ ସ୍ମରଣ କରାଯାଇପାରେ ଯେ, ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲା, ମ୍ୟାନ୍‌ମାର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀ, ପାକିସ୍ତାନର ବାଳିକା ଶିକ୍ଷା ଅଧିକାର କର୍ମୀ ମାଲାଲା ୟୁସୁଫ୍‌ଜାଇଙ୍କ ଭଳି ବ୍ୟକ୍ତି ଏହି ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ତେବେ ଏକଦା ବିଶ୍ୱର ସୁପରପାୱାର ରହିଆସିଥିବା ରୁଷିଆର ବର୍ତ୍ତମାନ ଶାସନକୁ ବିରୋଧ କରୁଥିବା ଅନ୍ୟତମ ବିରୋଧୀ ନେତା, ଆଇନଜୀବୀ, ମାନବ ଅଧିକାର କର୍ମୀ ତଥା ଦୁର୍ନୀତିବିରୋଧୀ ଆକ୍ଟିଭିଷ୍ଟ ଆଲେକ୍ସି ସାଖାରୋଭ ପୁରସ୍କାର ବିଜେତା ହେବା ପରେ ପୁଟିନ୍ ସରକାର ନିନ୍ଦିତ ହୋଇଛନ୍ତି। ଏବେ କୁହାଗଲାଣି ଯଦି ପୁଟିନ୍ କାହାକୁ ସବୁଠାରୁ ଅଧିକ ଭୟ କରୁଛନ୍ତି, ସେ ହେଉଛନ୍ତି ନାଭାଲ୍‌ନି। ରୁଷିଆର ସର୍ବକ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କ ପାଇଁ ଦୁଃସ୍ୱପ୍ନ ଆଣିଥିବାରୁ ନାଭାଲ୍‌ନିଙ୍କ ବ୍ୟକ୍ତିତ୍ୱ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ନାଭାଲ୍‌ନି ରୁଷିଆ ନାଗରିକ ହୋଇଥିଲେ ହେଁ ସେ ୟୁକ୍ରେନ୍‌ର ମୂଳବାସିନ୍ଦା। ସେ ମସ୍କୋର ୧୦୦ କିଲୋମିଟର ଦୂର ଦକ୍ଷିଣ-ପଶ୍ଚିମାଞ୍ଚଳରେ ବଢ଼ିଥିଲେ। ହେଲେ ତାଙ୍କ ପିଲାଦିନ ୟୁକ୍ରେନ୍‌ରେ ବୁଢ଼ୀମା'ଙ୍କ ପାଖରେ କଟିଥିଲା। ୟୁକ୍ରେନ୍ ଭାଷାରେ ସେ ଅତି ଦକ୍ଷ। ତାଙ୍କ ପିତା ଆନାଟୋଲି ନାଭାଲ୍‌ନି ଓ ମାତା ଲ୍ୟୁଡ୍‌ମିଲା ନାଭାଲ୍‌ନି ଭୋଲ୍‌ଗଡା ଅନ୍ତର୍ଗତ କୋବ୍ୟାକୋଭୋ ଗ୍ରାମରେ ପାଛିଆବୁଣା ବ୍ୟବସାୟ କରୁଛନ୍ତି। ତେବେ ୪୫ ବର୍ଷୀୟ ଆଲେକ୍ସି ନାଭାଲ୍‌ନି ରୁଷିଆର ପିପୁଲ୍ସ ଫ୍ରେଣ୍ଡଶିପ୍ ୟୁନିଭର୍ସିଟିରୁ ୧୯୯୮ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ରଷିଆନ୍ ଫେଡେରେଶନ୍ ଅଧୀନ ଫାଇନାନ୍ସିଆଲ୍ ୟୁନିଭର୍ସିଟିରେ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ପାଠ ପଢ଼ିଥିଲେ। ୨୦୧୦ରେ ୟେଲେ ୟୁନିଭର୍ସିଟିରୁ ୟେଲେ ୱାର୍ଲଡ ଫେଲୋଜ୍ ଭାବେ ସ୍କଲାରଶିପ୍ ପାଇଥିଲେ।

ନାଭାଲ୍‌ନି ୨୦୦୦ ମସିହାରେ ରାଜନୀତିକୁ ପ୍ରବେଶ କରିଥିଲେ। ତାଙ୍କୁ ୨୦୦୧ରେ ରଷିଆନ୍ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି ୟାବ୍‌ଲୋକୋର ସଦସ୍ୟତା ମିଳିଥିଲା। ୨୦୦୨ରେ ସେ ୟାବ୍‌ଲୋକୋର ମସ୍କୋ ଶାଖାର ଆଞ୍ଚଳିକ ପରିଷଦକୁ ନିର୍ବାଚିତ ହୋଇଥିଲେ। କାର୍ଯ୍ୟ ପ୍ରତି ନିଷ୍ଠା ଥିବା ଦେଖି ବରିଷ୍ଠ ନେତାମାନେ ତାଙ୍କୁ ୨୦୦୩ରେ ସଂସଦୀୟ ନିର୍ବାଚନରେ ମସ୍କୋ ସବ୍‌ଡିଭିଜନ୍‌ର ପ୍ରଚାର ଦାୟିତ୍ୱ ଦେଇଥିଲେ। ଏହା ପରେ ୨୦୦୪ରେ ସେ ୟାବ୍‌ଲୋକୋର ମସ୍କୋର ଶାଖାର ମୁଖ୍ୟ ହୋଇ ୨୦୦୭ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ତେବେ ୨୦୧୨ରେ ସଂସଦୀୟ ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଥିବା ସେ ଦର୍ଶାଇଥିଲେ। ପୁଟିନ୍ ରାଷ୍ଟ୍ରପତି ନିର୍ବାଚିତ ହେବାରୁ ତାହାକୁ ନାଭାଲ୍‌ନି ବିରୋଧ କରିଥିଲେ। ଫଳରେ ରୁଷିଆର ଅନେକ ଲୋକ ତାଙ୍କ ସହ ଯୋଡ଼ି ହୋଇଥିଲେ। ଏହି ବିରୋଧ ପ୍ରଦର୍ଶନ ଯୋଗୁ ନାଭାଲ୍‌ନିଙ୍କ ସମେତ ୩୦୦ ପ୍ରତିବାଦକାରୀଙ୍କୁ ଗିରଫ କରାଯାଇଥିଲା। ସେ ପୁଟିନ୍‌ଙ୍କ ଏଭଳି ଏକଚ୍ଛତ୍ରବାଦକୁ ନିଜ ବ୍ଲଗ ମାଧ୍ୟମରେ ବିରୋଧ କରିଚାଲିଲେ। ୨୦୧୮ରେ ଯେତେବେଳେ ସେ ରାଷ୍ଟ୍ରପତି ପ୍ରାର୍ଥୀ ହେବା ବିଷୟ ଘୋଷଣା କଲେ ସେତେବେଳେ ତାଙ୍କ ବିରୋଧରେ ପୂର୍ବରୁ ଥିବା ମାମଲାକୁ ସକ୍ରିୟ କରାଯାଇ ପ୍ରତିଦ୍ୱନ୍ଦ୍ୱିତା କରିବାର ବାଟ ଓଗାଳି ଦିଆଯାଇଥିଲା। ସେହିପରି ୨୦୧୯ ସିଟି ଡୁମା ନିର୍ବାଚନରେ ବିରୋଧୀକୁ ନିର୍ବାଚନ ଲଢ଼ିବାକୁ ଦିଆ ନ ଯିବାରୁ ସେ ତାହାର ପ୍ରତିବାଦ କରିଥିଲେ। ଫଳରେ ତାଙ୍କୁ ପ୍ରଥମେ ୧୦ ଦିନ ଓ ପରେ ମାସକ ପାଇଁ ଗିରଫ କରି ରଖାଗଲା। ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଜଣାପଡ଼ିଥିଲା ଯେ ତାଙ୍କୁ ଖାଦ୍ୟରେ ବିଷ ଦିଆଯାଇଥିଲା। ଅବଶ୍ୟ ମରଣମୁଖରୁ ଫେରିବାରେ ସେ ସକ୍ଷମ ହୋଇଥିଲେ। ୨୦୨୦ରେ ପୁଟିନ୍ ଓ ତାଙ୍କ ବ୍ୟବସ୍ଥା ଏକଚ୍ଛତ୍ରବାଦକୁ ରାଷ୍ଟ୍ରନୀତି କରିଦେବା ପରେ ନାଭାଲ୍‌ନି ତାହାକୁ ଘୋର ବିରୋଧ କରିଥିଲେ। ଦୁର୍ନୀତି ବିରୋଧରେ କ୍ରମାଗତ ସ୍ୱର ଉତ୍ତୋଳନ କରି ସେ ଏବେ ରୁଷବାସୀଙ୍କ ଅତି ପ୍ରିୟ ମଣିଷ ହୋଇଯାଇଛନ୍ତି। ୟୁଟ୍ୟୁବ୍‌ରେ ତାଙ୍କର ୬୦ ଲକ୍ଷ ଅନୁଗାମୀ ଥିବା ବେଳେ ଟୁଇଟରରେ ୨୦ ଲକ୍ଷ ଫଲୋୟର୍ସ ଅଛନ୍ତି। ସିଧାସଳଖ ପୁଟିନ୍ ଓ ତାଙ୍କ ଶାସନକୁ ବିରୋଧ କରି ରୁଷିଆର ସାମ୍ପ୍ରତିକ ରାଜନୈତିକ ଭୂମଣ୍ଡଳରେ ସେ ଯେଉଁ ସ୍ଥାନ ଦଖଲ କରିଛନ୍ତି, ତାହା ତାଙ୍କୁ ଅନ୍ୟତମ ବିଶ୍ୱସ୍ତରୀୟ ନେତାର ସମ୍ମାନ ଦେଇପାରିଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଡିଜିଟାଲ ଯୁଗରେ ଡାକ କଥା ଭାବିବାକୁ କାହା ପାଖରେ ସମୟ ନ ଥିବାବେଳେ ଜଣେ ଯୁବତୀ ଚିଠି ମାଧ୍ୟମରେ ୪୩ଟି ଦେଶରେ ବନ୍ଧୁତା ସ୍ଥାପନ କରିବା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏହା କେରଳର ରେଜ୍‌ବିନ ଅଙ୍କାଙ୍କ ଦ୍ୱାରା ସମ୍ଭବ ହୋଇଛି। ରେଜ୍‌ବିନ ରହନ୍ତି ମଲାପୁରମ ଜିଲାର ଆରିକୋଡେ ଗାଁରେ। ତାଙ୍କ ବୟସ ୧୮। ବଡ଼ କଥା ହେଉଛି, ସେ ଗାଁ ବାହାରକୁ ନ ଯାଇ ୩ ବର୍ଷ ହେବ ଚିଠି ମାଧ୍ୟମରେ ବନ୍ଧୁତା ସ୍ଥାପନ କରିଚାଲିଛନ୍ତି। ମୁଖ୍ୟତଃ ସାମାଜିକ ଗଣମାଧ୍ୟମରୁ ବିଭିନ୍ନ ଦେଶର ଲୋକଙ୍କ ଠିକଣା ଯୋଗାଡ଼ କରି ସେମାନଙ୍କ ନିକଟକୁ ଚିଠି ଲେଖୁଛନ୍ତି। ଏବେ ତାଙ୍କ ବନ୍ଧୁତ୍ୱର ଖିଅ ୪୩ଟି ଦେଶକୁ ଲମ୍ବି ସାରିଲାଣି ଓ ଆଗକୁ ଆହୁରି ଅଧିକ ଦେଶକୁ ଏହାକୁ ବଢ଼ାଇବା ଲାଗି ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ରେଜ୍‌ବିନ। ତାଙ୍କୁ ୮ ବର୍ଷ ହୋଇଥିଲାବେଳେ ତାଙ୍କ ମାତାପିତାଙ୍କ ବିଚ୍ଛେଦ ହୋଇଥିଲା। ସେ ବିଷାଦ ମଧ୍ୟକୁ ଚାଲିଯାଇଥିଲେ। ତାଙ୍କୁ ଅନ୍ୟ ପିଲାମାନେ ଅନାଥ ବୋଲି ସମ୍ବୋଧନ କରୁଥିଲେ। ପରେ ଚିଠି ଲେଖି ମାନସିକ ଚାପ ଲାଘବ କରିବା ସହ ଏହା ମାଧ୍ୟମରେ ବନ୍ଧୁତା ବଢ଼ାଇବାରେ ଆରମ୍ଭ କରିଥିଲେ। ପ୍ରଥମେ ୨୦୧୮ରେ ମେକ୍ସିକୋର ସାରାଙ୍କୁ ଚିଠି ଦେଇ ତାଙ୍କଠାରୁ ଚିଠି ପାଇବା ପରେ ରେଜ୍‌ବିନ ତାଙ୍କୁ ପ୍ରଥମ ବନ୍ଧୁ ଭାବେ ଗ୍ରହଣ କରିଥିଲେ। ସେବେଠାରୁ ସେ ବିଦେଶକୁ ୭୦ଟି ଚିଠି ଲେଖିଛନ୍ତି ଓ ସେତିକିଟି ଚିଠି ମଧ୍ୟ ପାଇଛନ୍ତି। ଏହାଦ୍ୱାରା ରେଜ୍‌ବିନ ଓ ସେମାନଙ୍କ ମଧ୍ୟରେ ବନ୍ଧୁତା ଦୃଢ଼ ହୋଇଛି।

## ଚିରନ୍ତନୀ

କୁଟିର ଦୁଆରେ ପରଦିନ ପରଭାତେ
ସେହି ପାହାଡ଼କୁ ଚାହିଁ ପୁଣି ମନ ମାତେ।
ଲଙ୍ଘିଲା କେତେ ଜୀବନେ ଏସନ ଗିରି
ଶତ ସଙ୍କଟ ଅନ୍ତର ଗଲା ଚିରି!
ଗତ ସନ୍ଧ୍ୟାର ସ୍ପନ୍ଦନ ପୁଣି ଲୋଡ଼େ!
ଲଭିଥିଲା ଯାହା ପାହାଡ଼ ଉଠାଣି ମୋଡ଼େ!
(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | | | | |
| 1 | | | | | | 7 | 8 | |
| | 4 | 6 | | | | | 2 | 9 |
| 5 | | | | | | | | |
| | | | 7 | 2 | | | 9 | |
| 6 | | 2 | 4 | | | 1 | | |
| | | | 3 | 9 | | | | |
| | 6 | | | | 5 | | | 4 |
| | | | | 1 | | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 7 | 1 | 4 | 2 | 3 | 5 | 9 |
| 3 | 2 | 5 | 6 | 7 | 9 | 1 | 8 | 4 |
| 9 | 4 | 1 | 8 | 3 | 5 | 6 | 2 | 7 |
| 7 | 3 | 6 | 2 | 5 | 4 | 8 | 9 | 1 |
| 5 | 8 | 2 | 7 | 9 | 1 | 4 | 3 | 6 |
| 4 | 1 | 9 | 3 | 6 | 8 | 5 | 7 | 2 |
| 2 | 9 | 3 | 5 | 1 | 6 | 7 | 4 | 8 |
| 1 | 5 | 4 | 9 | 8 | 7 | 2 | 6 | 3 |
| 6 | 7 | 8 | 4 | 2 | 3 | 9 | 1 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦରବୃଦ୍ଧି ଯନ୍ତ୍ରଣା

ମହାଶୟ,

ପ୍ରଳୟଙ୍କରୀ କରୋନାର ବ୍ୟାପକ ସଂକ୍ରମଣ ସମୟରେ ଅତ୍ୟାବଶ୍ୟକ ଖାଦ୍ୟଦ୍ରବ୍ୟଗୁଡ଼ିକର ଦରଦାମ୍ ବହୁ ମାତ୍ରାରେ ବୃଦ୍ଧି ପାଇବା ଯୋଗୁ ରାଜ୍ୟ ସରକାର କର୍ମଚାରୀମାନଙ୍କ ମହଙ୍ଗାଭତ୍ତା ବୃଦ୍ଧି କଲେ। ତା' ସହିତ ଠିକା ଓ ମଷ୍ଟରରୋଲରେ କାମ କରୁଥିବା କର୍ମଚାରୀମାନଙ୍କ ଦରମା ମଧ୍ୟ ଅନୁରୂପ ବୃଦ୍ଧି ହେଲା। ଏଥିରୁ ଜଣାପଡ଼େ ଯେ, ରାଜ୍ୟ ସରକାର କର୍ମଚାରୀମାନଙ୍କ ପ୍ରତି ସହାନୁଭୂତିଶୀଳ। କିନ୍ତୁ ଦୁଃଖର ବିଷୟ, ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଯେଉଁ ବୟୋବୃଦ୍ଧ ନାଗରିକ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ, ସେମାନଙ୍କର ମାସିକ ସ୍ୱଳ୍ପ ଭତ୍ତାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ତେଣୁ ସେମାନେ ଏହି ଦରଦାମ୍ ବୃଦ୍ଧି ଯୋଗୁ ଅତ୍ୟନ୍ତ କଷ୍ଟରେ କାଳାତିପାତ କରୁଛନ୍ତି। ସରକାର ସେମାନଙ୍କ ଦୁଃଖ ହୃଦୟଙ୍ଗମ କରି ତାହା ଦୂର କରିବେ ବୋଲି ଆଶା କରାଯାଏ।

ରଘୁନାଥ ନାୟକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମେଲୋରା ପକ୍ଷରୁ ହଲ୍‌ମାର୍କିଂ ସୁନା ଡେଲିଭରି

ଭୁବନେଶ୍ୱର,୨୩।୧୦:ମେଲୋରା ଦେଶର ପ୍ରତ୍ୟେକ ପିନ୍ କୋଡ୍‌କୁ ହଲ୍‌ମାର୍କ ହୋଇଥିବା ସୁନା ଅଳଙ୍କାର ପଠାଇବ ବୋଲି ଘୋଷଣା କରିଛି। ଭାରତରେ ସୁନା ଅଳଙ୍କାରର ହଲ୍‌ମାର୍କ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟବସାୟ୍ ଏକ ସଚେତନତା : ମେଲୋରା ପକ୍ଷରୁ ଏହି ଅଭିଯାନ ଦେଶବ୍ୟାପୀ ଆରମ୍ଭ କରାଯାଇଛି। ସୁନା ଅଳଙ୍କାର ଭାରତରେ ସୀମା ଦେଖେ ନାହିଁ ଏବଂ ଏବେ ଗ୍ରାହକମାନେ ନିଶ୍ଚିତ ହୋଇପାରିବେ ଯେ ସେମାନେ କିଣୁଥିବା ସୁନା ଏହାକୁ ହଲ୍‌ମାର୍କ କରି ପ୍ରକୃତ ଏବଂ ପ୍ରାମାଣିକ। ନକଲି ସୁନା କିଣିବା କିମ୍ବା ଏହି ସାର୍ଟିଫିକେଟ୍ ପ୍ରଦାନ କରା ନ ଗଲେ ଗ୍ରାହକମାନେ କମ୍ କ୍ୟାରେଟ୍ ମୂଲ୍ୟ ପାଇଥାନ୍ତି। ୨୫୬ ଜିଲା ପାଇଁ ସରକାର ବର୍ତ୍ତମାନ ହଲ୍‌ମାର୍କିଂ ଆଇନ କରିଛନ୍ତି। ଭାରତର ୭୧୮ ଜିଲାର ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ହଲ୍‌ମାର୍କ ହୋଇଥିବା ସୁନା ଅଳଙ୍କାର ଉପଲବ୍ଧ କରାଇ ମେଲୋରା ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଏହି ଅବସରରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜ ଯେରାମିଲ କହିଛନ୍ତି, ଆରମ୍ଭରୁ ମେଲୋରା ଗ୍ରାହକ ପସନ୍ଦ ହୋଇଆସୁଛି।

### ବ୍ୟାଙ୍କ ଇଡି ନିଯୁକ୍ତକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଆଗାମୀ ୩ବର୍ଷ ପାଇଁ ବିଭିନ୍ନ ପବ୍ଲିକ ସେକ୍ଟର ବ୍ୟାଙ୍କରେ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରିଛନ୍ତି। କେନ୍ଦ୍ର କ୍ୟାବିନେଟ ନିଯୁକ୍ତି କମିଟି ସେମାନଙ୍କୁ ନିଯୁକ୍ତି ପାଇଁ ମଞ୍ଜୁରୀ ପ୍ରଦାନ କରିଛି। ଏହା ସହ ସେମାନଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା ପରେ ଯଦି ସେମାନେ ଯୋଗ୍ୟ ହୁଅନ୍ତି ତା'ହେଲେ କାର୍ଯ୍ୟକାଳ ଆଉ ଦୁଇ ବର୍ଷ ବଢ଼ାଇ ଦିଆଯାଇପାରିବ ବୋଲି କମିଟି କହିଛି। ସେହିଭଳି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ପଞ୍ଜାବ ଓ ସିନ୍ଧ୍ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦା ଭଳି ବ୍ୟାଙ୍କରେ ଇଡି ଭାବେ ନିଯୁକ୍ତି ପାଇଛନ୍ତି।

# ୫୦୦କୋଟି ବିନିଯୋଗ କରିବ ପିଜି ଇଣ୍ଡିଆ

ନୂଆଦିଲ୍ଲୀ,୨୩।୧୦

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ପ୍ରୋକ୍ଟର ଆଣ୍ଡ ଗ୍ୟାମ୍ବଲ (ପି ଆଣ୍ଡ ଜି) ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି, ଦେଶର ଗ୍ରାମୀଣ କ୍ଷେତ୍ରରେ ଅଭିବୃଦ୍ଧିକୁ ଗତିଦେବା ଲାଗି ୫୦୦ କୋଟି ଟଙ୍କା କମ୍ପାନୀ ବିନିଯୋଗ କରିବ। କୋଭିଡ୍ ଯୋଗୁ ପ୍ରାୟ କୁଶଳୀ ଓ ଅର୍ଦ୍ଧକୁଶଳୀ ଲୋକ ବିଭିନ୍ନ ସ୍ଥାନରୁ ଭାରତର ବିଭିନ୍ନ ପ୍ରଦେଶର ଗାଁକୁ ଫେରି ଆସିଛନ୍ତି। ସେମାନଙ୍କୁ ଏକତ୍ର କରିବା ସହ ଗ୍ରାମୀଣ ବିକାଶ କରାଯାଇପାରିବ ବୋଲି କମ୍ପାନୀ ଆଶା ଓ ଆକଳନ କରିଛି। ଉକ୍ତ ପାଣ୍ଠିରେ ଏପରି ବଜାର ପରିକଳ୍ପନା କରାଯାଇଛି ଯେ ଯେଉଁଥିରେ ଗ୍ରାହକ ଓ ଖୁଚୁରା ବ୍ୟବସାୟୀଙ୍କ ସହ ବାହ୍ୟ ଅଂଶୀଦାରଙ୍କୁ ମଧ୍ୟ ସହଯୋଗୀ ଭାବେ ଗ୍ରହଣ କରାଯିବ। ଏ ନେଇ ନିକଟରେ



ମଧୁସୂଦନ ଗୋପାଳନ

କମ୍ପାନୀ ଏକ ପ୍ରେସ୍ ବିବୃତି ଜାରି କରିଥିବା ବେଳେ ଗ୍ରାମୀଣ ଗ୍ରାହକଙ୍କ ଚାହିଦା ପୂରଣରେ ପି ଆଣ୍ଡ ଜିଙ୍କୁ ଆବଶ୍ୟକ ସହଯୋଗ ଲାଗି ଅନେକ ବାହାରର ଅଂଶୀଦାରଙ୍କୁ ସୁଯୋଗ ଦିଆଯିବ। ଦେଶର ଗ୍ରାମାଞ୍ଚଳ ବିକାଶ ଲାଗି ଘରୋଇ କ୍ଷେତ୍ରର ଏହା ପ୍ରଥମ ପାଣ୍ଠି ଘୋଷଣା ବୋଲି କମ୍ପାନୀ

### ଗ୍ରାମୀଣ କ୍ଷେତ୍ରର ବିକାଶକୁ ଗୁରୁତ୍ୱ

ମତବ୍ୟକ୍ତ କରିଛି। ଏହି ପାଣ୍ଠି ପି ଆଣ୍ଡ ଜି ଇଣ୍ଡିଆଙ୍କ 'ୱି ଗ୍ରୋ'ର ଏକ ଅଂଶ ବିଶେଷ ବୋଲି କହିଛି। ଯାହା ନୂଆ ଷ୍ଟାର୍ଟ ଅପ୍, କ୍ଷୁଦ୍ର ବ୍ୟବସାୟୀ, ବ୍ୟକ୍ତି ଓ ସଙ୍ଗଠନକୁ ଚିହ୍ନଟକରି ସେମାନଙ୍କୁ ସହଯୋଗ କରିବ ବୋଲି ପି ଆଣ୍ଡ ଜିର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

କରୋନା ମହାମାରୀ ସାରା ଦେଶକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଦେଶର ସମସ୍ତ ଛୋଟ, ବଡ଼ ବ୍ୟବସାୟ ଏପରିକି ସବୁ ବର୍ଗର ଲୋକଙ୍କ ଜୀବନ ଜୀବିକାକୁ ମଧ ବେଶ୍ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ଦେଶରେ ମହାମାରୀ ଯୋଗୁ ଉପୁଜିଥିବା ପରିସ୍ଥିତିରୁ ବାହାରକୁ ଆଣିବାରେ ଗ୍ରାମୀଣ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପି ଆଣ୍ଡ ଜି ଭାରତୀୟ ଉପମହାଦ୍ୱୀପର ସିଇଓ ମଧୁସୂଦନ ଗୋପାଳନ କହିଛନ୍ତି। ଗତ କିଛିମାସର ଅନୁଧ୍ୟାନରୁ ମିଳିଥିବା ସୂଚନା ଅନୁସାରେ ଗ୍ରାମାଞ୍ଚଳର ଲୋକେ ବେଶ୍ ଆଶାବାଦୀ ଓ ନମନୀୟ ଥିବା ଜଣାପଡ଼ିଛି। ଏହା ଏଫ୍‌ଏମ୍‌ସିଜି ଉଦ୍ୟୋଗର ଅଭିବୃଦ୍ଧି ଲାଗି ପ୍ରମୁଖ କାରଣ ହୋଇପାରେ ବୋଲି ଗୋପାଳନ ଆଶାପ୍ରକାଶ କରିଛନ୍ତି। ଗ୍ରାମୀଣ କ୍ଷେତ୍ରରେ ଅଧିକରୁ ଅଧିକ ପାଣ୍ଠି ବିନିଯୋଗ କରାଗଲେ ଦେଶର ଆର୍ଥିକାବସ୍ଥା ଖୁବ୍‌ଶୀଘ୍ର ପୂର୍ବାବସ୍ଥାକୁ ଫେରିବା ସହିତ ଏକ ନୂଆ ଭାରତ ଏବଂ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତର ଦିଶା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ମତବ୍ୟକ୍ତ କରିଛନ୍ତି।

# ଟୟୋଟା ଇନୋଭା କ୍ରିଷ୍ଟା ଲିମିଟେଡ୍ ଏଡିଶନ



ଭୁବନେଶ୍ୱର,୨୩।୧୦

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ପାର୍ବଣ ଉପଲକ୍ଷେ ଇନୋଭା କ୍ରିଷ୍ଟାର ଲିମିଟେଡ୍ ଏଡିଶନ ବଜାରକୁ ଆସିଛି। ମଲ୍ଟି ପର୍‌ପସ ଭେହିକିଲ ସେଗ୍‌ମେଣ୍ଟରେ ଗତ ୧୬ ବର୍ଷ ହେବ ଏହି ମଡେଲଟି ଗ୍ରାହକଙ୍କ ଅତି ନିକଟତର ହୋଇପଡ଼ିଛି। ୨୦୦୫ରେ ଏହାର ପ୍ରଥମ ଜେନେରେଶନ ମଡେଲଟି ବଜାରକୁ ଆସିଥିଲା। ଅଦ୍ୟାବଧି ଏହି ବର୍ଗରେ ୯ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଇନୋଭା କ୍ରିଷ୍ଟାରେ ୧୦୦ ଆକର୍ଷଣୀୟ ଫିଚର ଲୋଡିଂ ରହିଛି। ଲିମିଟେଡ୍ ଏଡିଶନରେ ଟେକ୍ନୋଲୋଜି ଏବଂ ଗ୍ୟାଜେଟ ଫିଚର ରହିଛି। ନୂଆ ମଡେଲରେ ଗ୍ରାହକ ଗୁଣବତ୍ତା, ସ୍ଥାୟିତ୍ୱ ଏବଂ ଭରସା ଲାଭ କରିପାରିବେ। ମଲ୍ଟି ପର୍‌ପସ ଭେହିକିଲ କ୍ଷେତ୍ରରେ ଗ୍ରାହକଙ୍କୁ ଅତୁଳନୀୟ ଅଭିଜ୍ଞତା ପ୍ରଦାନ ଲାଗି ଏଭଳି ଏକ ମଡେଲ ବଜାରକୁ ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏଥିରେ ଆପଲ କାର୍ ପ୍ଲେ, ଆଣ୍ଡ୍ରଏଡ ଅଟୋ, ନୂଆ ଡିସ୍‌ପ୍ଲେ, ଅତ୍ୟାଧୁନିକ କନେକ୍ଟିଭିଟି ଫଙ୍କସନ ଭଳି ବିଭିନ୍ନ ନିରାପତ୍ତା ଫିଚର ମଧ୍ୟ ରହିଛି। ଗୁଣବତ୍ତା, ଟେକ୍ନୋଲୋଜି, ଲକ୍‌ଜୁରି ଏବଂ ଆରାମ ଭଳି ବର୍ଗରେ ଗ୍ରାହକଙ୍କୁ ଅତୁଳନୀୟ ଫିଚର ପ୍ରଦାନ ଦିଗରେ ଲକ୍ଷ୍ୟ ରହିଥିବା କମ୍ପାନୀର ସେଲ୍‌ସ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ବିଭାଗ ଏଜିଏମ୍ ଭି.ଡବ୍ଲ୍ୟୁ.ସିଗାମନି କହିଛନ୍ତି।

# ଭିକେସି ସହ ଯୋଡ଼ିହେଲେ ଅମିତାଭ ବଚ୍ଚନ

ନୂଆଦିଲ୍ଲୀ,୨୩।୧୦

ଦେଶର ଅଗ୍ରଣୀ ଫୁଟ୍‌ୱେୟର କମ୍ପାନୀ ଭିକେସି ସହ ବଲିଉଡ୍‌ର ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନ ଯୋଡ଼ି ହୋଇଛନ୍ତି। ଭିକେସି ଗ୍ରୁପ୍ ଭାରତରେ ପିୟୁ ଫୁଟ୍‌ୱେୟର ନାମରେ ଏକ ପରିବର୍ତ୍ତନ ସହ ଦେଶର ଫୁଟ୍‌ୱେୟର ଉଦ୍ୟୋଗରେ କ୍ରାନ୍ତି ଆଣିପାରିଛି। ଏହି ପ୍ରକ୍ରିୟାରେ ଭିକେସି ଗ୍ରୁପ୍ ଦେଶର ଏକ ସର୍ବବୃହତ୍ ବିକ୍ରି ହେଉଥିବା ଜୋତା ବା ଫୁଟ୍‌ୱେୟର ବ୍ରାଣ୍ଡ ହୋଇପାରିଛି। ଗତ ମାସରେ ଭିକେସି ପ୍ରାଇଡ୍ ଦେଶରେ ପିୟୁ ଫୁଟ୍‌ୱେୟର ନିର୍ମାଣରେ ଏକ ନୂତନ ପ୍ରଯୁକ୍ତିବିଦ୍ୟା ପ୍ରବର୍ତ୍ତନକରି 'ଇଜି' ନାମକ ଏକ ନୂତନ ସଂଗ୍ରହ ଆରମ୍ଭ କରିଛି। ଭିକେସି ପ୍ରାଇଡ୍ ଇଜି କଲେକ୍ସନକୁ ଭାରତର ପ୍ରଥମ ସୁପରସାଫ୍ ପିୟୁ ଫୁଟ୍‌ୱେୟର ହେବାର ସୌଭାଗ୍ୟ ଲାଭକରିଛି।



ଏହିସହଯୋଗିତା ସମ୍ପର୍କରେ ଅମିତାଭ କହିଛନ୍ତି, ମୁଁ ଭିକେସି ସହ ଯୋଡ଼ିହୋଇ ଗର୍ବିତ ଏବଂ ଭାରତର ଲୋକଙ୍କୁ କଠିନ ପରିଶ୍ରମର ଉତ୍ସବ ପାଳନ କରିବା ସହିତ ଆମର କଠିନ ପରିଶ୍ରମର ସାମୂହିକ ଭାବନା ମାଧ୍ୟମରେ ଦେଶକୁ ବିଶ୍ୱର ଶୀର୍ଷରେ ପହଞ୍ଚାଇବା ପାଇଁ ଏହା ପ୍ରେରଣା ଯୋଗାଉଛି। ସେହିଭଳି ଭିକେସି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭିକେସି ଅବଦୁଲ ରଜାକ କହିଛନ୍ତି, ଭାରତୀୟ ସିନେମାର ଜଣେ ଦିଗଜ ହେଉଛନ୍ତି ଅମିତାଭ ବଚ୍ଚନ, ମୁଁ ନିଶ୍ଚିତ ଯେ ବଚ୍ଚନ ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣା। କମ୍ପାନୀ ଉତ୍ପାଦନରେ ବିଶ୍ୱର ଅଗ୍ରଣୀ ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସକ୍ଷମ ଏବଂ ସର୍ବୋତ୍ତମ ଉତ୍ପାଦ ପ୍ରସ୍ତୁତ କରିବ। ଏହି ଅଭିଯାନ ନିଶ୍ଚିତ ଭାବେ ଦେଶକୁ କଠିନ ପରିଶ୍ରମ ପାଇଁ ପ୍ରେରଣା ଯୋଗାଇବ ବୋଲି ଏହାର ପ୍ରତିଷ୍ଠାତା ତଥା ରଣନୀତିକାର ଏବଂ ସିସିଓ ମନୋଜ ମାଥାଇ କହିଛନ୍ତି।

### ନେଟ୍‌ଫ୍ଲିକ୍ସ ଅଧିକାରୀଙ୍କୁ କୋର୍ଟ ସମନ

ଲକ୍ଷ୍ନୌ,୨୩।୧୦

ଲକ୍ଷ୍ନୌର ସ୍ପେଶାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟଙ୍କ ପକ୍ଷରୁ ଅଭିଷେକ ନାଗ, ଡାଇରେକ୍ଟର ନେଟ୍‌ଫ୍ଲିକ୍ସ ଇଣ୍ଡିଆ ଏଲ୍‌ଏଲ୍‌ପି, ଡକ୍ୟୁମେଣ୍ଟାରି ଡାଇରେକ୍ଟର ନିକ୍ ରିଡ୍ ଏବଂ ରେବା ଶର୍ମା, ପ୍ରତ୍ୟୁସର ନେଟ୍‌ଫ୍ଲିକ୍ସଙ୍କୁ ସମନ ଜାରି କରାଯାଇଛି । ସାହାରା ଦ୍ୱାରା ଦାଖଲ କରାଯାଇଥିବା ଏକ ଆପରାଧିକ ଅଭିଯୋଗ ସଂକ୍ରାନ୍ତରେ କୋର୍ଟରେ ହାଜରହେବାକୁ ଏହି ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ମାମଲା 'ବ୍ୟାଡ୍ ବଏ ବିଲିୟନେୟାର' ନାମକ ଏକ ଅପମାନଜନକ ତଥା ଅତ୍ୟଧିକ ନିନ୍ଦନୀୟ ଡକ୍ୟୁମେଣ୍ଟାରି, ଟ୍ରେଲର ତିଆରି କରିବା ସହିତ ସମ୍ପୃକ୍ତ। ଭାରତୀୟ ଦଣ୍ଡବିଧାନ ଆଇନ ଧାରା ୫୦୦, ୫୦୧ ଏବଂ ୫୦୨ ଅନୁଯାୟୀ ଅଭିଯୁକ୍ତଙ୍କ ବିଚାର କରାଯିବ।

# ମୋବାଇଲ ରିଚାର୍ଜ ଉପରେ ଦେବାକୁ ହେବ ଅଧିକ ଟଙ୍କା

ନୂଆଦିଲ୍ଲୀ,୨୩।୧୦

ପ୍ରମୁଖ ଅନ୍‌ଲାଇନ ପେମେଣ୍ଟ ଆପ୍ ଫୋନ୍ ପେ ଆଉ ତା'ର ଗ୍ରାହକଙ୍କୁ ପୂର୍ବପରି ସୁବିଧା ଦେବ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଫୋନ୍ ପେରେ ଯଦି ଆପଣ ୫୦ଟଙ୍କାରୁ ଅଧିକ ପ୍ୟାକ୍ ରିଚାର୍ଜ କରୁଛନ୍ତି ତେବେ ଆପଣଙ୍କୁ ୧ଟଙ୍କାରୁ ୨ ଟଙ୍କା ମଧ୍ୟରେ ପ୍ରୋସେସିଂ ଦେୟ ଦେବାକୁ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅନ୍‌ଲାଇନ ପେମେଣ୍ଟରେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା ଆପ୍ 'ଫୋନ୍ ପେ' ଏବେ ତା'ର ଗ୍ରାହକମାନଙ୍କୁ ଝଟକା ଦେଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି, ୫୦ ଟଙ୍କାରୁ କମ୍ ରିଚାର୍ଜ ଉପରେ ଆପଣଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ହେଲେ ୫୦ଟଙ୍କାରୁ ୧୦୦ ଟଙ୍କାର ରିଚାର୍ଜ ଉପରେ ୧ ଟଙ୍କା ଓ ୧୦୦ ଟଙ୍କାରୁ ଅଧିକ ରିଚାର୍ଜ ଉପରେ ୨ ଟଙ୍କା ସେବାକର ଦେବାକୁ ପଡ଼ିବ। ଅନ୍ୟପଟେ କେବଳ ଫୋନ୍ ପେ ଅନ୍‌ଲାଇନ ପେମେଣ୍ଟ ରିଚାର୍ଜ ଉପରେ ସେବାକର ନେଉନାହିଁ, ଆପଣ ଯଦି କ୍ରେଡିଟ କାର୍ଡ ମାଧ୍ୟମରେ ପେମେଣ୍ଟ କରୁଛନ୍ତି ।

ଫୁର୍‌ସତ୍

# ୧୪ବର୍ଷ ପରେ ଦିଆସିଲି ମୂଲ୍ୟ ଦୁଇଗୁଣା

**ମଦୁରାଇ:** ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ଏଥିରେ ସାମିଲ ହୋଇଛି ଦୈନନ୍ଦିନ ଜୀବନର ଜରୁରୀ ସାମଗ୍ରୀ ଭାବେ ପରିଚିତ ଦିଆସିଲି। ଦୀପାବଳି ପରେ ଅର୍ଥାତ୍ ଡିସେମ୍ବର ୧ରୁ ଦିଆସିଲି ବକ୍ସ ଦର ଦୁଇଗୁଣା ହୋଇଯିବ। ଅର୍ଥାତ୍ ଏକ ଟଙ୍କାରେ ମିଳୁଥିବା ମାଚିସ୍ ବକ୍ସ ପାଇଁ ୨ ଟଙ୍କା ଦେବାକୁ ପଡ଼ିବ। ଦେଶର ଆତସବାଜି ରାଜଧାନୀ ଭାବେ ପରିଚିତ ତାମିଲନାଡୁର ଶିବକାଶୀରେ ଗୁରୁବାର ଅନୁଷ୍ଠିତ 'ଅଲ୍ ଇଣ୍ଡିଆ ଚାମ୍ବର ଅଫ୍ ମ୍ୟାଚିସ୍' ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଶେଷଥର ପାଇଁ ୨୦୦୭ରେ ଦିଆସିଲି ବକ୍ସ ମୂଲ୍ୟ ବଢ଼ାଯାଇଥିଲା। ସେତେବେଳେ ଏହା ୫୦ ପଇସାରୁ ୧ ଟଙ୍କାରେ ପହଞ୍ଚିଥିଲା। ଦୀର୍ଘ ୧୪ବର୍ଷ



ପରେ ଚଳିତ ବର୍ଷ ପୁଣି ଏଥିରେ ୧ ଟଙ୍କା ବୃଦ୍ଧି କରାଯାଇଛି। ଦିଆସିଲି କାଠି ପ୍ରସ୍ତୁତ ପାଇଁ ଅନ୍ୟୂନ ୧୪ ପ୍ରକାର କଞ୍ଚାମାଲ ଆବଶ୍ୟକତା ପଡ଼ିଥାଏ। ଗତ ଦଶନ୍ଧି ମଧ୍ୟରେ କଞ୍ଚାମାଲ ଦର ଅହେତୁକ ବୃଦ୍ଧି ପାଇଛି। ଏକ କିଲୋଗ୍ରାମ ଲାଲ ଫସ୍‌ଫରସ୍‌ର ମୂଲ୍ୟ ୪୨୫ରୁ ୮୧୦ ଟଙ୍କା, ମହମ ୫୮ ରୁ ୮୦ ଟଙ୍କା, ବାହ୍ୟ ବକ୍ସ ବୋର୍ଡ ୩୬ରୁ ୫୫ ଟଙ୍କା ଏବଂ ଭିତର ବକ୍ସବୋର୍ଡ ୩୨ରୁ ୫୮ ଟଙ୍କାକୁ ବୃଦ୍ଧି ପାଇଛି। ୧୦ ଅକ୍ଟୋବରରୁ କାଗଜ, ସ୍ପ୍ଲିଣ୍ଟସ, ପୋଟାସିୟମ କ୍ଲୋରେଟ୍ ଏବଂ ସଲ୍‌ଫରର ମୂଲ୍ୟ ମଧ ବୃଦ୍ଧି ପାଇଛି। ଡିଜେଲର ମୂଲ୍ୟ ବୃଦ୍ଧି ଶିଳ୍ପ ଉପରେ ଅତିରିକ୍ତ ବୋଝ ପକାଇଛି।

### ବଣ୍ଡଲର ମୂଲ୍ୟ ୬୦% ବଢ଼ିବ

ନ୍ୟାଶନାଲ ସ୍ମଲ୍ ମ୍ୟାଚ୍‌ବକ୍ସ ମ୍ୟାନୁଫାକ୍ଚର ଆସୋସିଏଶନର ସଚିବ ବି.ଏସ୍. ସେଥୁରାଥିନମ୍ କହିଛନ୍ତି, ଦିଆସିଲି ଉତ୍ପାଦନକାରୀମାନେ ୬୦୦ ମାଚିସ୍ ବକ୍ସ (ଗୋଟିଏ ବକ୍ସରେ ୫୦ କାଠି)ର ଏକ ବଣ୍ଡଲ ୨୭୦ରୁ ୩୦୦ ଟଙ୍କା ମଧ୍ୟରେ ବିକ୍ରି କରୁଛନ୍ତି। ନୂଆ ନିଷ୍ପତ୍ତି ଅନୁଯାୟୀ ଏହି ବଣ୍ଡଲର ମୂଲ୍ୟ ପାଖାପାଖି ୬୦% ବୃଦ୍ଧି ପାଇବ। ଏଣିକି ବଣ୍ଡଲ ପିଛା ୪୩୦ରୁ ୪୮୦ ଟଙ୍କା ଦେବାକୁ ପଡ଼ିବ। ଏଥିରେ ୧୨% ଜିଏସ୍‌ଟି ଏବଂ ଅନ୍ୟ ପରିବହନ ଖର୍ଚ୍ଚ ସାମିଲ ନ ଥିବା ସେ ସୂଚନା ଦେଇଛନ୍ତି।

### ଉପକୃତ ହେବେ ତାମିଲନାଡୁବାସୀ

ଦିଆସିଲି ଉତ୍ପାଦନ ପାଇଁ ପ୍ରସିଦ୍ଧ ରାଜ୍ୟ ତାମିଲନାଡୁର ପ୍ରାୟ ୪ ଲକ୍ଷ ଜନସାଧାରଣ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏହି ଉଦ୍ୟୋଗ ସହିତ ଜଡ଼ିତ। ଦିଆସିଲି ନିର୍ମାଣ ସହିତ ଜଡ଼ିତ କର୍ମଜୀବୀଙ୍କ ମଧ୍ୟରୁ ୯୦% ହେଉଛନ୍ତି ମହିଳା। ଦିଆସିଲି ଦର ବଢ଼ାଯାଇ ନ ଥିବାରୁ ସେମାନଙ୍କ ଆର୍ଥିକ ଅବସ୍ଥା ପ୍ରଭାବିତ ହେଉଛି। ଏହି ଉଦ୍ୟୋଗରେ ଦୈନିକ ମଜୁରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ତୁଳନାରେ କମ୍। ତେଣୁ ଅଧିକାଂଶ ଶ୍ରମିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିବାକୁ ଆଗଭର ହେଉଛନ୍ତି। ଦିଆସିଲିର ମୂଲ୍ୟବୃଦ୍ଧି ପରେ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ବୋଲି ଉଦ୍ୟୋଗୀମାନେ ଆଶାବ୍ୟକ୍ତ କରିଛନ୍ତି।

### ବସୁଧୈବ କୁଟୁମ୍ବକମ୍ ପାଇଁ ଶାନ୍ତି ଜରୁରୀ

#### ଜାତିସଂଘ ଦିବସ

ଶାନ୍ତିପୂର୍ଣ୍ଣ ସହାବସ୍ଥାନ ମାନବତାର ସୁରକ୍ଷା ପାଇଁ ଜରୁରୀ। ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ପୂରଣ ଲାଗି ବିଭିନ୍ନ ଦେଶ ଦେଶ ମଧ୍ୟରେ ଶାନ୍ତି ହିଁ ଏକମାତ୍ର ବିକଳ୍ପ। ସଭିଏ ମିଳିମିଶି ଚଳିଲେ ବଡ଼ରୁ ବଡ଼ ବିପଦର ମଧ ସାମନା କରିବା ସହଜ ହୋଇପାରିବ। ବିଶ୍ୱ ଶାନ୍ତିକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୨୪ରେ ଜାତିସଂଘ ଦିବସ ପାଳିତ ହୋଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତି ସହିତ ଶାନ୍ତି ପାଇଁ ଜାତିସଂଘ ଭଳି ଏକ ବୃହତ୍ ସଂଗଠନର ଆବଶ୍ୟକତା ଉପଲବ୍ଧି କରି ଏହାର ଗଠନ ଦିବସର ସ୍ମୃତି ଲାଗି ଏଭଳି କରାଯାଇଥାଏ। ୧୯୪୫ ଅକ୍ଟୋବର ୨୪ରେ ମିଳିତ ଜାତିସଂଘ ସ୍ଥାପନ ପ୍ରସ୍ତାବର ଲକ୍ଷ୍ୟ ଏବଂ ସଫଳତାର ସ୍ମୃତି ବହନ କରିଥାଏ। ପରେ ୧୯୪୭ ଅକ୍ଟୋବର ୨୪କୁ ଜାତିସଂଘ ଦିବସ ଭାବେ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ୧୯୪୮ଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇ ଆସୁଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ଚ଼ଅତିଥି ଚରଣ ସାହୁ
ତୋରିହଁବନ୍ଧ, ରାବଣାସାହି, ବଳଙ୍ଗା, ପୁରୀ
ଆବିର୍ଭାବ-୦୧।୦୧।୧୯୪୦
ତିରୋଧାନ- ୧୪।୧୦।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର: କାଳୁରାମ, ଲକ୍ଷ୍ମୀଧର, ଯୁଧିଷ୍ଠିର, ପୁତ୍ରବଧୂ: ଅନୁପ୍ରିୟା, ପ୍ରତିମା, ବେବିନା, ଝିଅ: କମଳିନୀ, ଜ୍ୱାଇଁ: ସୁରେଶ, ନାତି: ଜିତୁ, ବିଷ୍ଣୁ, ଲିଟୁ, ମିଟୁ, ନାତୁଣୀ: ନଳିନୀ, କାଇଁଚ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୮୦୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



ଚ଼ବିଜୟ କୁମାର ମହାନ୍ତି
ପୂର୍ବତନ ଉପ ଅଧୀକ୍ଷକ, ଓଡିଶା ପୋଲିସ୍
ଫ୍ଲାଟ୍-୧୧୦୪, ଟାୱାର-୮, ଜେଡ୍ ୱାନ ଆପାର୍ଟମେଣ୍ଟ, ରଘୁନାଥପୁର, ଭୁବନେଶ୍ୱର
ଆବିର୍ଭାବ-୨୯.୦୫.୧୯୪୩
ତିରୋଧାନ-୧୪.୧୦.୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଦୃଢ ମନୋବଳ, ସରଳ ଜୀବନଯାପନ, ଶୃଙ୍ଖଳିତ ଜୀବନ, ସଦ୍‌ମାର୍ଗ ଦର୍ଶନ ଆମ ପାଇଁ ପ୍ରେରଣା ଦାୟକ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୨୨୦୨୫


# ବିୟର ଗ୍ରିଲ୍‌ଙ୍କ ସହ ଷ୍ଟଣ୍ଟ କରିବେ ଅଜୟ

**ମୁମ୍ବାଇ:** ଚର୍ଚ୍ଚାରେ 'ସୂର୍ଯ୍ୟବଂଶୀ' ଷ୍ଟାର ଅଜୟ ଦେବଗନ। ଏବେ 'ଇନ୍‌ଟୁ ଦ ୱାଇଲ୍ଡ ଉଇଥ୍ ବିୟର ଗ୍ରିଲ୍'ଙ୍କ ଶୋ'ରେ ଏହି ସୁପରଷ୍ଟାରଙ୍କୁ ଦେଖିବାକୁ ମିଳିବ। ଗ୍ରିଲଙ୍କ ସହ ସମୁଦ୍ରରେ ସାର୍କର ସାମ୍ନା କରୁଥିବା ନଜର ଆସିବେ ଅଜୟ। କିଛି ଷ୍ଟଣ୍ଟ ଏବଂ ଆକ୍ସନ କରିବା ସମୟରେ ଅଜୟ ବାପା ଭିରୁଙ୍କ ଜୀବନ ସହ ଜଡ଼ିତ କିଛି ସ୍ମୃତି ଗ୍ରିଲଙ୍କ ସହ ମଧ ବାଣ୍ଟିବେ। ବାପାଙ୍କ ଯୋଗୁ ଆକ୍ସନକୁ ପସନ୍ଦ କରନ୍ତି ଅଜୟ। କାରଣ ତାଙ୍କ ବାପା ଜଣେ ଷ୍ଟଣ୍ଟ କୋରିଓଗ୍ରାଫର ଥିଲେ। ଅଭିନେତା ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରି ଶୋ'ରେ ଭାଗ ନେଉଥିବା ନେଇ ପ୍ରଶଂସକଙ୍କୁ ଜଣାଇଛନ୍ତି। ଭିଡିଓରେ ହେଲିକପ୍ଟର ଯୋଗେ ସେ ଏଣ୍ଟ୍ରି ମାରୁଥିବା ଦେଖାଯାଇଛି। ପରେ ସେ ଗ୍ରିଲଙ୍କ ସହ ଏକ ବୋଟ୍‌ରେ ଯାଉଛନ୍ତି। ଏହା ଜଣାପଡ଼ିବା ପରେ ପ୍ରଶଂସକ ଉତ୍ସାହିତ ଥିବା ପ୍ରତିକ୍ରିୟା ଦେଉଛନ୍ତି। ଅଜୟ କହିଛନ୍ତି, 'ଦର୍ଶକମାନେ ମୋତେ ବହୁତ ଫିଲ୍ମରେ ଆକ୍ସନ ଅବତାରରେ ଦେଖିଛନ୍ତି। ଏବେ ମୁଁ ଭାରତ ମହାସାଗର ମଧ୍ୟରେ ବିୟର ଗ୍ରିଲଙ୍କ ସହ ଅଛି। ମୋତେ ଲାଗୁଛି ଏହା କୌଣସି ଖେଳ ନୁହେଁ'। ଆଗକୁ କ'ଣ ହେଲା ତାହା ଦେଖିବାକୁ ଚାହୁଁଥିଲେ, ଡିସ୍‌କଭରି ଚ୍ୟାନେଲ୍‌ରେ ଦେଖନ୍ତୁ ବୋଲି ଅଜୟ ଏକ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି।




## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। **କଟକ:** ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। **ଭୁବନେଶ୍ୱର:** ୫ ଓ ୧୯ ତାରିଖ, ହୋଟେଲ ଗ୍ରାଇଣ୍ଡେଷ୍ଟ, ଅଶୋକନଗର। **ପୁରୀ:** ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। **ବାରିପଦା:** ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। **ରାଉରକେଲା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲୱେଷ୍ଟେସନ ପାଖ। **ପାରାଦୀପ:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। **କେନ୍ଦୁଝର:** ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। **ଝାରସୁଗୁଡ଼ା:** ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। **ଅନୁଗୁଳ:** ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। **ବ୍ରହ୍ମପୁର:** ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। **ଭବାନୀପାଟଣା:** ୧୩ ଏବଂ ୨୭ ତାରିଖ, ରବି ଲଜ, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


10
Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଅଷ୍ଟ୍ରେଲିଆର ବିଜୟ ଅଭିଯାନ

## ସୁପର-୧୨ ଆରମ୍ଭ

**ଆବୁଧାବି,୨୩।୧୦**

ଟି୨୦ ବିଶ୍ୱକପ୍ ସପ୍ତମ ସଂସ୍କରଣର ସୁପର-୧୨ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ଆରୋନ ଫିଞ୍ଚ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ୨ଟି ବଲ ବାକି ଥାଇ ୫ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଜାଏଦ କ୍ରିକେଟ ଷ୍ଟାଡିୟମରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୯ ଉଇକେଟ ହରାଇ ୧୧୮ ରନରେ ସୀମିତ ରହିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୨୧ ରନକରି ବିଜୟୀ ହୋଇଛି। ମାତ୍ର ୧୯ ରନ ବ୍ୟୟ କରି କ୍ୱିଣ୍ଟନ ଡିକକ୍ ଓ ରାସି ଭାନ ଡେର ଡୁସେନଙ୍କୁ ଆଉଟ କରିଥିବା ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜୋଶ ହାଜେଲଉଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୨୮ ତାରିଖରେ ଶ୍ରୀଲଙ୍କାକୁ ଓ ଦକ୍ଷିଣ ଆଫ୍ରିକା ୨୬ ତାରିଖରେ ୱେଷ୍ଟଇଣ୍ଡିଜକୁ ଭେଟିବ।

୧୧୯ ରନ ଛୋଟିଆ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆକୁ ମଧ୍ୟ ସଂଘର୍ଷ କରିବାକୁ ପଡିଥିଲା ଓ ଶେଷ ଓଭରରେ ବିଜୟ ପ୍ରାପ୍ତ ହୋଇଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ଖାତା ଖୋଲିବା ପୂର୍ବରୁ ଅନରିଚ ନୋର୍ଜଙ୍କ ବଲ୍‌ରେ କାଗିସୋ ରାବାଡ଼ାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଫିଞ୍ଚ୍ ଷଷ୍ଠଥର ପାଇଁ ଶୂନରେ ଆଉଟ ହୋଇଛନ୍ତି। ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଜ୍ଞ ଓପନର ଡେଭିଡ୍ ୱାର୍ନର ମାତ୍ର ୧୪ ରନକରି ରାବାଡ଼ାଙ୍କ ଦ୍ୱାରା ଆଉଟ ହୋଇଥିଲେ। ମିଚେଲ ମାର୍ଶ ୧୧ ରନ କରି ପ୍ୟାଭିଲିୟନ ଫେରିଥିବା ବେଳେ ଅଭିଜ୍ଞ ଷ୍ଟିଭ ସ୍ମିଥ୍ ୩୪ ବଲରୁ ୩୫ ରନକରି ଏଡେନ ମାରାକ୍ରାମଙ୍କୁ କ୍ୟାଚ୍ ଦେଇ ନୋର୍ଜଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଆଇପିଏଲ୍ ତାରକା ଗ୍ଲେନ୍ ମ୍ୟାକ୍ସୱେଲ ୧୮ ରନକରି ଆଉଟ ହେବା ସହ ମ୍ୟାଚ ଫିନିଶ୍ କରିପାରି ନ ଥିଲେ। ସେ ରିଷ୍ଟ ସ୍ପିନର ତାବରେଜ ସାମସିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଚତୁର୍ଥ ଉଇକେଟରେ ସ୍ମିଥ୍ ଓ ମ୍ୟାକ୍ସୱେଲ ୪୨ ବଲରୁ ୪୨ ରନ ସଂଗ୍ରହ କରିଥିଲେ। ୮୧ ରନରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇବାରୁ ଦକ୍ଷିଣ ଆଫ୍ରିକା ପାଇଁ ସମ୍ଭାବନା ସୃଷ୍ଟି ହୋଇଥିଲା। ଷଷ୍ଠ ଉଇକେଟରେ ମାର୍କସ ଷ୍ଟୋଇନିସ ଓ ମାଥ୍ୟୁ ୱେଡ ୨୬ ବଲରୁ ଅପରାଜିତ ୪୦ ରନକରି ଦଳକୁ ଜିତାଇଥିଲେ। ଷ୍ଟୋଇନିସ ୩ ଚୌକା ସହ ୧୬ ବଲରୁ ୨୪ ଓ ଉଇକେଟକିପର ବ୍ୟାଟର ମାଥ୍ୟୁ ୱେଡ ୧୦ ବଲରୁ ୨ ଚୌକା ସହ ୧୫ ରନକରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ବୋଲିଂରେ ନୋର୍ଜ ୨, ରାବାଡ଼ା, କେଶବ ମହାରାଜ ଓ ସାମସି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ତରଫରୁ ମାରାକ୍ରାମ ୩୬ ବଲରୁ ୩ ଚୌକା ଓ ୧ ଛକା ସହ ସର୍ବାଧିକ ୪୦ ରନ ସଂଗ୍ରହ କରି ମ୍ୟାକ୍ସୱେଲଙ୍କୁ କ୍ୟାଚ୍ ଦେଇ ଷ୍ଟାର୍କଙ୍କ ଦ୍ୱାରା ଆଉଟ ହୋଇଥିଲେ। ବାକି ବ୍ୟାଟରମାନେ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ଫଳରେ ନିୟମିତ ଅନ୍ତରରେ ଉଇକେଟ ପତନ ହୋଇଥିଲା। ଓପନର ତଥା ଅଧିନାୟକ ଟେମ୍ବା ବଭୁମା ୧୨, ହେନେରିଚ କ୍ଲାସେନ ୧୩, ଡେଭିଡ ମିଲର ୧୬ ରନକରି ଆଉଟ ହୋଇଥିବା ବେଳେ ରାବାଡ଼ା ୧୯ ରନରେ ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ, ହାଜେଲଉଡ, ଆଡମ ଜାମ୍ପା ୨ଟି ଲେଖାଏ, ମ୍ୟାକ୍ସୱେଲ ଓ ପ୍ୟାଟ କମିନ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୧୮/୯**

(ଏଡେନ ମାରାକ୍ରାମ- ୪୦, କାଗିସୋ ରାବାଡା- ୧୯*, ଡେଭିଡ୍ ମିଲର- ୧୬, ହେନେରିଚ କ୍ଲାସେନ- ୧୩, ଟେମ୍ବା ବଭୁମା- ୧୨, ମିଚେଲ ଷ୍ଟାର୍କ- ୨/୩୨, ଜୋଶ ହାଜେଲଉଡ- ୨/୧୯, ଆଡମା ଜାମ୍ପା- ୨/ ୨୧)।

**ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୨୧/୫**

(ଷ୍ଟିଭ ସ୍ମିଥ୍- ୩୫, ମାର୍କସ ଷ୍ଟୋଇନିସ୍- ୨୪*, ମାଥ୍ୟୁ ୱେଡ- ୧୫*, ମ୍ୟାକ୍ସୱେଲ- ୧୮, ଡେଭିଡ୍ ୱାର୍ନର- ୧୪, ମିଚେଲ ମାର୍ଶ-୧୧, ଅନରିଚ ନୋର୍ଜ- ୨/୨୧, ରାବାଡ଼ା-/୨୮, କେଶବ ମହାରାଜ- ୧/୨୩, ତାବରେଜ ସାମସି- ୧/୨୨)।

# ୱେଷ୍ଟଇଣ୍ଡିଜର ଶୋଚନୀୟ ପରାଜୟ

**ଦୁବାଇ,୨୩।୧୦**

ଟି୨୦ ବିଶ୍ୱକପ୍ ସୁପର-୧୨ରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ୱେଷ୍ଟଇଣ୍ଡିଜ ଲଜ୍ଜାଜନକ ଭାବେ ୭୦ ବଲ ବାକିଥାଇ ୬ ଉଇକେଟରେ ଇଂଲଣ୍ଡଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଲୋ ସ୍କୋରିଂ ମୁକାବିଲାରେ ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ଇଂଲଣ୍ଡ ବୋଲରମାନେ ୱେଷ୍ଟଇଣ୍ଡିଜକୁ ୫୫ ରନରେ ସୀମିତ ରଖିଥିଲେ। ୧୪.୨ ଓଭରରେ ୨ଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ୮.୨ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

୫୬ ରନ ଛୋଟିଆ ଟାର୍ଗେଟର ପିଛା କରି ଇଂଲଣ୍ଡ ମଧ୍ୟ ୪ ବ୍ୟାଟରଙ୍କୁ ହରାଇଥିଲା। ଦଳ ତରଫରୁ ଜାସନ ରୟ ୧୧, ଜନି ବେୟାରଷ୍ଟୋ ୯, ମୋଇନ ଅଲି ୩, ଲିଆମ ଲଭିଂଷ୍ଟୋନ ୧ ରନକରି ଆଉଟ ହୋଇଥିଲେ। ଜୋସ ବଟଲର ୨୪ ଓ ଅଧିନାୟକ ଇଅନ ମୋର୍ଗାନ ୭ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜର ଅକିଲ ହୋସେନ ୨ ଓ ରବି ରାମପଲ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଇଂଲଣ୍ଡ ସ୍ପିନରଙ୍କ ମୁକାବିଲା କରି ନ ପାରି ମାମୁଲି ପ୍ରଦର୍ଶନ କରିଥିଲା। ୱେଷ୍ଟଇଣ୍ଡି ଇନିଂସ ତାସଘର ପରି ଭୁସୁଡି ପଡିଥିଲା। ଏକ ଟେଷ୍ଟ ପ୍ଲେଇଂ ଦେଶ ଭାବେ ୱେଷ୍ଟଇଣ୍ଡିଜ ଟି୨୦ ସର୍ବନିମ୍ନ ସ୍କୋର କରିଥିଲା। ଏହାପୂର୍ବରୁ ନ୍ୟୁଜିଲାଣ୍ଡ ୨୦୧୪ ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ବିପକ୍ଷରେ ୬୦ ରନରେ ଅଲଆଉଟ ହୋଇଥିଲା। ୱେଷ୍ଟଇଣ୍ଡିଜ ତରଫରୁ ଅଭିଜ୍ଞ କ୍ରିସ ଗେଲ ୧୩ ରନକରି ଆଉଟ ହୋଇଥିଲେ। ବାକି ୧୦ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଆନ୍ଦ୍ରେ ରସେଲ ଏହି ଫର୍ମାଟ୍‌ରେ ଅଷ୍ଟମଥର ପାଇଁ ଶୂନରେ ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ସ୍ପିନର ଆଦିଲ ରସିଦ ମାତ୍ର ୨ ରନ ଦେଇ ସର୍ବାଧିକ ୪, ମୋଇନ ଅଲି ୨, ଟିମାଲ ମିଲ୍ସ ୨, କ୍ରିସ୍ ୱକ୍ସ ଓ କ୍ରିସ ଜୋର୍ଡାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୧୪.୨ ଓଭରରେ ୫୫ ଅଲଆଉଟ

(କ୍ରିସ୍ ଗେଲ- ୧୩, ଆଦିଲ ରସିଦ- ୪/୨, ମୋଇନ ଅଲି- ୨/୧୭, ଟିମାଲ ମିଲ୍ସ- ୨/୧୭)।

ଇଂଲଣ୍ଡ ୮.୨ ଓଭରରେ ୫୬/୪

(ଜୋସ ବଟଲର- ୨୪*, ଜାସନ ରୟ- ୧୧, ଅକିଲ ହୋସେନ- ୨/୨୪)।







ପୃଷ୍ଠା-୮+୮

ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୨୪/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Sunday, October 24/2021 | ପୃଷ୍ଠା-୧

# ନିଲମ୍ବିତ କନଷ୍ଟେବଲ ପ୍ରସନ୍ନ ଗିରଫ

## ମନୀଷ ଅନୁରାଗ ହତ୍ୟା ମାମଲା

■ ହୋଟେଲ ମାଲିକ, ବାର୍ ମ୍ୟାନେଜର ମଧ୍ୟ ଗିରଫ

■ ଜାମିନ ନାମଞ୍ଜୁର ପରେ ଜେଲ୍ ଗଲେ


ପ୍ରସନ୍ନ ବେହେରା


ପ୍ରଦ୍ୟୁମ୍ନ ଜେନା

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ବହୁ ଚର୍ଚ୍ଚିତ ମନୀଷ ଅନୁରାଗ ହତ୍ୟା ମାମଲାର ତଦନ୍ତରୁ ତମାଣ୍ଡୋ ଥାନା ପାତ୍ରପଡାସ୍ଥିତ ସାଉଥ୍ ସିଟି ହୋଟେଲ୍ ଆଣ୍ଡ୍ ବାର୍‌ର କଳାକାରନାମା ଜଣାପଡ଼ିବା ପରେ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କମିଶନରେଟ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶୁକ୍ରବାରଠାରୁ ଥାନାରେ ଅଟକ ଥିବା ହୋଟେଲ ମାଲିକ ଭୁବନେଶ୍ୱର ବିଜେବିନଗରର ପ୍ରଦ୍ୟୁମ୍ନ ଜେନା ଓ ଲିଜ୍‌ରେ ନେଇ ବାର୍ ଚଳାଉଥିବା ରିଜର୍ଭ ପୋଲିସର କନଷ୍ଟେବଲ ପ୍ରସନ୍ନ ବେହେରାଙ୍କୁ ଶନିବାର ଗିରଫ କରାଯାଇଛି। ଏଥିସହ ପାତ୍ରପଡ଼ାରରେ ରହୁଥିବା ବାର୍ ମ୍ୟାନେଜର ସୌଭିକ୍ କୁମାର ଜେନାଙ୍କୁ ମଧ୍ୟ ଗିରଫ କରିଛି ପୋଲିସ। ନାଇଟ୍ କର୍ଫ୍ୟୁ ଓ କୋଭିଡ୍ ନିୟମକୁ ଉଲ୍ଲଂଘନ କରିବା ସହ ବିନା ଲାଇସେନ୍ସରେ ବାର୍ ଚଳାଉଥିବାରୁ ସେମାନଙ୍କ ନାମରେ ଆଇପିସି ଦଫା ୨୬୯, ୨୭୦, ୧୬୮, ୧୨୦(ବି) ସମେତ ୫୨(ଏ) ଓଡ଼ିଶା ଏକ୍ସସାଇଜ୍ ଆକ୍ଟ, ୯୬ ଓୟୁପି ଆକ୍ଟ/୩ଇଡି ଆକ୍ଟରେ ମାମଲା (ନଂ. ୨୨୧/୨୧) ରୁଜୁ ହୋଇଛି। ସମସ୍ତଙ୍କୁ ପୋଲିସ ☞ପୃଷ୍ଠା-୪

# ଦାରିଙ୍ଗବାଡ଼ିରେ ପହିଲି ଶୀତ

## ଦିନକରେ ୫ ଡିଗ୍ରୀ ଖସିଲା ପାରଦ

ଦାରିଙ୍ଗବାଡ଼ି,୨୩।୧୦(ଡି.ଏନ୍.ଏ.)

ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଚଳିତବର୍ଷର ପହିଲି ଶୀତ ଅନୁଭୂତ ହୋଇଛି। ଗୋଟିଏ ଦିନରେ ପାରଦ ୫ ଡିଗ୍ରୀ ତଳକୁ ଖସିଛି। ଶୁକ୍ରବାର ଏଠାରେ ସର୍ବନିମ୍ନ ତାପମାତ୍ର ୧୬ ଡିଗ୍ରୀ ରହିଥିବା ବେଳେ ଶନିବାର ୧୧ ଡିଗ୍ରୀକୁ ଖସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅଞ୍ଚଳରେ ହଠାତ୍ ଶୀତ ଆସିଥିବାରୁ ପର୍ଯ୍ୟଟକମାନେ ଖୁସି ଅନୁଭବ କରୁଛନ୍ତି। ରାତି ଓ ଭୋରରେ ଅଧିକା ଶୀତ ଅନୁଭୂତ ହେଉଥିବାରୁ ଲୋକେ ଶୀତବସ୍ତ୍ର ବ୍ୟବହାର ସହ ନିଆଁ ନିକଟରେ ବସୁଥିବା ଦେଖାଯାଇଛି। ପ୍ରାତଃ ଭ୍ରମଣକାରୀମାନେ ଖରା ପଡ଼ିବା ପରେ ଘରୁ ବାହାରୁଛନ୍ତି। ଗତ କିଛିଦିନ ହେଲା ଅଞ୍ଚଳରେ ପାଗ ଶୁଖିଲା ରହିବା ସହ ବିଳମ୍ବିତ ରାତିରୁ ସକାଳ ୮ଟା ପର୍ଯ୍ୟନ୍ତ ଘନକୁହୁଡ଼ି ଆଚ୍ଛାଦିତ ହେଉଛି। ଏଥିଯୋଗୁ ଗାଡ଼ିମୋଟର ଯାତାୟାତରେ ସମସ୍ୟା ଦେଖାଯାଉଛି। ରାତି ଶୀତ ଯୋଗୁ ଲୋକେ କାମଧନ୍ଦାକୁ ଯିବାରେ ସମସ୍ୟା ଦେଖାଦେବା ଏବେ ଚିନ୍ତାର କାରଣ ହୋଇଛି। ☞ପୃଷ୍ଠା-୪


କୁହୁଡ଼ି ଆଚ୍ଛାଦିତ ହୋଇଥିବା ଦୃଶ୍ୟ।

# ଝୁଲୁଛି ୧୦ ବର୍ଷିଆ ଆକ୍ସନ ପ୍ଲାନ

## ଦାଉସାଧୁଛି ଜଳବାୟୁ ପରିବର୍ତ୍ତନ

*ଓଡ଼ିଶାବାସୀ କିଛି ବର୍ଷ ହେଲା ଲଗାତର ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୨୦ରୁ ୨୦୩୦ ପର୍ଯ୍ୟନ୍ତ ଏକ ୧୦ ବର୍ଷିଆ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ତେବେ ଏଥିରେ କେତେକ ପରିବର୍ତ୍ତନ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ଆବଶ୍ୟକ ସଂଶୋଧନ ପରେ ଉକ୍ତ ଆକ୍ସନ ପ୍ଲାନ୍‌କୁ ୨୦୨୦ ଜୁଲାଇରେ କେନ୍ଦ୍ର ନିକଟକୁ ପଠାଯାଇଛି। କେନ୍ଦ୍ର ଅନୁମୋଦନ ମିଳୁ ନ ଥିବାରୁ ତାହାକୁ କାର୍ଯ୍ୟକାରୀ କରାଯାଇ ପାରୁନାହିଁ।*

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ସମସ୍ୟା ହେଲାଣି। ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ୨୦୫୦ ସୁଦ୍ଧା ଅଧିକାଂଶ ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା କରାଯାଉଛି। ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଓଡ଼ିଶା, ଗୁଜରାଟ ଭଳି ରାଜ୍ୟ ଏହା ଦ୍ୱାରା ଗୁରୁତର ପ୍ରଭାବିତ ହେବେ ବୋଲି ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। କିନ୍ତୁ ଓଡ଼ିଶା ପ୍ରାୟ ଏକ ଦଶନ୍ଧି ହେଲା ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟକୁ ସାମ୍ନା କରିଆସୁଛି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ମୌସୁମୀ ଆଗମନରେ ଅସ୍ୱାଭାବିକତା ଦେଖାଦେଇଛି। ୧୨୦ ଦିନରୁ ମୌସୁମୀ ବର୍ଷା ଏବେ ୬୦ରୁ ୭୦ ଦିନକୁ ଖସି ଆସିଛି। ଏଥିଯୋଗୁ କୃଷି, ବିଦ୍ୟୁତ୍ ଉତ୍ପାଦନ, ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପକାଇଛି। ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର୍ ଓସନ ଇନ୍‌ଫରମେଶନ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ଦ୍ୱାରା ଓଡ଼ିଶାର କୋଷ୍ଟାଲ ଭଲ୍‌ନେରେବିଲିଟି ଇଣ୍ଡେକ୍ସ (ସିଭିଆଇ) ପ୍ରସ୍ତୁତ କରାଯାଇଛି। ସମୁଦ୍ର ନିକଟରୁ ୧ କିଲୋମିଟର ବ୍ୟାପୀ ଅଞ୍ଚଳକୁ ନେଇ ରିପୋର୍ଟ ପ୍ରସ୍ତୁତ ହୋଇଛି।

ରିପୋର୍ଟରେ ଉଲ୍ଲେଖ ଥିବା ସମଗ୍ର ଅଞ୍ଚଳକୁ ନିମ୍ନ, ମଧ୍ୟମ ଓ ଅତି ବିପଦପୂର୍ଣ୍ଣ ଅଞ୍ଚଳରେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ଓଡ଼ିଶା ଉପକୂଳର ୬ ଜିଲା ତଥା ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସମୁଦ୍ର ଉପକୂଳକୁ ଲାଗି ରହିଥିବା ଗଞ୍ଜାମ ଜିଲାର କିଛି ଅଞ୍ଚଳ, ଚିଲିକା, ପୁରୀର ଦକ୍ଷିଣ ଭାଗ ଏବଂ କେନ୍ଦ୍ରାପଡ଼ା ଜିଲାର ୭୬ କିଲୋମିଟର ଅଞ୍ଚଳକୁ କମ୍, ସେହି ଜିଲାଗୁଡ଼ିକର ୨୦୯ କିଲୋମିଟର ବ୍ୟାପ୍ତ ଅଞ୍ଚଳକୁ ମଧ୍ୟମ ଓ ୧୦୭ କିଲୋମିଟର ଅଞ୍ଚଳକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲାର ଉତ୍ତର ଭାଗ, ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲାର ଉତ୍ତର ଓ ଦକ୍ଷିଣ ଭାଗ ଏବଂ ଦକ୍ଷିଣ ବାଲେଶ୍ୱରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଦେଶର ତଟୀୟ ଅଞ୍ଚଳଗୁଡ଼ିକ ପ୍ରତି ବିପଦ ମାଡ଼ି ☞ପୃଷ୍ଠା-୪



# ଭାରତ, ପାକିସ୍ତାନ ଅସୁରକ୍ଷିତ

■ ଆମେରିକା ଗୋଇନ୍ଦା ଏଜେନ୍ସି ରିପୋର୍ଟ

■ ଭୂରାଜନୈତିକ ତିକ୍ତତା ବଢ଼ାଇବ ବିଶ୍ୱତାପନ

■ ସ୍ଥାନାନ୍ତର ହେବେ ସୀମାନ୍ତବର୍ତ୍ତୀ ବାସିନ୍ଦା

ୱାଶିଂଟନ୍, ୨୩।୧୦

ଆମେରିକାର ଗୋଇନ୍ଦା ଏଜେନ୍ସି ନ୍ୟାଶନାଲ ଇଣ୍ଟେଲିଜେନ୍ସ ଏଷ୍ଟିମେଟ୍ (ଏନ୍‌ଆଇଇ) ଜଳବାୟୁ ପରିବର୍ତ୍ତନ ଏବଂ ଏଥିଯୋଗୁ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଦେଶଗୁଡ଼ିକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏଥିରେ ୧୧ ଦେଶକୁ ସମ୍ବେଦନଶୀଳ ତାଲିକାରେ ରଖାଯାଇଥିବାବେଳେ ସେଥିମଧ୍ୟରେ ଭାରତ ଓ ପାକିସ୍ତାନ ମଧ୍ୟ ରହିଛି। ଏହି ୧୧ଟି ଦେଶ ଜଳବାୟୁରେ ନକାରାତ୍ମକ ପରିବର୍ତ୍ତନ ଯୋଗୁ ଉପୁଜିବାକୁ ଥିବା ପରିବେଶ ତଥା ସାମାଜିକ ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତି କ୍ଷମତା ଯଥେଷ୍ଟ ନୁହେଁ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଶ୍ୱର ତାପମାତ୍ରା କିପରି ଓ କେତେମାତ୍ରାରେ ବୃଦ୍ଧି ଘଟିବ ସେ ଦିଗରେ ଭାରତ ଏବଂ ଚାଇନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ବିଶ୍ୱତାପନ ଯୋଗୁ ଭୂରାଜନୈତିକ ତିକ୍ତତା ବଢ଼ିବ। ୨୦୪୦ ସୁଦ୍ଧା ଆମେରିକାର ☞ପୃଷ୍ଠା-୪




## ସଂକ୍ଷେପରେ

### ବଳାତ୍କାରୀ ଜଜ୍‌ଙ୍କୁ ୧୦ ବର୍ଷ ଜେଲ

**ଜମ୍ମୁ, ୨୩।୧୦(ଆଇଏଏନ୍ଏସ୍):** ଏକ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଜ୍‌ଙ୍କୁ ଜମ୍ମୁ-କଶ୍ମୀର ଫାଷ୍ଟଟ୍ରାକ୍ କୋର୍ଟ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ତାଙ୍କ ଉପରେ ୫୦,୦୦୦ ଟଙ୍କା ଅର୍ଥଦଣ୍ଡ ଲଗାଯାଇଛି। ୨୦୧୮ରେ ଆଇନଗତ ସହାୟତା ପାଇଁ ଆସିଥିବା ଜଣେ ମହିଳାଙ୍କୁ ଜମ୍ମୁର ନ୍ୟାୟିକ ଅଧିକାରୀ ରାଜେଶ କୁମାର ଆବ୍ରୋଲ୍ ବଳାତ୍କାର କରିବା ସହ ଠକିଥିଲେ। ଗୁରୁବାର ତାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଶନିବାର ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ବ୍ୟତୀତ ତାଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଉଭୟ ଦଣ୍ଡ ଏକସଙ୍ଗେ ଦିଆଯିବ ବୋଲି ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଖଲିଲ ଚୌଧରୀ କହିଛନ୍ତି। ବଳାତ୍କାର ମାମଲାରେ ବିଚାରର ସମ୍ମୁଖୀନ ହେବା ପୂର୍ବରୁ ଆବ୍ରୋଲ ସବ୍‌ଜଜ୍ ଥିଲେ।

### ସ୍ତ୍ରୀଙ୍କ ମୃତ୍ୟୁ ପରେ ୪ ପିଲାଙ୍କ ସହ ସ୍ୱାମୀଙ୍କ ଆତ୍ମହତ୍ୟା

**ବେଲଗଭି, ୨୩।୧୦:** ସ୍ତ୍ରୀଙ୍କ ମୃତ୍ୟୁ ଦୁଃଖ ସହି ନ ପାରି କର୍ନାଟକର ବେଲଗଭି ଜିଲାର ଗୋପାଳ ହାଡିମଣି(୪୬) ଶନିବାର ତାଙ୍କ ୪ ସନ୍ତାନଙ୍କ ସହ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଅନ୍ୟ ମୃତକମାନେ ହେଲେ ସୌମ୍ୟ ହାଡ଼ିମଣି(୧୯), ଶ୍ୱେତା ହାଡିମଣି (୧୬), ସାକ୍ଷୀ ହାଡ଼ିମଣି(୧୧) ଏବଂ ସୃଜନ ହାଡ଼ିମଣି(୮)। ପୋଲିସ କହିବା ଅନୁଯାୟୀ, ବ୍ଲାକ୍ ଫଙ୍ଗସ୍‌ର ଶିକାର ହୋଇ ଗୋପାଳଙ୍କ ସ୍ତ୍ରୀ ଜୟାଙ୍କ ଗତ ଜୁଲାଇ ୬ରେ ମୃତ୍ୟୁ ଘଟିଥିଲା। ଏହାପରଠାରୁ ଗୋପାଳ ଓ ପିଲାମାନେ ଧୈର୍ଯ୍ୟହରା ହୋଇପଡ଼ିଥିଲେ। ଶେଷରେ ପରିବାରର ସମସ୍ତେ ଆତ୍ମହତ୍ୟା ଭଳି ଚରମପନ୍ଥା ଆପଣାଇଛନ୍ତି।

### ଭାରତ ଉପରୁ ଭ୍ରମଣ କଟକଣା ହଟାଇଲା ସିଙ୍ଗାପୁର

**ସିଙ୍ଗାପୁର, ୨୩।୧୦:** କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ସିଙ୍ଗାପୁର ଏହାର ଭ୍ରମଣ କଟକଣା ତାଲିକାରୁ ଭାରତ ଓ ଅନ୍ୟ ୫ ଦକ୍ଷିଣ ଏସୀୟ ଦେଶକୁ ବାଦ୍ ଦେଇଛି। ଭାରତ, ବାଂଲାଦେଶ, ମିଆଁମାର, ନେପାଳ, ପାକିସ୍ତାନ, ଶ୍ରୀଲଙ୍କାକୁ ପୂର୍ବରୁ ୧୪ ଦିନିଆ ଭ୍ରମଣରେ ଯାଇଥିବା ଲୋକେ ବୁଧବାରଠାରୁ ସିଙ୍ଗାପୁରରେ ପ୍ରବେଶ ଲାଗି ଅନୁମତି ପାଇବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଉପରୋକ୍ତ ଦେଶର ଯାତ୍ରୀଙ୍କୁ ୧୦ ଦିନ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ।

### ଫୈଜାବାଦ ରେଳ ଷ୍ଟେଶନ ନାଁ ବଦଳିଲା

**ଲକ୍ଷ୍ନୌ, ୨୩।୧୦:** ଫୈଜାବାଦ ରେଳଷ୍ଟେଶନ ନାଁ ବଦଳାଇବା ପାଇଁ ଉତ୍ତରପ୍ରଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏହା ଟୁଇଟ୍ କରାଯାଇଛି। ଫୈଜାବାଦ ଷ୍ଟେଶନ ନାଁ ପରିବର୍ତ୍ତନ ହୋଇ ଅଯୋଧ୍ୟା କାଣ୍ଟ ରେଳଷ୍ଟେଶନ ଭାବେ ନାମିତ କରାଯାଇଛି। ୨୦୧୮ରେ ରାଜ୍ୟ ସରକାର ଫୈଜାବାଦ ନାଁ ବଦଳାଇ ଅଯୋଧ୍ୟା ରଖିଥିଲେ। ପୂର୍ବରୁ ଭାଜପା ସରକାର ଆଲ୍ଲାହାବାଦକୁ ପ୍ରୟାଗରାଜ ଏବଂ ମୋଗଲସରାଇ ରେଳ ଜଙ୍କଶନକୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କଶନ ଭାବେ ନାମିତ କରିଥିଲେ।

## ଓସ୍କାର ଦୌଡ଼ରେ 'କୁଝାଙ୍ଗଲ'




ନିର୍ଦ୍ଦେଶକ ପିଏସ୍ ବିନୋଥରାଜ୍‌ଙ୍କ ପ୍ରଥମ ଫିଲ୍ମ 'କୁଝାଙ୍ଗଲ୍' ଓସ୍କାର-୨୦୨୨ରେ ଭାରତ ପକ୍ଷରୁ ଅଫିସିଆଲ ଭାବେ ସାମିଲ ହୋଇଛି। ୧୪ଟି ଫିଲ୍ମ ଓସ୍କାରରେ ଏଣ୍ଟ୍ରି ପାଇଁ ଶର୍ଟଲିଷ୍ଟ ହୋଇଥିବାବେଳେ ସେଥିମଧ୍ୟରୁ କୁଝାଙ୍ଗଲକୁ ଚୟନ କରାଯାଇଛି। ଏହି ତାମିଲ ଚଳଚ୍ଚିତ୍ର ନୟନତାରା ଏବଂ ଭିଗ୍ନେଶ ଶିବାନଙ୍କ ରାଉଡି ପିକ୍ଚର ବ୍ୟାନରରେ ନିର୍ମିତ ହୋଇଛି। କୁଝାଙ୍ଗଲ ଓସ୍କାର ରେସ୍‌ରେ ସ୍ଥାନ ପାଇଥିବା ସମ୍ପର୍କରେ ପ୍ରଯୋଜକ ଭିଗ୍ନେଶ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଗତ ଫେବୃୟାରୀରେ ନେଦରଲାଣ୍ଡ୍‌ସରେ ଆୟୋଜିତ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ରୋଟରଡମ୍‌ରେ ସମ୍ମାନଜନକ ଟାଇଗର ଆୱାର୍ଡ ପାଇଥିଲା। ଏଥିରେ ଚେଲାପାଣ୍ଡି ଏବଂ କରୁଥିଥାଦାୟନ ପ୍ରମୁଖ ଭୂମିକାରେ ଅଛନ୍ତି। ଜଣେ ନିଶାଖୋର୍ ବାପା ଏବଂ ତାଙ୍କ ପୁଅଙ୍କ କାହାଣୀ ଉପରେ କୁଝାଙ୍ଗଲ ଆଧାରିତ। ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସ୍ତ୍ରୀ ଘର ଛାଡ଼ି ଚାଲିଯାଇଛନ୍ତି। କିପରି ବାପପୁଅ ଏକାଠି ହୋଇ ପୁଣି ସେହି ମହିଳାଙ୍କ ବିଶ୍ୱାସ ଜିତିଛନ୍ତି ତାହା ଏଥିରେ ଦେଖିବାକୁ ମିଳିଛି।

## ଆଲିଙ୍ଗନ ଦୃଶ୍ୟ ଉପରେ କଟକଣା



ଟିଭିରେ ଆଲିଙ୍ଗନ, ବୋଲ୍ଡ ସିନ୍ ଦେଖାଯିବା ଉପରେ ପାକିସ୍ତାନ ଇଲେକ୍ଟ୍ରୋନିକ୍ ମିଡିଆ ନିୟନ୍ତ୍ରକ କର୍ତ୍ତୃପକ୍ଷ(ପିଇଏମ୍ଆର୍ଏ) କଟକଣା ଲଗାଇଛି। ସ୍ଥାନୀୟ ଟିଭି ଚ୍ୟାନେଲଗୁଡ଼ିକୁ ଏ ବାବଦରେ ନୋଟିସ୍ ଜାରି କରାଯାଇ କୌଣସି ଡ୍ରାମାରେ ଆଲିଙ୍ଗନ୍, ବୋଲ୍ଡ ସିନ୍ ଆଦି ନ ଦେଖାଇବାକୁ କୁହାଯାଇଛି। କେତେକ ଡ୍ରାମାରେ ସ୍କ୍ରିନ୍‌ରେ ଆସୁଥିବା ଏଭଳି ଦୃଶ୍ୟ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ତାହାକୁ ନେଇ ବିବାଦ ସୃଷ୍ଟି ହେଉଛି। ଏହା 'ସାଧାରଣ ଭାବେ ଗ୍ରହଣୀୟ ମାନକ' ବିରୋଧରେ ଯାଉଛି। ପାକିସ୍ତାନ ସମାଜରେ ଇସ୍‌ଲାମିକ ଶିକ୍ଷା ଏବଂ ସଂସ୍କୃତିକୁ ସମ୍ପୂର୍ଣ୍ଣ ଅବମାନନା କରାଯାଇ ବିବାହିତ ଦମ୍ପତିଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ଦେଖାଯାଉଛି ବୋଲି ପିଇଏମ୍ଆର୍ଏ କହିଛି। ତେଣୁ ପ୍ରତ୍ୟେକ ଡ୍ରାମା କଣ୍ଟେଣ୍ଟକୁ ସମୀକ୍ଷା କରି ଏହାର ପ୍ରସାରଣ କରାଯିବାକୁ ସମସ୍ତ ଟିଭି ଚ୍ୟାନେଲକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅବମାନନା କଲେ ସେମାନଙ୍କ ଟିଭି ଚ୍ୟାନେଲଗୁଡ଼ିକର ଲାଇସେନ୍ସ ରଦ୍ଦ କରାଯିବ ବୋଲି କୁହାଯାଇଛି।

# ଜମ୍ମୁ-କଶ୍ମୀରକୁ ମିଳିବ ରାଜ୍ୟ ମାନ୍ୟତା

**ଶ୍ରୀନଗର, ୨୩।୧୦**

ଜମ୍ମୁ-କଶ୍ମୀରରେ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ କରାଯିବା ପରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପରେ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ସେଠାକୁ ୩ ଦିନିଆ ଗସ୍ତରେ ଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣକୁ କ'ଣ ପାଇଁ ବନ୍ଦ କରାଯିବ ବୋଲି ସେ ପ୍ରଶ୍ନ କରିବା ସହ ସେ କଶ୍ମୀର ଯୁବକମାନଙ୍କ ସହ ବନ୍ଧୁତା ଚାହାନ୍ତି ବୋଲି କହିଥିଲେ। ୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରାଯାଇଥିବାରୁ ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ ଅପରିହାର୍ଯ୍ୟ ହୋଇପଡ଼ିଛି। ଆସନ୍ତା ବର୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଶାହା କହିଥିଲେ, ଜମ୍ମୁ-କଶ୍ମୀରରେ ଆତଙ୍କବାଦ କମିଛି। ଟେକାମାଡ଼ ଦେଖିବାକୁ ମିଳୁନାହିଁ। ସେଠାରେ ଶାନ୍ତି ବ୍ୟାହତ କରିବାକୁ ଚାହୁଁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିକାଶ ପ୍ରକ୍ରିୟାରେ କେହି ପ୍ରତିବନ୍ଧକ ହୋଇପାରିବେ ନାହିଁ, ଏନେଇ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶାହା କହିଥିଲେ। ଉପତ୍ୟକାରେ କର୍ଫ୍ୟୁ ଲାଗୁ ହେବା ସହ ଇଣ୍ଟରନେଟ ସେବା ବନ୍ଦ ରହିବାରୁ କଶ୍ମୀରୀ ଯୁବବର୍ଗ ସୁରକ୍ଷିତ ରହିଛନ୍ତି। ତାହା ନ ହୋଇଥିଲେ କେତେ ଯେ ଜୀବନ ଯାଇଥାନ୍ତା ତାହା କହିହେବ ନାହିଁ। କର୍ଫ୍ୟୁ ଓ ଇଣ୍ଟରନେଟ ବନ୍ଦକୁ ବିରୋଧ କରାଯାଉଥିଲା। ପୂର୍ବରୁ କର୍ଫ୍ୟୁ ଲାଗୁ ହେଉ ନ ଥିଲା କି ବୋଲି ଶାହା ପ୍ରଶ୍ନ କରିଛନ୍ତି।

ଜମ୍ମୁ-କଶ୍ମୀରରେ ସଂଖ୍ୟାଲଘୁ ଓ ପ୍ରବାସୀମାନଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି। ଗତ ୧୫ ଦିନ ମଧ୍ୟରେ ୧୧ ଜଣ ନିରୀହ ବ୍ୟକ୍ତି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଲେଣି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ପ୍ରଥମ ଥର ପାଇଁ ଅମିତ୍ ଶାହା ଶନିବାର ସେଠାକୁ ୩ ଦିନିଆ ଗସ୍ତରେ ଯାଇଛନ୍ତି। ଶ୍ରୀନଗରଠାରେ ଶାହା ରାଜ୍ୟର ସୁରକ୍ଷା ସ୍ଥିତି ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ରାଜଭବନରେ ଅନୁଷ୍ଠିତ ବୈଠକରେ ସଂଖ୍ୟାଲଘୁ ଓ ପ୍ରବାସୀମାନଙ୍କ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା।



ଆତଙ୍କବାଦୀ ଆକ୍ରମଣରେ ନିହତ ଇନ୍ସପେକ୍ଟର ପରଭେଜ୍ ଅହମଦଙ୍କ ପରିବାରକୁ ଅମିତ୍ ଶାହା ଭେଟୁଛନ୍ତି।

- ସୀମା ପୁନଃ ନିର୍ଦ୍ଧାରଣ ପରେ ନିର୍ବାଚନ
- ସୁରକ୍ଷା ସ୍ଥିତିର ସମୀକ୍ଷା କଲେ ଶାହା

ବୈଠକରେ ଉପରାଜ୍ୟପାଳ ମନୋଜ ସିହ୍ନା, ବରିଷ୍ଠ ପ୍ରଶାସନିକ, ସାମରିକ ଓ ଅର୍ଦ୍ଧସାମରିକ ବାହିନୀର ଅଧିକାରୀ, କେନ୍ଦ୍ରଶାସିତ ଅଞ୍ଚଳ ଓ କେନ୍ଦ୍ର ସରକାରଙ୍କ ଗୋଇନ୍ଦା ସଂସ୍ଥାର ଅଧିକାରୀ ଯୋଗ ଦେଇଥିଲେ।

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର କରାଯିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ଉପତ୍ୟକାରୁ ଆତଙ୍କବାଦ ହଟିଯିବ ବୋଲି କୁହାଯାଉଥିଲା। କିନ୍ତୁ ଦୁଇ ବର୍ଷ ବିତିଥିଲେ ମଧ୍ୟ ଆତଙ୍କବାଦ କମିନାହିଁ। ବରଂ ଗତ କିଛିଦିନ ହେଲା ସେଠାର ସଂଖ୍ୟାଲଘୁ, ପ୍ରବାସୀ ଶ୍ରମିକ ଓ ଅନ୍ୟମାନେ ଆତଙ୍କବାଦୀଙ୍କ ଟାର୍ଗେଟ ଆକ୍ରମଣର ଶିକାର ହୋଇଛନ୍ତି। ଫଳରେ ସେଠାରେ ଥିବା ବାହାର ରାଜ୍ୟର ଲୋକ ଓ କଶ୍ମୀରୀ ପଣ୍ଡିତମାନେ ଉପତ୍ୟକା ଛାଡ଼ି ପଳାଇଯାଉଛନ୍ତି। ସାଧାରଣ ନାଗରିକଙ୍କୁ ହତ୍ୟା ଘଟଣା ପରେ ଆତଙ୍କବାଦ କାର୍ଯ୍ୟକଳାପ ଓ ଅନୁପ୍ରବେଶ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜମ୍ମୁ-କଶ୍ମୀରରେ ଅତିରିକ୍ତ ୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ନିୟୋଜିତ କରାଯାଇଛି। ଉପତ୍ୟକାର ଘନ ଜନବସତି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ଶ୍ରୀନଗରରେ କେତେକ ବଙ୍କର ନିର୍ମାଣ କରାଯାଇଛି।

ଗତ ମାସରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଇନ୍ସପେକ୍ଟର ପରଭେଜ୍ ଅହମଦଙ୍କ ଘରେ ସ୍ୱରାଷ୍ଟ୍ର ମନ୍ତ୍ରୀ ପହଞ୍ଚିଥିଲେ। ସେ ପରଭେଜଙ୍କ ସ୍ତ୍ରୀଙ୍କୁ ସରକାରୀ ନିଯୁକ୍ତି ସମ୍ପର୍କିତ କାଗଜପତ୍ର ଦେଇଥିଲେ। ଶାହାଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଡିଜିପି ଦିଲବାଗ ସିଂ ଯାଇଥିଲେ।

### ୭ ଟିକା ଉତ୍ପାଦନକାରୀଙ୍କୁ ଭେଟିଲେ ମୋଦି

**ନୂଆଦିଲ୍ଲୀ, ୨୩।୧୦**

ଭାରତରେ କୋଭିଡ୍ ଟିକାକରଣ ୧୦୦ କୋଟି ଅତିକ୍ରମ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କୋଭିଡ୍-୧୯ ଟିକା ଉତ୍ପାଦନକାରୀ ୭ ଭାରତୀୟ କମ୍ପାନୀର ପ୍ରତିନିଧିଙ୍କୁ ଭେଟିଛନ୍ତି। ଏହି ବୈଠକରେ ସିରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ), ଭାରତ ବାୟୋଟେକ୍, ଡ. ରେଡ୍ଡିସ୍ ଲାବରେଟୋରିଜ୍, ଜାଇଡସ୍ କାଡିଲା, ବାୟୋଲୋଜିକାଲ ଇ, ଜେନୋଭା ବାୟୋଫାର୍ମା ଏବଂ ପାନାସିଆ ବାୟୋଟେକ୍‌ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅନ୍ୟ ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଟିକାଦାନ ସହ ଅନ୍ୟ ଦେଶଗୁଡ଼ିକୁ ଟିକାକରଣରେ ସହାୟତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ଏବଂ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରଭିନ ପାୱାର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଶନିବାର ସକାଳ ୭ଟା ସୁଦ୍ଧା ଦେଶରେ ଟିକାକରଣ ୧୦୧.୩୦ କୋଟି ଅତିକ୍ରମ କରିଛି।

### ଆମେରିକା ଡ୍ରୋନ୍ ଆକ୍ରମଣରେ ଆଲ୍‌କାଏଦା ନେତା ନିହତ

**ୱାଶିଂଟନ, ୨୩।୧୦**

ସିରିଆରେ ଶୁକ୍ରବାର ଆମେରିକା ସୈନ୍ୟବାହିନୀର ଏକ ଡ୍ରୋନ୍ ଆକ୍ରମଣରେ ଅଲ୍‌କାଏଦାର ବରିଷ୍ଠ ନେତା ଅବଦୁଲ ହମିଦ ଅଲ୍-ମାଟାର ନିହତ ହୋଇଛନ୍ତି। ଅବଦୁଲ୍‌ଙ୍କ ମୃତ୍ୟୁ ଯୋଗୁ ଉକ୍ତ ଆତଙ୍କବାଦୀ ସଂଗଠନ ଦୁର୍ବଳ ହୋଇପଡ଼ିବ ବୋଲି ଆମେରିକା ସେନା ମେଜର ଜନ୍ ରିଗ୍‌ସ୍‌ବି କହିଛନ୍ତି। ଦୁଇଦିନ ପୂର୍ବରୁ ସିରିଆରେ ଥିବା ଆମେରିକାର ଏକ ଆଉଟପୋଷ୍ଟ ଉପରେ ଆକ୍ରମଣ ହୋଇଥିଲା। ଏହାର ଜବାବରେ ଆମେରିକା ଡ୍ରୋନ୍ ଆକ୍ରମଣ କରିଥିବା କୁହାଯାଉଛି।

### ଭାଜପା ଦେଶକୁ ବିଭାଜିତ କରୁଛି: ଫାରୁକ୍

**ଜୟପୁର, ୨୩।୧୦(ଆଇଏଏନ୍ଏସ୍)**



ଧର୍ମ ଆଧାରରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶକୁ ଭାଗ ଭାଗ କରୁଛି ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ଶନିବାର ଅଭିଯୋଗ କରିଛନ୍ତି। ଜମ୍ମୁ-କଶ୍ମୀରରେ କେବଳ ହିନ୍ଦୁ ନୁହନ୍ତି, ମୁସଲମାନ ମଧ୍ୟ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଉଛନ୍ତି। କଶ୍ମୀରୀ ପଣ୍ଡିତମାନେ ଉପତ୍ୟକାକୁ ଫେରିବା ଭଳି ଅନୁକୂଳ ବାତାବରଣ ଆସି ନ ଥିବା ସେ କହିଛନ୍ତି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଚ୍ଛେଦ ୩୭୦ ପୁନର୍ବାର କାର୍ଯ୍ୟକାରୀ କରା ନ ଯିବା ପର୍ଯ୍ୟନ୍ତ ସରକାର ଶାନ୍ତି ଆଣିବାରେ ସମର୍ଥ ହେବେନାହିଁ। ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରୁ ଆତଙ୍କବାଦ ସମ୍ପୂର୍ଣ୍ଣ ହଟିଯିବ ବୋଲି ଯେଉଁମାନେ କହୁଥିଲେ, ନିକଟରେ ସାଧାରଣ ଲୋକଙ୍କ ଉପରେ ହେଉଥିବା ଆକ୍ରମଣ ସେମାନଙ୍କ ଆଖି ଖୋଲିଦେଇଛି ବୋଲି ଏନ୍‌ସି ନେତା କହିଛନ୍ତି।

### ୨୪ ଦିନରେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡାଦେଶ

**ଜୟପୁର, ୨୩।୧୦(ଆଇଏଏନ୍ଏସ୍)**

**ନାବାଳିକା ବଳାତ୍କାର ହତ୍ୟା ମାମଲା**

ରାଜସ୍ଥାନରେ ଜଣେ ୭ ବର୍ଷୀୟା ଝିଅକୁ ବଳାତ୍କାର ପରେ ହତ୍ୟା ମାମଲାର ବିଚାର ଅପରାଧ ଘଟିବାର ୨୪ ଦିନ ମଧ୍ୟରେ ଶେଷ ହୋଇଛି। ଏହି ମାମଲାରେ ଅଭିଯୁକ୍ତ ଦିନେଶ ଜାଟ୍‌ଙ୍କୁ ଶୁକ୍ରବାର ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ଗତ ସେପ୍ଟେମ୍ବର ୨୦ରେ ଦିନେଶ ନାବାଳିକାଙ୍କୁ ଉପହାର ପ୍ରଲୋଭନ ଦେଖାଇ ତାଙ୍କ ଘରୁ ନେଇଯାଇଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ସଙ୍ଗେ ସଙ୍ଗେ ତଦନ୍ତ ଆରମ୍ଭ କରିବା ସହ ଏକ ବିଲରୁ ମୃତଦେହ ପାଇଥିଲା। ଆଜମେର ରେଞ୍ଜ ଆଇଜିଙ୍କ ନେତୃତ୍ୱରେ ପୋଲିସ ଟିମ୍ ନାଗୋରେରେ ପହଞ୍ଚି ତଥ୍ୟ ପ୍ରମାଣ ସଂଗ୍ରହ କରିଥିଲା। ୬ ଦିନରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ମେର୍ଟା ସହରର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ସେପ୍ଟେମ୍ବର ୨୮ରୁ ସାକ୍ଷୀମାନଙ୍କୁ ଡକାଯାଇ ବୟାନ ରେକର୍ଡ କରାଯିବା ସହ ଦିନେଶ ଦୋଷୀ ବୋଲି ପ୍ରମାଣ ସଂଗ୍ରହ କରାଯାଇଥିଲା। ଶେଷରେ କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିବା ପୋଲିସ ମହାନିର୍ଦ୍ଦେଶକ ଏମ୍.ଏଲ୍. ଲାଥର କହିଛନ୍ତି।

### ଘରେ ରୁହ, ଅନ୍‌ଲାଇନରେ ଜିନିଷ କିଣ

**ନୂଆଦିଲ୍ଲୀ, ୨୩।୧୦**

**ପାର୍ବଣ ପାଇଁ କୋଭିଡ୍ ଆଡଭାଇଜରି**

ଆଗକୁ ଦୀପାବଳି ଓ ଇଦ୍ ଥିବାବେଳେ କୋଭିଡ୍ ସତର୍କତା ନିୟମକୁ କଡ଼ାକଡ଼ି ପାଳନ କରିବା ଲାଗି କେନ୍ଦ୍ର ସରକାର ଶନିବାର ଆଡଭାଇଜରି ଜାରି କରିଛନ୍ତି। ପାର୍ବଣ ସମୟରେ ବଜାରକୁ ନ ଯାଇ ଅନ୍‌ଲାଇନରେ ଶପିଂ କରିବା ଏବଂ ଜରୁରୀ ନ ଥିଲେ ଭ୍ରମଣରେ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। କଣ୍ଟେନମେଣ୍ଟ ଜୋନ୍ ଏବଂ ଯେଉଁ ଜିଲାରେ କୋଭିଡ୍ ପରୀକ୍ଷାର ୫ ପ୍ରତିଶତ ପଜିଟିଭ୍ ଚିହ୍ନଟ ହେଉଛି ସେଠାରେ ସମାବେଶକୁ ଅନୁମତି ଦିଆଯିବ ନାହିଁ। ସେହିପରି ମଲ୍, ସ୍ଥାନୀୟ ବଜାର ଏବଂ ଉପାସନା ସ୍ଥଳୀରେ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

### ୫୭୫ କଏଦୀ ଫେରାର

**ଲାଗୋସ୍, ୨୩।୧୦**

ଦକ୍ଷିଣ-ପଶ୍ଚିମ ନାଇଜେରିଆର ଏକ ଜେଲରେ ବନ୍ଧୁକଧାରୀମାନେ ଆକ୍ରମଣ କରି ପ୍ରାୟ ୫୭୫ କଏଦୀଙ୍କୁ ମୁକୁଳାଇ ନେଇଛନ୍ତି। ଆଫ୍ରିକାର ଏହି ଜନବହୁଳ ଦେଶରେ ଜେଲ ଉପରେ ଆକ୍ରମଣ କରି ବନ୍ଦୀମାନଙ୍କୁ ମୁକ୍ତ କରିବା ଚଳିତ ବର୍ଷର ତୃତୀୟ ଘଟଣା। ଏଥିଯୋଗୁ ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆର ଜେଲଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ପିଲାଙ୍କ ପାଇଁ ଫାଇଜର ୯୦.୭% ଫଳପ୍ରଦ

**ୱାଶିଂଟନ୍, ୨୩।୧୦**




୫ରୁ ୧୧ ବର୍ଷର ପିଲାଙ୍କ ପାଇଁ ଫାଇଜର କରୋନା ଟିକା ୯୦.୭ ପ୍ରତିଶତ ପ୍ରଭାବଶାଳୀ ବୋଲି ଫାଇଜର ଏବଂ ବାୟୋଏନ୍‌ଟେକ୍ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୨୬ରେ ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ(ଏଫ୍‌ଡିଏ)ର ବୈଠକ ଥିବାବେଳେ ଏହା ପୂର୍ବରୁ ଏକ ଡକ୍ୟୁମେଣ୍ଟର ତଥ୍ୟକୁ କମ୍ପାନୀ ପ୍ରକାଶ କରିଛି। ଉକ୍ତ ବୟସ ବର୍ଗର ପିଲାଙ୍କ ନିମନ୍ତେ ଟିକାର ଜରୁରୀ ବ୍ୟବହାରକୁ ମଞ୍ଜୁରୀ ନିମନ୍ତେ ଫାଇଜର ଏବଂ ବାୟୋଏନ୍‌ଟେକ୍ ଆବେଦନ କରୁଛନ୍ତି। ୩ ସପ୍ତାହ ବ୍ୟବଧାନରେ ଏହାର ଦୁଇଟି ଡୋଜ୍ ଦିଆଯିବ। ତଥ୍ୟରୁ ଜଣାପଡ଼ିଛି, ପ୍ରାରମ୍ଭିକ ପର୍ଯ୍ୟାୟରେ ୫ରୁ ୧୧ ବର୍ଷର ପିଲାଙ୍କଠାରେ ଏହି ଟିକା କୋଭିଡ୍ ବିରୋଧରେ ସୁରକ୍ଷା ଦେବାରେ ସକ୍ଷମ ହୋଇଛି। ଆସନ୍ତା ୨୬ରେ ହେବାକୁ ଥିବା ଏଫ୍‌ଡିଏ ବୈଠକରେ ମଞ୍ଜୁରୀ ମିଳିଲେ ଶିଶୁଙ୍କ ପାଇଁ ଏହା ପ୍ରଥମ କରୋନା ଟିକା ହେବ। ଏବେ ୧୬ରୁ ଅଧିକ ବର୍ଷ ବୟସର ପିଲାଙ୍କ ପାଇଁ ଫାଇଜର-ବାୟୋଏନ୍‌ଟେକ୍ ଭାକ୍ସିନକୁ ସମ୍ପୂର୍ଣ୍ଣ ଭାବେ ଅନୁମତି ମିଳିଛି।

# କୋଭିଡ୍ ଯୋଗୁ ୨ ବର୍ଷ କମିଛି ଆୟୁଷ

**ମୁମ୍ବାଇ, ୨୩।୧୦**



**ଆଇଆଇପିଏସ୍ ରିପୋର୍ଟ**

ଲୋକଙ୍କ ସାମାଜିକ, ଅର୍ଥନୈତିକ ଜୀବନ ସମେତ ସ୍ୱାସ୍ଥ୍ୟାବସ୍ଥାକୁ ଗମ୍ଭୀର ଭାବେ ପ୍ରଭାବିତ କରିଛି କରୋନା ମହାମାରୀ। ଏଥିଯୋଗୁ ଭାରତରେ ଜନସାଧାରଣଙ୍କ ଆୟୁଷ ୨ ବର୍ଷ କମିଛି ବୋଲି ଜନସଂଖ୍ୟା ଅଧ୍ୟୟନ ପାଇଁ ଅନ୍ତର୍ଜାତୀୟ ଅନୁଷ୍ଠାନ (ଆଇଆଇପିଏସ୍) ଏକ ରିପୋର୍ଟ ପ୍ରକାଶ କରିଛି। ଭାରତର ମହିଳା ଓ ପୁରୁଷଙ୍କ ଆୟୁଷ ହାରାହାରି ୨ ବର୍ଷ କମିଥିବା ବୈଜ୍ଞାନିକଙ୍କ ଦ୍ୱାରା ଆକଳନ ହୋଇଥିବା ଜଣାପଡ଼ିଛି। ବିଏମ୍‌ସି ପବ୍ଲିକ୍ ହେଲ୍‌ଥ ଜର୍ନାଲରେ ଆଇଆଇପିଏସ୍ ପ୍ରଫେସର ସୂର୍ଯ୍ୟକାନ୍ତ ଯାଦବଙ୍କ ଦ୍ୱାରା ଏହି ବିଶ୍ଳେଷଣାତ୍ମକ ରିପୋର୍ଟ ପ୍ରକାଶ ପାଇଛି।

୨୦୧୯ରେ ଶିଶୁ ଜନ୍ମବେଳେ ପୁରୁଷଙ୍କ କ୍ଷେତ୍ରରେ ହାରାହାରି ଆୟୁଷ ୬୯.୫ ବର୍ଷ ଥିବାବେଳେ ମହିଳାଙ୍କ କ୍ଷେତ୍ରରେ ତାହା ୭୨ ବର୍ଷ ରହିଥିଲା। ୨୦୨୦ ବେଳକୁ ଉଭୟ ବର୍ଗଙ୍କ ହାରାହାରି ବୟସ ହ୍ରାସ ପାଇ ପୁରୁଷଙ୍କ ୬୭.୫ ଏବଂ ମହିଳାଙ୍କ କ୍ଷେତ୍ରରେ ୬୯.୮ ବର୍ଷ ରହିଥିବା ରିପୋର୍ଟ କହୁଛି। ଶିଶୁର ଜନ୍ମ ସମୟରେ ମୃତ୍ୟୁ ପାର୍ଟନ ଭବିଷ୍ୟତରେ ଜାରି ରହିବାକୁ ଥିଲେ ସେହି ଆଧାରରେ ହାରାହାରି ଆୟୁଷ ହିସାବ କରାଯାଏ। ଏହି ବିଶ୍ଳେଷଣରେ 'ଜୀବନର ଆୟୁଷରେ ଅସମାନତାର ଦୀର୍ଘତା'(ଏକ ଜନସଂଖ୍ୟା ମଧ୍ୟରେ ଜୀବନ କାଳରେ ପରିବର୍ତ୍ତନ) କାରକକୁ ସାମିଲ କରାଯାଇଥିଲା। କୋଭିଡ୍ ଯୋଗୁ ଅଧିକାଂଶ ଭାବେ ୩୯ରୁ ୬୯ ବର୍ଷ ବୟସ ବର୍ଗର ଲୋକଙ୍କ ଜୀବନ ଯାଇଥିବା ଏଥିରୁ ଜଣାପଡ଼ିଛି। ପୂର୍ବବର୍ଷ ତୁଳନାରେ ୨୦୨୦ରେ ୩୫ରୁ ୭୯ ବର୍ଷ ବୟସ ମଧ୍ୟରେ ଅତିରିକ୍ତ ମୃତ୍ୟୁ ହୋଇଛି। ଆଇଆଇପିଏସ୍ ନିର୍ଦ୍ଦେଶକ ଡା. କେ. ଏସ୍. ଜେମ୍ସ କହିଛନ୍ତି, ଯେବେ ବି ଆମେ କୌଣସି ମହାମାରୀର ଶିକାର ହୋଇଛୁ ଜନ୍ମ ସମୟରେ ଶିଶୁଙ୍କ ଆୟୁଷ କମିଛି। ଆଫ୍ରିକୀୟ ଦେଶଗୁଡ଼ିକରେ ଏଚ୍ଆଇଭି-ଏଡ୍‌ସ ମହାମାରୀବେଳେ ମଧ୍ୟ ସମାନ ସ୍ଥିତି ରହିଥିଲା। ଏହା ଥରେ ନିୟନ୍ତ୍ରଣକୁ ଆସିଗଲେ ସେହି ଅନୁସାରେ ଆୟୁଷର ଦୀର୍ଘତା ମଧ୍ୟ ସାଧାରଣ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ବସ୍ ଧକ୍କାରେ ମହିଳା ଗୁରୁତର

କୁତ୍ରା, (ଡି.ଏନ.ଏ):ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ୧୦ନମ୍ବର ରାଜ୍ୟ ରାଜପଥ ତେଲିଘନାଠାରେ ବସ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଓଆର ୧୬ସି ୭୪୪୮ ଷ୍ଟାରଗୋଲଡ଼ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ସବ୍‌ଡେଗାରୁ ରାଉରକେଲା ଅଭିମୁଖେ ଯାତ୍ରା କରୁଥିଲା। ତେବେ ସେହି ବସରେ ପଞ୍ଚରା ବେଲଡିହି(ନଦୀଡିପା)ଗ୍ରାମର କ୍ରୀଷ୍ଟିନା ଲାକ୍ରା(୫୦) ନାମକ ମହିଳା ମଧ ଯାତ୍ରା କରୁଥିଲେ। ସେ କୁତ୍ରା ତେଲିଘନା ପେଟ୍ରୋଲ ପମ୍ପ ସମ୍ମୁଖରେ ବସରୁ ଓହ୍ଲାଇଥିଲେ। ମାତ୍ର ବସ ହଠାତ ଛାଡ଼ିଦେବାରୁ ପଡ଼ିଯାଇଥିଲେ। ତାଙ୍କର ଗୋଟେ ହାତ ଉପରକୁ ବସ ଚକ ଚଢ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ଖବର ପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥିଲେ।



# ଭାଜପା ଏସ୍‌ସି ସେଲ୍‌ର ସ୍ମାରକପତ୍ର

## ପୌରାଞ୍ଚଳ ଶୌଚାଳୟ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି

**ଦେବଗଡ଼,୨୩।୧୦(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଅଚଳ ଏବଂ ବ୍ୟବହାର ନ ହୋଇ ପଡିରହିଥିବା ଶୌଚାଳୟ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦେବଗଡ ଜିଲା ଭାଜପା ଏସ୍‌ସି. ମୋର୍ଚ୍ଚା ପକ୍ଷରୁ ଦେବଗଡ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଶନିବାର ପୂର୍ବାହ୍ନରେ ଦେବଗଡ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚ ସଭାପତି ପ୍ରଜିତ ଭୋଜଙ୍କ ନେତୃତ୍ୱରେ ଉପସଭାପତି ଶିବା ମୁଖି, ସମ୍ପାଦକ ମହାଦେବ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରୁ ପାତ୍ର, ଚିତ୍ତ ରଞ୍ଜନ ନାଏକ, ସୁରୁ ପାତ୍ର, ରିତ ମୁଖି ପ୍ରମୁଖ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏମର୍ମରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଏହି ଦାବିପତ୍ରର ନକଲ ଦେବଗଡ ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଥିଲେ। ଶୌଚାଳୟଗୁଡିକର ଦାୟିତ୍ୱରେ ଥିବା ପୌର ପରିଷଦ କର୍ମଚାରୀ ଏବଂ ସଫେଇ କର୍ମଚାରୀ ଠିକ ଭାବେ ସେମାନଙ୍କର ଦାୟିତ୍ୱ ତୁଲାଉ ନ ଥିବାରୁ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଶୌଚାଳୟଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଥିବା ଏବଂ ମାରାତ୍ମକ ରୋଗର ଗନ୍ତାଘର ସାଜିଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହା ସହ ସ୍ନାନ ଓ ଶୌଚପାଇଁ ଶୌଚାଳୟ ଉପରେ ନିର୍ଭର କରୁଥିବା ଗରିବ ଶ୍ରେଣୀର ଲୋକେ ଶୌଚାଳୟ ବ୍ୟବହାର କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯିବା ସହ ଅଚଳ ଶୌଚାଳୟଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦାବି କରାଯାଇଛି।

# ନଦୀ ପ୍ରଦୂଷଣ ନେଇ ଭାଜପା ପ୍ରତିନିଧି ଦଳର ଉଦ୍‌ବେଗ

**ଟେନ୍‌ସା,୨୩।୧୦(ଡି.ଏନ୍.ଏ.)**

ନଦୀଗୁଡିକର ସ୍ୱଚ୍ଛତା ଓ ସୁରକ୍ଷା ପାଇଁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନମାମି ଗଙ୍ଗେ ନଦୀ ସୁରକ୍ଷା ସମିତି, ଓଡ଼ିଶାର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ତିନି ଜଣିଆ ପ୍ରତିନିଧି ମଣ୍ଡଳୀ କୋଇଡ଼ା ଅଞ୍ଚଳ ଗସ୍ତକରିଥିଲେ। କୋଇଡ଼ା ପାର୍ଶ୍ୱବର୍ତ୍ତୀ ନଦୀଗୁଡିକର ଅନୁଧ୍ୟାନ କରିଛନ୍ତି। ପରେ ଭାଜପା ମଣ୍ଡଳ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ନଦୀଗୁଡିକର ସ୍ଥିତି ଚିନ୍ତାଜନକ ବୋଲି କହିଥିଲେ। ଏହି ସମ୍ମିଳନୀରେ ଭାଜପା ଜିଲା ସଭାପତି ଅନିଲ କୁମାର ବାର୍ଲା, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ନମାମି ଗଙ୍ଗେର ଜିଲା ସଂଯୋଜକ ଶଙ୍କର ଲୋହାର, ଜିଲା କୋଷାଧ୍ୟକ୍ଷ ଚେତନଦୀପ୍ତ ନାୟକ, ଜିଲା ଯୁବମୋର୍ଚ୍ଚା ଉପ ସଭାପତି ସନ୍ତୋଷ କୁମାର ପାତ୍ର, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କୁଳମଣି ପାତ୍ର, ମଣ୍ଡଳ ସଭାପତି ମେଲୋରୀ ବାରିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପରମେଶ୍ୱର ନାଏକ, ପାତୁ ବାରିକ, ଉମେଶ ଶ୍ରୀବାସ୍ତବ, ଆନନ୍ଦ ସିଂ, ଶଙ୍ଖାଳି ବାରିକ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରତିନିଧି ମଣ୍ଡଳୀ କାରୋ ନଦୀର ଉତ୍ପତ୍ତିସ୍ଥଳ ରାଇକଳା ଗ୍ରାମକୁ ପରିଦର୍ଶନ କରି ବ୍ୟାପକ ଖଣି ଖନନ ଓ ବ୍ଲାଷ୍ଟିଂ ଯୋଗୁ ନଦୀଜଳ ସ୍ରୋତ କମି କମି ଆସୁଥିବା କହିଥିଲେ। ଏହି ନଦୀରେ ବିଷାକ୍ତ ପାଣିକୁ ସିଧାସଳଖ ଛଡ଼ାଯାଉଥିବାରୁ ଏହା ସ୍ଥାନୀୟ ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି। ପ୍ରଶାସନ ସହିତ ଜିଲା ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଖୁବଶୀଘ୍ର ସାକ୍ଷାତକରି ଏହାର ସମାଧାନ ପାଇଁ ଆଲୋଚନା କରିବେ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ସମସ୍ୟାର ସମାଧାନ ନ ହେଲେ ସମିତି କୋର୍ଟର ଆଶ୍ରୟ ନେବା ସହ ବ୍ୟାପକ ଜନଆନ୍ଦୋଳନ ଆରମ୍ଭ କରିବ ଓ ଆବଶ୍ୟକ ହେଲେ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି। ତିନି ଜଣିଆ ରାଜ୍ୟ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ସହ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ ପଟ୍ଟନାୟକ, ବିକ୍ରମ କେଶରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।













ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଅକ୍ଟୋବର, ୨୦୨୧



## ସଂକ୍ଷେପରେ

### ହିନ୍ଦୀ ଶିକ୍ଷକ ନିଯୁକ୍ତି ପରୀକ୍ଷାରେ ୯୫୩ କୃତକାର୍ଯ୍ୟ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ):** ରାଜ୍ୟର ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ହିନ୍ଦୀ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ୯୫୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦୭ଜଣ ସାଧାରଣ ବର୍ଗର ଥିବାବେଳେ ୫୯୬ଜଣ ଏସ୍ଇବିସି ବର୍ଗର, ୧୦୧ଜଣ ଅନୁସୂଚିତ ଜାତିର ଓ ୪୯ଜଣ ଅନୁସୂଚିତ ଜନଜାତିର ଅଛନ୍ତି। ପ୍ରାର୍ଥୀମାନେ ନିଜ ପରୀକ୍ଷା ଫଳ dseodisha.in ୱେବ୍‌ସାଇଟ୍‌ରେ ଲଗ୍ ଇନ୍ କରି ଦେଖିପାରିବେ। ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ୨୯ ତାରିଖରୁ ନିଜ ଜିଲାରେ ହେବ। ଏଥିପାଇଁ ସବିଶେଷ ସୂଚନା ଖୁବ୍‌ଶୀଘ୍ର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଏହି ପରୀକ୍ଷା ଅନ୍‌ଲାଇନ୍ ମାଧ୍ୟମରେ ହୋଇଥିଲା।

# ବଦଳିଲେ ୨୨ ତହସିଲଦାର, ବିଡିଓ

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶନିବାର ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୨ ଜଣ ଓଏଏସ୍ ଅଫିସରଙ୍କୁ ତହସିଲଦାର ଏବଂ ବିଡିଓ ଭାବେ ବଦଳି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ଡେପୁଟି କଲେକ୍ଟର ସୋଫି ସୈନିକାଙ୍କୁ ଆଠମଲ୍ଲିକ ତହସିଲଦାର ଭାବେ ବଦଳି କରାଯାଇଥିବା ବେଳେ ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ରବୀନ୍ଦ୍ର ପଟେଲଙ୍କୁ ଡୁ଼ସୁରା ତହସିଲଦାର, ସମ୍ବଲପୁର ଟିଆରଓ ସଙ୍ଘମିତ୍ରା କାଲୋଙ୍କୁ ଲୋଇସିଂହା ତହସିଲଦାର, ପାଇକମାଳ ବିଡିଓ ସୁରେନ୍ଦ୍ର ମେହରଙ୍କୁ ସଇଁତଳା ତହସିଲଦାର, ଶଙ୍କର୍ଷଣ ବେହେରାଙ୍କୁ ରାଜବୋରାସମ୍ବର ବିଡିଓ, ବାସୁଦେବପୁର ବିଡିଓ ପ୍ରଣବ ବେହେରାଙ୍କୁ ତିଗିରିଆ ବିଡିଓ, ତିଗିରିଆ ବିଡିଓ ଦୀପ୍ତିମୟୀ ବେହେରାଙ୍କୁ ଆଠଗଡ ଡେପୁଟି କଲେକ୍ଟର, କଟକ ଟିଆରଓ ଅଭୀପ୍ସା ମହାନ୍ତିଙ୍କୁ କଟକ ଡେପୁଟି କଲେକ୍ଟର , ବଅଁରପାଳ ତହସିଲଦାର ଶ୍ୟାମସୁନ୍ଦର ସାହୁଙ୍କୁ ଗଜପତି ଜିଲା ନୂଆଗଡ ତହସିଲଦାର, କଣ୍ଟାବାଞ୍ଜି ତହସିଲଦାର ଅଶୋକ ମାଝିଙ୍କୁ ବ୍ୟାସନଗର ତହସିଲଦାର, ପୁରୀ ଟିଆରଓ ନିବେଦିତା ପରିଡ଼ାଙ୍କୁ ପରଜଙ୍ଗ ତହସିଲଦାର ଏବଂ ମାଲକାନଗିରି ଟିଆରଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ଦଶରଥପୁର ତହସିଲଦାର ଭାବେ ବଳଦି କରାଯାଇଛି। ସେହିପରି ବଲାଙ୍ଗୀର ଟିଆରଓ ସୁଚରିତା ମୁଗୁରିଙ୍କୁ ନର୍ଲା ତହସିଲାଦର ଭାବେ ବଦଳି କରାଯାଇଥିବା ବେଳେ ବାଲେଶ୍ୱର ଟିଆରଓ ଦିବ୍ୟ ମହାନ୍ତିଙ୍କୁ ବାଲେଶ୍ୱର ଡେପୁଟି କଲେକ୍ଟର, ଯାଜପୁର ଟିଆରଓ ସୁଶ୍ରୀ ସୁପ୍ରିୟାଙ୍କୁ ଠାକୁରମୁଣ୍ଡା ତହସିଲଦାର, କେନ୍ଦ୍ରାପଡା ଟିଆରଓ ଅନ୍ୟନ୍ୟା ତ୍ରିପାଠୀଙ୍କୁ କେନ୍ଦ୍ରାପଡା ଡେପୁଟି କଲେକ୍ଟର, ପରଜଙ୍ଗ ତହସିଲଦାର ଜୟନ୍ତ ଜୟସିଂହଙ୍କୁ ସତ୍ୟବାଦୀ ତହସିଲଦାର, ବାଲିପାଟଣା ତହସିଲଦାର ସୁନିତା ଜେନାଙ୍କୁ କୃଷି ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗ ପ୍ରଶାସନିକ ଅଧିକାରୀ, ଖୋର୍ଦ୍ଧା ତହସିଲାଦର ପଦ୍ମ ଚରଣ ସାହୁଙ୍କୁ ନୟାଗଡ ତହସିଲଦାର, ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନଙ୍କୁ ଗୋଲାମୁଣ୍ଡା ବିଡିଓ, କୋଟପାଡ଼ ବିଡିଓ ଦାଶରଥି ସରାବୋଙ୍କୁ କୋଟପାଡ ବିଡିଓ ଏବଂ ନୟାଗଡ ଡେପୁଟି କଲେକ୍ଟର ଯୁଗଳ କିଶୋର ମିଶ୍ରଙ୍କୁ ରଣପୁର ତହସିଲଦାର ଭାବେ ବଦଳି କରାଯାଇଛି।

# ନେରିଡ଼ିବାଲସାରେ କରୋନା ଟିକା ଦେଲା ସାଲୁର ପ୍ରଶାସନ



ନେରେଡିବାଲସାରେ ଆନ୍ଧ୍ର ସାଲୁର ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱାସ୍ଥ୍ୟ ଶିବିର।

**ପଟ୍ଟାଙ୍ଗୀ, ୨୩।୧୦(ଡି.ଏନ୍.ଏ.)**

ଶୁଣୁନି ଆନ୍ଧ୍ର ପ୍ରଶାସନ। ବିରୋଧ ସତ୍ତ୍ୱେ କୋଟିଆରେ ଚଳାଇଛି ଅନୁପ୍ରବେଶ। ଶୁକ୍ରବାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତ ସଦର ଓ ତଳ ଗଞ୍ଜେଇପଦରରେ ଚକ୍ଷୁ ଚିକିତ୍ସା ଶିବିର କରିବା ବେଳେ ଜିଲା ପ୍ରଶାସନ ତାହାକୁ ବିରୋଧ କରିଥିଲା। ଶନିବାର ପୁଣି ଆନ୍ଧ୍ରର ସାଲୁର ବ୍ଲକ ପ୍ରଶାସନ କୋଟିଆ ପଞ୍ଚାୟତର ନେରିଡ଼ିବାଲସା ଗ୍ରାମରେ ସ୍ୱାସ୍ଥ୍ୟ ଶିବିର କରି ସେଠାକାର କେତେଜଣ ଲୋକଙ୍କୁ କରୋନା ଟିକା ପ୍ରଦାନ କରିଛି। ଆନ୍ଧ୍ର ସରକାର ବାରମ୍ବାର ଏପରି ଅନୁପ୍ରବେଶ କରି ରାଜ୍ୟ ସରକାରଙ୍କୁ ଏକ ପ୍ରକାର ଚ୍ୟାଲେଞ୍ଜ ଦେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ସୂଚନାନୁଯାୟୀ ଆନ୍ଧ୍ରର ସାଲୁର ବ୍ଲକ ବିଡିଓ ଜି.ପାର୍ବତୀଙ୍କ ନେତୃତ୍ୱରେ ତୋନମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ନେରିଡ଼ିବାଲସା ଗ୍ରାମର ଚର୍ଚ୍ଚ ନିକଟରେ ଏକ ସ୍ୱାସ୍ଥ୍ୟ ଶିବିର କରିଥିଲେ। ସେଠାରେ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆନ୍ଧ୍ର ସରକାର ସୀମାନ୍ତ ଗ୍ରାମ ପାଇଁ ଅନେକ ଯୋଜନା କରୁଛି। ଓଡ଼ିଶାର ନାଲି ଆଖିକୁ ନ ଡରିବାକୁ ବିଡିଓ ପାର୍ବତୀ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଆନ୍ଧ୍ରର ସ୍ୱାସ୍ଥ୍ୟ କର୍ମୀମାନେ ଟିକାକରଣ ପାଇଁ ଉପରସେମ୍ଭି ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ସ୍ଥାନୀୟ ପୋଲିସ ଏବଂ ସେମିଳିଗୁଡ଼ା ତହସିଲଦାର ରଞ୍ଜିତା ମେରୀ ନାୟକ ସେମାନଙ୍କୁ ଅଟକାଇ ଥିଲେ। ଜିଲା ପ୍ରଶାସନର ବିନା ଅନୁମତିରେ ସେମାନଙ୍କୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି କହି ସ୍ୱାସ୍ଥ୍ୟକର୍ମୀଙ୍କୁ ଫେରାଇ ଦେଇଥିବା ଜଣାପଡ଼ିଛି।



ଓଡ଼ିଶାର କଳା, ସଂସ୍କୃତି, ଭାଷା, ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଦୁବାଇଠାରେ ଚାଲିଥିବା ଚଳଚ୍ଚିତ୍ର ମହୋତ୍ସବ 'ଏକ୍ସପୋ ୨୦୨୦'ର ଶନିବାର ଉଦ୍‌ଯାପନ ଅବସରରେ ଉପସ୍ଥିତ ଅଛନ୍ତି ଦୁବାଇରେ ଅବସ୍ଥାପିତ ଭାରତର କନସୁଲ୍ ଜେନେରାଲ୍ ଡ. ଅମାନ ପୁରୀ, ଭିସା ଓ ସମ୍ପ୍ରଦାୟ ବ୍ୟାପାର କନ୍‌ସୁଲ ଜେନେରାଲ୍ ଉତ୍ତମ ଚାନ୍ଦ, ଟୋମାଲ୍ ଜାଲେକ୍ସି ଏବଂ ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ସୁଶାନ୍ତ ମିଶ୍ର ଓ ଅନ୍ୟମାନେ।

# ବିଜୟଙ୍କ ଗିରଫଦାରି ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

### ନରସିଂହପୁର ଥାନାରେ ଖଣ୍ଡଯୁଦ୍ଧ ଘଟଣା

**ନରସିଂହପୁର,୨୩।୧୦(ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ଥାନା ପରିସରରେ ଶୁକ୍ରବାର ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧ ଘଟଣାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳ ବେହେରାଙ୍କ ସମେତ ୨ ସହକର୍ମୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ରାଜନୈତିକ ଆକ୍ରୋଶ ମନୋଭାବ ରଖି ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶରେ ଏପରି କରାଯାଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଦଳ ତରଫରୁ ଶନିବାର ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଛି। ସ୍ଥାନୀୟ ପଞ୍ଚମୁଖୀ ଛକଠାରୁ ଶତାଧିକ ଭାଜପା କର୍ମୀ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ କ୍ଲବ ଛକସ୍ଥିତ ଜେଲ ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ସମେତ ଆଠଗଡ଼, ବାଙ୍କୀ, ଚୌଦ୍ୱାର ଓ ମାହାଙ୍ଗା ଆଦି ବିଧାନସଭା ମଣ୍ଡଳୀର ଭାଜପା ନେତାମାନେ ଯୋଗଦେଇଥିଲେ। ଏହି ଘଟଣାରେ ଆଗାମୀ ଦିନରେ କଟକ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଜିଲା ଭାଜପା ସଭାପତି ବେହେରା ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଶୁକ୍ରବାର ପୋଲିସ ମାଡ଼ରେ ଆହତ ହୋଇଥିବା ୩ ଜଣ ମହିଳା ନରସିଂହପୁର ଥାନାରେ ଆଇଆଇସି ଅଲେଖ ଚନ୍ଦ୍ର ଗଡ଼ଦିଆଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଗଡ଼ଦିଆ କହିଛନ୍ତି, ଆମେ କୌଣସି ନେତାଙ୍କ କଥାରେ ପଡ଼ି ଏହି କାମ କରିନାହୁଁ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନିଆଯାଇଛି।

ସୂଚନାଯୋଗ୍ୟ, ପୂର୍ବ ରାଜନୈତିକ ବିବାଦକୁ ନେଇ ଗୁରୁବାର ରାତିରେ ୩ ଭାଜପା କର୍ମୀଙ୍କୁ ପୋଲିସ ଗିରଫ କରିଥିଲା। ଏହି ଗିରଫଦାରି ବିରୋଧରେ ଶୁକ୍ରବାର ବହୁ ଭାଜପା କର୍ମୀ ଓ ସାଧାରଣ ଜନତା ଥାନା ପରିସରରେ ଧାରଣା ଦେଇଥିଲେ। ଏହି ସମୟରେ ପୋଲିସ ଲାଠିଚାର୍ଜ କରିବାରୁ ଆନ୍ଦୋଳନକାରୀ ସେମାନଙ୍କୁ ଢ଼େଲାପଥର ମାଡ଼ କରିଥିଲେ।

## ଖେଳ ଖବର

# ମହିଳା ଏଲିଟ୍-ବି ଟୁର୍ନାମେଣ୍ଟରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଆଗାମୀ ବିସିସିଆଇ ସିନିୟର ମହିଳା ଏଲିଟ୍-ବି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟ ପୁଣେଠାରେ ଅକ୍ଟୋବର ୩୧ରୁ ଆରମ୍ଭ ହେବ। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଚଳିତ ମାସ ୩୧ ତାରିଖରେ ତାମିଲନାଡୁକୁ ଭେଟିବ। ପରେ ଦଳ ଚଣ୍ଡିଗଡ଼, ମୁମ୍ବାଇ, ଉତ୍ତରାଖଣ୍ଡ ଓ ରେଲୱେ ସହିତ ମୁକାବିଲା କରିବ। ଏଥିଲାଗି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତରଫରୁ ମଧୁସ୍ମିତା ବେହେରାଙ୍କ ଅଧିନାୟକତ୍ୱରେ ୨୧ଜଣିଆ ଦଳ ଘୋଷଣା କରାଯାଇଛି। ଦଳ ଶନିବାର ପୁଣେ ଗସ୍ତ କରିଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଓସିଏର ସମସ୍ତ କର୍ମକର୍ତ୍ତା ଦଳର ସଫଳତା କାମନା କରିଛନ୍ତି।



ଓଡ଼ିଶା ମହିଳା କ୍ରିକେଟ୍ ଦଳ ଓ ସପୋର୍ଟ ଷ୍ଟାଫ୍।

**ମନୋନୀତ ଓଡ଼ିଶା ମହିଳା ଦଳ:** ମଧୁସ୍ମିତା ବେହେରା (ଅଧିନାୟିକ), ମାଧୁରୀ ମେହେଟା (ଉପଅଧିନାୟିକା), ସରିତା ମେହେର, କାଜଲ ଜେନା, ସୁନୀତା ମୁର୍ମୁ, ପ୍ରିୟଙ୍କା ସାହୁ, ପ୍ରଜ୍ଞାପରିମିତା ମହାନ୍ତି (ଉଇକେଟକିପର), ସୁଶ୍ରୀ ଦିବ୍ୟଦର୍ଶିନୀ, ରସନାରା ପରୱିନ, ରାଜଶ୍ରୀ ସ୍ୱାଇଁ, ସୋନାଲି ହେମ୍ବ୍ରମ, ରଶ୍ମିତା ଚିନାରା (ଉଇକେଟକିପର), ଶିଲ୍ପା ସ୍ୱାଇଁ (ଉଇକେଟକିପର), ସୁଜାତା ମଲିକ, ବନଲତା ମଲିକ, ତରାନା ପ୍ରଧାନ, ଶୁଭ୍ରା ଏନ୍. ସ୍ୱାଇଁ, ତନ୍ମୟୀ ବେହେରା, ଅଞ୍ଜଳୀ ସିଂ, ସଙ୍ଗୀତା ଖାଡ଼ିଆ ଓ ରମେଶ୍ୱରୀ ନାୟକ।

### ରାଜସ୍ଥାନ ୟୁନାଇଟେଡ୍‌କୁ ଆଇ-ଲିଗ୍ ଯୋଗ୍ୟତା

**ବେଙ୍ଗାଲୁରୁ, ୨୩।୧୦ (ପି.ଟି.)**

ରାଜସ୍ଥାନ ୟୁନାଇଟେଡ୍ ଆଇ-ଲିଗ୍ ଖେଳିବା ଲାଗି ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଛି। ଶନିବାର ଏଠାରେ ଯୋଗ୍ୟତାପର୍ଯ୍ୟାୟ ଟୁର୍ନାମେଣ୍ଟର ଏକ ମ୍ୟାଚରେ କେନ୍‌କ୍ରେ ଏଫ୍‌ସି ସହ ଗୋଲଶୂନ୍ୟ ଡ୍ର ରଖିବା ପରେ ଦଳ ଏହି ସଫଳତା ହାସଲ କରିଛି। ଆଇ-ଲିଗ୍ ଯୋଗ୍ୟତା ପର୍ଯ୍ୟାୟ ଫାଇନାଲ ରାଉଣ୍ଡରେ ୩ଟି ମ୍ୟାଚରୁ ୭ ପଏଣ୍ଟ ଲାଭ କରି ରାଜସ୍ଥାନ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଥିଲା।

**BERHAMPUR UNIVERSITY**
**(Accredited with 'A' Grade by NAAC)**
**NOTIFICATION FOR ADMISSION**
**INTO Ph.D. COURSES FOR THE SESSION 2021-22**

Letter No.881/PGC/BU/21 Date: 23.10.2021

Berhampur University, invites ONLINE applications for admission into the Ph.D. Programmes for the following subjects according to the availability of vacancies through URET-2021.

**Subjects: Botany, Chemistry, Commerce, Computer Sc., Economics, English, Electronic Sc., History, IR & PM, Law, Linguistics, Mathematics, Marine Sc., Odia, Physics, Political Sc., Zoology.**

The Application Form and Prospectus are available in the University Website: www.bamu.nic.in. Candidates are required to download the application form from 28.10.2021 onwards and submit the filled in application form along with the photo copies of the required documents to respective Head / Coordinator of the Department by Speed / Regd. Post on or before 22.11.2021.

**Date of University Research Eligibility Test (URET): 08.12.2021 (Wednesday).**

**Chairman, P.G., Council**

**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER, SUBDEGA BLOCK, SUNDARGARH**
**INVITATION TENDER CALL NOTICE**

**No. 1824** **Dt.22.10.2021**

The Block Development Officer, Subdega, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the State PWD (R&B)/Water Resource/Rural Works/ Minor Irrigation/C.P.W.D. for the following works eventually to be drawn up in the P1 forms in conformity with the Details Tender Call Notice. The bidder may submit bids for the following works under OMBADC Scheme for the year 2021-22.

| Sl. No. | Location | Name of the Work | Amount put to tender in Rs. | Cost of Tender Paper (Non-refundable) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Kulba | Construction & renovation of work of Govt. High School, Kulba | 1,51,76,405 | 10,000 | Exempted as per Letter No. 5984/W Dated: 27.04.21 of Works Deptt. | 28.02.2022 | A & B Class |
| 2 | Subdega | Construction & renovation of work of Upendra Govt. High School, Subdega | 3,10,76,205 | 10,000 | Exempted as per Letter No. 5984/W Dated: 27.04.21 of Works Deptt. | 28.02.2022 | A Class & above |
| 3 | Kiralaga | Construction & renovation of work of Nilamani Girls High School, Kiralaga | 1,04,86,607 | 10,000 | Exempted as per Letter No. 5984/W Dated: 27.04.21 of Works Deptt. | 28.02.2022 | A & B Class |

The detailed terms and conditions can be downloaded from the district website: **www.sundargarh.nic.in**.

**Sd./- Block Development Officer, Subdega, Sundargarh**

# କ୍ରିକେଟର ସୁଶୀଲ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

କ୍ରିକେଟ ଖେଳାଳି ସୁଶୀଲ କୁମାର ବାରିକଙ୍କୁ ସହିଦ ସ୍ପୋର୍ଟିଂ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କ୍ଲବର ବରିଷ୍ଠ ସଦସ୍ୟ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ପଙ୍କଜ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସହିଦ ସ୍ପୋର୍ଟିଂ କ୍ଲବର ସୁଶୀଲ ବିସିସିଆଇ ଦ୍ୱାରା ପରିଚାଳିତ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେ ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ାଙ୍କ ଅଧୀନରେ କୋଚିଂ ନେଉଥିଲେ। ସହିଦ ସ୍ପୋର୍ଟିଂ କ୍ଲବର ସଦସ୍ୟ ଓ ଅନ୍ୟ ବହୁ ପୂର୍ବତନ କ୍ରିକେଟର ସୁଶୀଲଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି।





ସୁଶୀଲ କୁମାର ବାରିକଙ୍କୁ ସହିଦ ସ୍ପୋର୍ଟିଂ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

# ଓଡ଼ିଶାରୁ ଶୁଭ୍ରା ମନୋନୀତ

**ଭୁବନେଶ୍ୱର,୨୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**



ନଭେମ୍ବର ୨ ତାରିଖରେ ଜୟପୁରରେ ଆରମ୍ଭ ହେବାକୁ ଯାଉଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମହିଳା ୧୯ ବର୍ଷରୁ କମ୍ ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ଖେଳିବା ପାଇଁ ଓଡ଼ିଶାର ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ମନୋନିତ ହୋଇଛନ୍ତି। ସେ ୨୫ ତାରିଖରେ ଦଳରେ ଯୋଗ ଦେବା ପରେ କ୍ୱାରାଣ୍ଟାଇନ ପିରିୟଡ୍‌ରେ ରହିବେ ଓ ବିସିସିଆଇ ବାୟୋ ବବଲ୍‌ରେ ରହିବେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଖେଳିବାକୁ ମନୋନୀତ ହୋଇଥିବାରୁ ଶୁଭ୍ରାଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ୧୦ ଉଇକେଟରେ ପରାସ୍ତ

**ଭୁବନେଶ୍ୱର,୨୩।୧୦(ସ୍ପୋର୍ଟ୍ସବ୍ୟୁରୋ)**

ରାୟପୁର ଷ୍ଟାଡିୟମରେ ଚାଲିଥିବା ସିନିୟର ପୁରୁଷ ୱାର୍ମଅପ୍ ଟି୨୦ ସିରିଜରେ ଶନିବାର ଓଡ଼ିଶା ଘରୋଇ ଛତିଶଗଡ଼ଠାରୁ ୧୦ ଉଇକେଟରେ ପରାସ୍ତ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଗୋବିନ୍ଦ ପୋଦ୍ଦାର ୩୫ (୨୭ ବଲ), ରାଜେଶ ଧୂପର ୩୫ (୩୮ ବଲ) ରନ ସଂଗ୍ରହ କରିଥିବା ବେଳେ ଛତିଶଗଡ଼ ତରଫରୁ ଗଗନଦୀପ ସିଂ ଓ ଏମ. ବନ୍ନି ସାମୁଏଲ ୨ଟି ଲେଖାଏ, ଶୁଭମ୍ ଅଗ୍ରୱାଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଛତିଶଗଡ଼ ୧୫.୫ ଓଭରରେ ବିନା କ୍ଷତିରେ ୧୧୯ ରନକରି ବିଜୟୀ ହୋଇଥିଲା। ଦୁଇ ଓପନର ଶଶାଙ୍କ ଚନ୍ଦ୍ରକର ୭୭ ରନ (୫୧ ବଲ) ଓ ରିଷଭ ତିୱାରୀ ୪୦ ରନ (୪୪ ବଲ) କରି ଅପରାଜିତ ରହି ଦଳକୁ ଜିତାଇଥିଲେ।

**PUBLIC NOTICE**

**Notice is hereby given that we are in process of acquiring / purchasing the following rights explained in Annexure 1 & Annexure 2:,Annexure 1 – TV satellite and OTT**

Annexure 2 –Exclusive in perpetuity with negative and All IPR Rights (Intellectual Property Rights). All Digital Rights in all formats of exploitation or as many be developed in future including Entire All TV Satellite Broadcasting Rights, Pay TV, Terrestrial TV (including Terrestrial free TV & terrestrial Pay TV), Indian Doordarshan Rights, Catch Up TV Rights, Commercial Establishment Rights, Syndication Rights, Song Rights, Editing Rights, Promotion Rights, Clipping Rights, Linear Rights, Local cable Distribution Rights, On Demand Rights, Public Exhibition Rights, Adaption Rights, Mobile Telephony Rights, Public Performance Rights, Sound Track Rights, Sound Recording Rights, Cable Television Network Rights, Airborne Rights, Synchronization Rights, Dubbing Rights, Hotel Rights, Internet Rights, Gaming & Interactive Rights, Mechanical Synchronization Rights, Merchandizing Rights, Non-Commercial Exploitation Rights, Non-Theatrical Rights. Pay Rights, Public Transport Rights (including Digital Rights), Ship Rights, Sub-title Rights, Stage Rights, DTH Rights, Mechanical Forms of Re-production and other IPR in the assigned films of entire world in perpetuity absolutely in favour of H.D. Films for the territory of World and shall have its absolute Rights, title, interest, and discretion to exploit with effect from the date entering agreement in such manner and on such terms and conditions as H.D. Films may think fit and proper in Bengali Language as detailed in the schedule herein below. To the best of our knowledge and belief, these films are free from all encumbrances, claim or demands whatsoever.

However, should any person(s) have any claim against, to, or in respect of the films mentioned hereunder, whether by way of any sale, lease, assignment, license or otherwise such person(s) are hereby required to make the same known in writing to the undersigned at the address given below, within Seven (7) days from the date of publication hereof, failing which the transaction will be completed without reference to such claims and the same, if any, will be deemed to have been waived.

| Sl.No. | Title of the Film | Original Language | Star Cast | Territory | Period | Video Rights | Other Rights |
|---|---|---|---|---|---|---|---|
| 1 | PHERIA MO SUNA BHAUNI | Odia | MIHIR DAS, BOBBY MISHRA, USASI MISRA,JEENA | Entire World | Perpetual | YES | As per Annexure 1 & 2 |
| 2 | PAVITRA BANDHAN | Odia | MIHIR DAS,RACHANA BANERJEE | Entire World | Perpetual | NA | As per Annexure 2 |
| 3 | STREE | Odia | MIHIR DAS,ARCHANA JOGLEKAR | Entire World | Perpetual | NA | As per Annexure 2 |
| 4 | HERO | Odia | ARINDAM,PRIYA | Entire World | Perpetual | NA | As per Annexure 2 |
| 5 | SANTANA | Odia | SIDDHANTA,RACHNA | Entire World | Perpetual | NA | As per Annexure 2 |
| 6 | SUNA PALINKI | Odia | SURAJ MISRA,GAYTRI | Entire World | Perpetual | YES | As per Annexure 2 |
| 7 | SUNA CHADHAI | Odia | UTTAM MOHANTY, ARCHANA JOGLEKAR | Entire World | Perpetual | YES | As per Annexure 2 |
| 8 | SUNA SANKHAALI | Odia | JEET, SWASTIKA, MIHIR DAS | Entire World | Perpetual | NA | As per Annexure 2 |

**AMAN DHAWAN**
**Address CUTTACK, Date : 24.10.2021, PHONE NO. 08328926241**

## ନିଃଶୁଳ୍କ ଅଣ ସଂକ୍ରମଣ ସ୍ୱାସ୍ଥ୍ୟ ଶିବିର

ରାଉରକେଲା ଅଫିସ: ରାଉରକେଲା କୋଏଲନଗର ସ୍ଥିତ ଆରଏସ୍‌ପିର ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଶନିବାର ଏକ ନିଃଶୁଳ୍କ ଅଣ ସଂକ୍ରମଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ରାଉରକେଲା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ପ୍ରଭାରୀ ଡାକ୍ତର ପୁଷ୍ପାରାଣୀ ମିଶ୍ର, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଡି. ଆର ମିଶ୍ର, ଭେଷଜ ବିଶେଷଜ୍ଞ ଡାକ୍ତର ଆର. ସି ଦେ, ଡାକ୍ତର କୁନାଲ ସିଂହ, ଦନ୍ତ ଚିକିତ୍ସକ ପୂଜା ପତି, ଡାକ୍ତର ସୁନୀଲ ମେହେର ପ୍ରମୁଖ ଯୋଗ ଦେଇ ୯୫ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଏହାସହ ୫୮ ଜଣ ବ୍ୟକ୍ତି କରୋନା ପ୍ରତିଷେଧକ ଟିକା ନେଇଥିଲେ। ବିଭିନ୍ନ ରୋଗରୁ କିଭଳି ସୁରକ୍ଷା ପାଇପାରିବା ସେ ନେଇ ଡାକ୍ତର ଆବଶ୍ୟକ ମତାମତ ଦେଇଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଅନ୍ୟା ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବ, ସମ୍ବଲପୁର କଳାକେନ୍ଦ୍ର, ପୂର୍ବାହ୍ନ ସାଢେ ୧୦ଟା।
- ଜିଲା କ୍ରୀଡା ସଂଘ ଅୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢେ ୨ଟା।

## ସଂକ୍ଷେପରେ

### ଯୁବକଙ୍କୁ ଗୁଳିକରି ହତ୍ୟା ଘଟଣାରେ ଆଉ ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୨୩।୧୦: ଝାରସୁଗୁଡ଼ା ଓରିଏଣ୍ଟ ଥାନା କାଳୀନଗରର ପଙ୍କଜ କୁମାର (୪୦)ଙ୍କୁ ଗୁଳିକରି ହତ୍ୟା ଘଟଣାରେ



ପୋଲିସ ମାମଲା (ନଂ୧୪୮/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଶୁକ୍ରବାର ୩ଜଣ ଗିରଫ ହୋଇଥିବାବେଳେ ଶନିବାର ଆଉ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମୁଖ୍ୟ ଅଭିଯୁକ୍ତ ମୀନକେତନ ବେହେରାଙ୍କ ଭାଇ ସୁବାସ ବେହେରା (୩୭)। ପୋଲିସ ତଦନ୍ତରୁ ଜାଣାପଡିଛି ପଙ୍କଜଙ୍କୁ ଗୁଳିକରି ହତ୍ୟାକଲା ପରେ ତାଙ୍କ ମୃତଦେହକୁ ବାଇକ୍‌ରେ ଲଦିବା ସମୟରେ ସୁବାସ ସହଯୋଗ କରିଥିଲେ। ଏହି ଘଟଣାରେ ପୂର୍ବରୁ ମୀନକେତନ, ପୁଅ ବାଦଲ ଓ ସହଯୋଗୀ ପୂର୍ଣ୍ଣଚନ୍ଦ୍ର ନାୟକ ଗିରଫ ହୋଇଛନ୍ତି।

### ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା

ସବ୍‌ଡ଼େଗା,୨୩।୧୦(ଡ଼ି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗା ବ୍ଲକ କୁରୁମକେଲ ପଞ୍ଚାୟତର ତେନ୍ତୁଳିଝରିଆ ଟୁଙ୍ଗୁରିପଡ଼ାର ନିକଲାସ ଜୋଜୋ ଗୁରୁବାର ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ହାତୀ ଘଉଡାଇବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ ପରିବାରକୁ ବନବିଭାଗ ତରଫରୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। କିନ୍ତୁ ତାଙ୍କର ଅନ୍ତେଷ୍ଟିକ୍ରିୟା ପାଇଁ ମୃତକଙ୍କ ପରିବାରଙ୍କୁ ଶନିବାର ବନବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ବନକର୍ମଚାରୀ ରେଞ୍ଜର ଅରୁଣ କୁମାର ବେହେରା, ଡେପୁଟି ରେଞ୍ଜର ବିଜୟକୁମାର ପ୍ରଧାନ, ଫରେଷ୍ଟ ଗାର୍ଡ ଅର୍ଚ୍ଚନା ପଟେଲ ମୃତକଙ୍କ ଘରକୁଯାଇ ସବଡେଗା ବ୍ଲକ ଅଧକ୍ଷ ମନୋଜ ବାରୁଆ, ସ୍ଥାନୀୟ ସରପଞ୍ଚ ନବୀନ ବାରୁଆଙ୍କ ଉପସ୍ଥିତିରେ ଅଗ୍ରୀମ ୪୦ହଜାର ଟଙ୍କାର ଅର୍ଥରାଶି ଚେକ ପ୍ରଦାନ କରିଥିଲେ।

### ପୌରପରିଷଦ ପୂର୍ବତନ ଉପାଧକ୍ଷଙ୍କ ପରଲୋକ

ସମ୍ବଲପୁର,୨୩।୧୦(ବ୍ୟୁରୋ): ସମ୍ବଲପୁର ପୌରପରିଷଦ ପୂର୍ବତନ ଉପାଧକ୍ଷ ଭାନୁ ପ୍ରସାଦ ଅଗ୍ରୱାଲଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଶନିବାର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶୋକସଭା ହୋଇଥିଲା। ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ ଅଧକ୍ଷତା କରିଥିଲେ। ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ଯଶବୀର ସିଂ, ମହମ୍ମଦ ମୁଖତାର, ବନମାଳୀ ସତନାମୀ, ଅଶୋକ ସୋନି, କବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ ଯେ, ଭାନୁ ପ୍ରସାଦ ଜିଲା କଂଗ୍ରେସ କମିଟିର ଉପସଭାପତି, କୋଷାଧକ୍ଷ ଭାବେ କାର୍ଯ୍ୟ କରିଥିଲେ।

# କାମ ବନ୍ଦ: ହକି ଟର୍ଫ ସ୍ଥାନାନ୍ତର ଚକ୍ରାନ୍ତ

- ଭାଜପା, କଂଗ୍ରେସର ଅସନ୍ତୋଷ
- ଭୁଲ୍ ଖବର ପ୍ରଚାର ହେଉଛି: ରୋହିତ

ସମ୍ବଲପୁର,୨୩।୧୦(ବ୍ୟୁରୋ)



ଯୁଯୁମୁରା ହକି ଷ୍ଟାଡ଼ିୟମ୍‌ରେ ବ୍ୟବହାର ହେବାକୁ ଆସିଥିବା ଟର୍ଫ।

ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ଖେଳ ପଡିଆରେ ହକି ଷ୍ଟାଡିୟମ ନିର୍ମାଣ ହେଉଛି। ନିର୍ମାଣରେ ଅନିୟମିତତା ଧରାପଡିବାରୁ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇଛି। ପ୍ରାୟ ୩ମାସ ହେଲା କାମ ବନ୍ଦ ରହିଛି। ଏପରିସ୍ଥଳେ ଶନିବାର ସ୍ଥାନୀୟ ଯୁବକଙ୍କୁ ଜଣେ ଠିକାଦାର ଟ୍ରକ୍ ଓ ହାଇଡ୍ରା ଯୋଗାଇଦେଇ ଟର୍ଫକୁ ଲୋଡ୍ କରିବାକୁ କହିଥିଲେ। ଏହାକୁ ସୁନ୍ଦରଗଡ଼ ଜିଲାକୁ ସ୍ଥାନାନ୍ତର ଯୋଜନା କରାଯାଉଥିବା ଜଣାପଡିବା ପରେ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର ଓ ଯୁଯୁମୁରାର କଂଗ୍ରେସ କର୍ମୀମାନେ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ହକି ଟର୍ଫ ନେବା ଯୋଜନାକୁ ବନ୍ଦ କରାଯାଉ। ଏହା ଯୁଯୁମୁରା ଅଞ୍ଚଳବାସୀଙ୍କ ପାଇଁ ଆସିଛି। ଅଞ୍ଚଳରେ ଅନେକ ଉଦୀୟମାନ ହକି ଖେଳାଳି ଅଛନ୍ତି। ଷ୍ଟାଡିୟମ ନିର୍ମାଣ ହେଲେ ସେମାନେ ଅଭ୍ୟାସ କରିପାରିବେ। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିପାରିବ। ଅନ୍ୟପଟେ କାମରେ ଅନିୟମିତତା କରାଯିବାରୁ ଠିକା ସଂସ୍ଥାକୁ ବାଦ୍ ଦିଆଯାଇଛି। ଏହାପରେ ମଧ୍ୟ ସରକାର ଓ ଜିଲା ପ୍ରଶାସନ ଚୁପ ବସିଗଲେ ହେବ ନାହିଁ। ଖୁବ୍‌ଶୀଘ୍ର ଅନ୍ୟ ଠିକାଦାର ମାଧ୍ୟମରେ କାମ କରିବା ଦରକାର। ନଚେତ ଜନ ସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ କହିଛନ୍ତି, ହକି ଷ୍ଟାଡିୟମ ଯୁଯୁମୁରା ପାଇଁ ରାଜ୍ୟ ସରକାର ଦେଇଛନ୍ତି। ଯୁଯୁମୁରା ଖେଳ ପଡିଆରେ ହକି ଟର୍ଫ ପଡିବ। ଏହା ଅନ୍ୟ କୌଣସି ସ୍ଥାନକୁ ଯିବ ନାହିଁ। ଜିଲା କ୍ରୀଡା ଅଧିକାରୀ ତଥା ଡେପୁଟି କଲେକ୍ଟର ଜୟଶ୍ରୀ ପାଢୀ କହିଛନ୍ତି, ସରକାରୀ ସ୍ତରରେ ଟର୍ଫକୁ ନେଇ କୌଣସି ନିର୍ଦ୍ଦେଶ ଆସି ନାହିଁ। ଯଦି କୌଣସି ଠିକାଦାର ସ୍ଥାନାନ୍ତର କରିବାକୁ ଚାହୁଁଥିବେ ତା'ହେଲେ ବନ୍ଦ କରାଯିବ। ସୂଚନାଯୋଗ୍ୟ ଜନସାଧାରଣଙ୍କ ଦାବି ଅନୁଯାୟୀ ବିଧାୟକ ପୂଜାରୀ ହକି ଷ୍ଟାଡିୟମ ନିର୍ମାଣ ପାଇଁ ଚେଷ୍ଟା କରିଥିଲେ। ଏଥିପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଏହା ସହ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ଟର୍ଫକୁ ଯୁଯୁମୁରା ପଡିଆରେ ପକାଇବାକୁ ଅଣାଯାଇଛି। ପ୍ରାୟ ୩ବର୍ଷ ହେବ କାମ ଆରମ୍ଭ ହୋଇଥିଲେ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି।

# ଗଣ୍ଡ ଛାତ୍ର ସଙ୍ଗଠନର ମମିତାଙ୍କୁ ନ୍ୟାୟ ପ୍ରଦାନ ଦାବି



ବୈଠକରେ ଯୋଗଦେଇଥିବା ସଙ୍ଗଠନର କର୍ମକର୍ତ୍ତା।

ନାକଟିଦେଉଳ,୨୩।୧୦(ଡ଼ି.ଏନ.ଏ.)

ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ସମ୍ବଲପୁର ଜିଲା ଗଣ୍ଡ ଛାତ୍ର ସଙ୍ଗଠନ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି। ଶୁକ୍ରବାର କିସିଣ୍ଡା ପଞ୍ଚାୟତର ଫଟାମୁଣ୍ଡା ଗୁଞ୍ଜାପାଲ ନିକଟରେ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଗଠନର ନାକଟିଦେଉଳ ବ୍ଲକ ସଭାପତି ବୁନି ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଆଦିବାସୀ ସଂଘର ଯୁଯୁମୁରା, ରେଢାଖୋଲ ଓ ନାକଟିଦେଉଳ ବ୍ଲକ ପ୍ରଭାରୀ ରୋହିତ ଭୋଇ ଯୋଗଦେଇ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବୈଠକରେ ଲୋକନାଥ ପ୍ରଧାନ, ବିଶ୍ୱାମିତ୍ର ଭୋଇଙ୍କ ସମେତ ସଙ୍ଗଠନର ବହୁ ସଭ୍ୟାସଭ୍ୟ ଯୋଗଦେଇଥିଲେ।

# ଦୋଷୀକୁ କଠୋର ଦଣ୍ଡ ମିଳୁ: ଯୁବା ମଞ୍ଚ




ଡିଆଇଜି ଅଫିସ ସମ୍ମୁଖରେ ଯୁବା ମଞ୍ଚ କର୍ମକର୍ତ୍ତାଙ୍କ ବିକ୍ଷୋଭ।

ସମ୍ବଲପୁର,୨୩।୧୦(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ଶନିବାର ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଅଫିସ ଘେରାଉ କରିଛି। ମଞ୍ଚ କର୍ମକର୍ତ୍ତା ଅଇଁଠାପାଲି ପିଏଚ୍‌ଡି ପଡିଆରୁ ଏକ ରାଲିରେ ବାହାରି ଡିଆଇଜି ଅଫିସରେ ପହଞ୍ଚିଥିଲେ। ସେମାନେ ପ୍ଲାକାର୍ଡ ଧରି ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ସ୍ଲୋଗାନ ଦେଇଥିଲେ। ସେମାନେ ଦର୍ଶାଇଥିଲେ, ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା ବୃଦ୍ଧି ପାଇଛି। ମମିତା ହତ୍ୟାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଅନ୍ୟମାନଙ୍କୁ ଗିରଫ କରାଯାଇ ନାହିଁ। ପୋଲିସର ଅବହେଳା ଯୋଗୁ ଅଭିଯୁକ୍ତଙ୍କୁ ଧରିବା ପରେ ମଧ୍ୟ ସେ ଫେରାର ହୋଇଯାଇଥିଲେ। ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଉ ବୋଲି ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ମଞ୍ଚ ସଭାପତି ଅଜିତ କୁମାର ପତି, ଅରବିନ୍ଦ ତ୍ରିପାଠୀ, ସୁମନ୍ତ ଶତପଥୀ, ଦିନେଶ ପଟେଲ, ସ୍ୱରୁପ ମିଶ୍ର, ଅଭିଷେକ ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକଙ୍କୁ ସମ୍ମାନଜନକ ମଜୁରି ପ୍ରଦାନ ଦାବି କଲା ସିଆଇଟିୟୁ

ରାଉରକେଲା ଅଫିସ,୨୩।୧୦

ରାଉରକେଲା ସେକ୍ଟର-୧୬ ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ ୟୁନିୟନ (ସିଆଇଟିୟୁ)ର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଓଡ଼ିଶା ଶାଖା ସଭାପତି ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏନ୍‌ଜେସିଏସ୍‌ର ଚୁକ୍ତିନାମା ଶ୍ରମିକ ବିରୋଧୀ ଏବଂ ଶ୍ରମିକମାନଙ୍କୁ କିଭଳି ସମ୍ମାନଜନକ ମଜୁରି ପ୍ରଦାନ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସିଆଇଟିୟୁ ପକ୍ଷରୁ ଶ୍ରମିକଙ୍କ ହିତ ପାଇଁ ଜୋରଦାର ଆନ୍ଦୋଳନ ହେବ ବୋଲି ଶ୍ରମିକ ନେତା ମହାନ୍ତି ଚେତାବନୀ ଦେଇଛନ୍ତି। ବରିଷ୍ଠ ଶ୍ରମିକ ନେତା ବିମାନ ମାଇତି, ଶୁଭମ ବେହେରା, ସୂର୍ଯ୍ୟକାନ୍ତ ରାଉତ, ରତ୍ନାକର ନାୟକ, ଏନ୍,ଏମ ପାଣିଗ୍ରାହୀ, ପ୍ରତାପ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସିଆଇଟିୟୁର ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଙ୍ଗଠନ କର୍ମକର୍ତ୍ତା।

# ୫୦ବସ୍ତା ପିଡିଏସ୍ ଚାଉଳ ଚୋରି, ପିଅନ ଅଟକ

ଝାରସୁଗୁଡ଼ା ଅଫିସ,୨୩।୧୦

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପଣ୍ଡରୀ ପଞ୍ଚାୟତ କାର୍ଯ୍ୟାଳୟରୁ ୫୦ବସ୍ତା ପିଡିଏସ୍ ଚାଉଳ ଚୋରି ହୋଇଛି। ଏ ନେଇ ସରପଞ୍ଚ ନିର୍ମଳ ମାଝି ଶୁକ୍ରବାର ଲଖନପୁର ଥାନାରେ ପଞ୍ଚାୟତ ପିଅନ ବୀରେନ ପ୍ରଧାନଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୯୬/୨୧) ରୁଜୁକରି ବୀରେନଙ୍କ ସମେତ ଅନ୍ୟ କେତେଜଣଙ୍କୁ ଥାନାକୁନେଇ ପଚରାଉଚରା ଚଳାଇଛି। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୀରେନ ଚାଉଳ ବାଣ୍ଟିବା ସମୟରେ ହିତାଧିକାରୀଙ୍କୁ ଯେତିକି ଦେବା କଥା ତା'ଠାରୁ ଅଧିକଦେଇ ସେମାନଙ୍କ ନିକଟରୁ ଟଙ୍କା ଆଣୁଥିଲେ। ଏଭଳି ସ୍ଥିତିରେ ବୀରେନ ପଞ୍ଚାୟତରୁ ସାଇକେଲରେ ଚାଉଳ ନେଉଥିବାବେଳେ ଲୋକେ ଦେଖି ତାଙ୍କୁ ଧରିଥିଲେ। ପଞ୍ଚାୟତର ଷ୍ଟକ୍ ଯାଞ୍ଚ ହେଲାପରେ ୫୦ବସ୍ତା ଚାଉଳ (୨୫ କୁଇଣ୍ଟାଲ) କମ୍ ଥିବା ଜଣାପଡିଥିଲା। ଏଭଳି ହେବା ଫଳରେ ହିତାଧିକାରୀ ୨ରୁ ୩ମାସ ହେଲା ପିଡିଏସ୍ ଚାଉଳ ପାଇବାରୁ ବଞ୍ଚିତ ହୋଇ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ।

# ବିଏମ୍‌ଏସ୍‌ର ପ୍ରାର୍ଥୀପତ୍ର ଦାଖଲ

ରାଉରକେଲା ଅଫିସ,୨୩।୧୦

ନଭେମ୍ବର ୧୫ ତାରିଖରେ ହେବାକୁ ଥିବା ରାଉରକେଲା ଇସ୍ପାତ କାରଖାନା ୟୁନିୟନ ସ୍ୱୀକୃତିପ୍ରାପ୍ତ ନିର୍ବାଚନ ପାଇଁ ଭାରତୀୟ ମଜଦୂର ସଂଘ (ବିଏମ୍‌ଏସ୍) ପକ୍ଷରୁ ଶନିବାର ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ସଂଘ ସଭାପତି ହିମାଂଶୁ ବଳ ଓ ସାଧାରଣ ସମ୍ପାଦକ ପ୍ରଦୋଷ କୁମାର ପଣ୍ଡା ଓ ରାଜେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପ୍ରତିନିଧିମାନେ ସ୍ଥାନୀୟ ଆଞ୍ଚଳିକ ଶ୍ରମ ଆୟୁକ୍ତ (କେନ୍ଦ୍ରୀୟ) ତଥା ସହକାରୀ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଏନ୍‌ଜେସିଏସ୍ ଶ୍ରମିକମାନଙ୍କୁ ଧୋକ୍କା ଦେଇଛି। ଯେଉଁ ୩ଟି ୟୁନିୟନ ଏହାକୁ ସମର୍ଥନ କରିଛନ୍ତି ସେମାନଙ୍କୁ ସଂଘ କେବେ ବି କ୍ଷମା କରିବ ନାହିଁ ବୋଲି ସଭାପତି ବଳ କହିଛନ୍ତି । ଏଥିରେ ମାନସ କୁମାର ଦାସ, ସମିତା ଦାସ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଧୀରେନ ସେନାପତି, ନିହାର ରାୟ, ସଦାବତି ଚୌଧୁରୀ, ଲତିକା ପଟ୍ଟନାୟକଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେଡିର ସାମାଜିକ ସେବା କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଯୁବ ବିଜେଡି ପକ୍ଷରୁ ସାମାଜିକ ସେବା କାର୍ଯ୍ୟକ୍ରମରେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ (ମାଟର୍ନିଟି) ମେଡିକାଲରେ ସଫେଇ କରାଯାଇଥିଲା। ଯୁବକର୍ମୀ ନିଶିକାନ୍ତ ବହିଦାରଙ୍କ ନେତୃତ୍ୱରେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଯୁବ ସଭାପତି ଲକ୍ଷ୍ମୀଧର ମହାପାତ୍ର, ବନ୍ଦିତା ମିଶ୍ର, କଳ୍ପନା ମିଶ୍ର, ହୀରାଲାଲ ବେହେରା, ସତିଶ ବିଶି, ମନୋଜ ମହାପାତ୍ର, ଦେବାଶିଷ ପରିଡା, ପ୍ରମୁଖ ସାମିଲ ହୋଇଥିଲେ। ପରେ ରୋଗୀମାନଙ୍କୁ ସଫାସୁତୁରା କରିବା ଉପରେ ସଚେତନତା ସୃଷ୍ଟି କରିଥିଲେ।




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେତୃବୃନ୍ଦ।

# ମମିତା ହତ୍ୟା ଘଟଣାରେ ବିକ୍ଷୋଭ

ରାଉରକେଲା, ୨୩।୧୦

କଳାହାଣ୍ଡି ଜିଲା ମହାଲିଙ୍ଗ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ତୁରନ୍ତ ବହିଷ୍କାର ଓ ଅନ୍ୟାନ୍ୟ ଦାବିରେ ରାଉରକେଲାରେ ମିଳିତ ବାମପନ୍ଥୀ ଦଳ ପକ୍ଷରୁ ଶନିବାର ଅପରାହ୍ନରେ ବିଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଆଇ(ଏମ୍) ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ, ସିପିଆଇର ରାଉରକେଲା ଜୋନ୍ ସମ୍ପାଦକ ସଦାନନ୍ଦ ସାହୁଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ସିପିଆଇ (ଏମ୍) ନେତା ଶ୍ରୀମନ୍ତ ବେହେରା, ବିମାନ ମାଇତି, ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ସିପିଆଇ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ଅଭିମନ୍ୟୁ ମହାନ୍ତି, ପଞ୍ଚାନନ ସୁନା, ଭାଗବତ ସାହୁ, ସିପିଆଇ (ଏମ୍‌ଏଲ୍) ଲିବରେଶନ ନେତା ସୁବାଷ ଜାମୁଡାଳିଆ, ଶ୍ରୀକାନ୍ତ ସାହୁ ନେତୃତ୍ୱ ନେଇଥିଲେ।

# ବାଇକ୍‌ରୁ ଖସି ଜଣଙ୍କର ମୃତ୍ୟୁ

କୁଚିଣ୍ଡା,୨୩।୧୦(ଡି.ଏନ.ଏ.)

ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲ ଗ୍ରାମର ବିନୋଦ ଖଡିଆ (୫୫) ଶନିବାର ବାଇକ୍‌ରୁ ଖସିପଡି ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ବିନୋଦ ସେହି ଗ୍ରାମର ଆଲୋକ ମହାପାତ୍ରଙ୍କ ସହ ବାଇକ୍‌ରେ କୁଚିଣ୍ଡା ଆସୁଥିଲେ। ଡିପୁପଡାଠାରେ ହଠାତ୍ ଏକ ବୁଲା କୁକୁର ସାମ୍ନାକୁ ଦୌଡି ଆସିବାରୁ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଇକ୍ ପଛରେ ବସିଥିବା ବିନୋଦଙ୍କ ମୁଣ୍ଡ ରୋଡ୍ ଉପରେ ପିଟି ହେବାରୁ ରକ୍ତସ୍ରାବ ହୋଇ ସେ ସଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲକୁ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ସୁନ୍ଦରଗଡ଼,୨୩।୧୦ (ଡି.ଏନ୍.ଏ.)

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଓ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଦାବିରେ ଶନିବାର ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବାମଞ୍ଚର ସଦସ୍ୟମାନେ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ କରି ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ୨ଘଣ୍ଟା ଧାରଣାରେ ବସିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡିଆରଡିଏ ଛକଠାରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପଶ୍ଚିମ ଓଡିଶା ଯୁବା ମଞ୍ଚ ଜିଲା ଆବାହକ ସୌମ୍ୟରଞ୍ଜନ ଦାଶ, ଶୁଭମ ମହାପାତ୍ର, ନିକେଶ ଦାସ, ରଞ୍ଜନ ମହାନନ୍ଦିଆ, ପଙ୍କଜ ଦାସ, ଦୀନେଶ ପଟେଲ, ଶୈବ୍ୟା ପ୍ରଧାନ, ଦୀପା ଭୋଇଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ହକି ଷ୍ଟାଡିୟମ ପାଇଁ କଟାଗଲା ଶତାଧିକ ଗଛ

**ବନ ବିଭାଗ ନିୟମକୁ ପ୍ରଶାସନର ଫୁ**

ଝାରସୁଗୁଡ଼ା ଅଫିସ,୨୩।୧୦



ପିକେଏସ୍‌ଏସ୍ କଲେଜ ସମ୍ମୁଖ ଜଙ୍ଗଲରୁ କଟାଯାଇଥିବା ଗଛ।

ଝାରସୁଗୁଡ଼ା ଜିଲାରେ ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ଲୋକଙ୍କୁ ସଚେତନ କରୁଛି। ହେଲେ ବେଆଇନ ଭାବେ ଗଛ କଟା ଚାଲିଥିଲେ ମଧ୍ୟ ଏହାକୁ ରୋକିବାରେ ବିଭାଗ ବିଫଳ ହେଉଛି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ଝାରସୁଗୁଡ଼ା ହଂସାମୁରା କଣ୍ଟାପାଲି ନିକଟ ୪୯ନଂ ଜାତୀୟ ରାଜପଥ ପାର୍ଶ୍ୱ ପିକେଏସ୍‌ଏସ୍ କଲେଜ ସମ୍ମୁଖ ଜଙ୍ଗଲରେ। ଏହି ଜଙ୍ଗଲ ସଫାକରି ହକି ଷ୍ଟାଡିୟମ ନିର୍ମାଣ ପାଇଁ ଜିଲା ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଛି। ଗତ ବୁଧବାରରୁ ଗଛକଟା ଆରମ୍ଭ ହୋଇଛି। ଏଥିରେ ଆକାସିଆ, ପଟାସ ଆଦି ଶତାଧିକ ଗଛ କଟାଯାଇଛି।

ବନ ବିଭାଗ ଅଗୋଚରରେ ଗଛକଟା ଚାଲିଥିବାବେଳେ ଶୁକ୍ରବାର ବନ କର୍ମଚାରୀ (ଗାର୍ଡ) ଅଞ୍ଜଳୀ ରଥ ସେଠାରୁ ଏକ ଜେସିବି ମେଶିନ ଧରି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଷ୍ଟାଡିୟମ ନିର୍ମାଣ ବିଭାଗୀୟ କାମକୁ ଝାରସୁଗୁଡା ବିଡିଓ ତଦାରଖ କରୁଛନ୍ତି। ବନ ବିଭାଗ ଜେସିବି ମେଶିନ ଧରିଥିବା ଜାଣିବାପରେ ବିଡିଓ ହସ୍ତକ୍ଷେପ କରି ଏହାକୁ ଜବତ ନ କରି ଛାଡିଦେଇଛନ୍ତି। ଏ ସମ୍ପର୍କରେ ରେଞ୍ଜର ପ୍ରଦୀପ୍ତ କୁମାର ମହାନ୍ତି କହିଛନ୍ତି, ଗଛ କାଟିବା ନେଇ ତାଙ୍କ ନିକଟରେ କୌଣସି ଆବେଦନ ହୋଇନାହିଁ। ବିଡିଓ ପ୍ରସନ୍ନ ପାଣ୍ଡେ କହିଛନ୍ତି, ଏଠାରେ ହକି ଷ୍ଟାଡିୟମ ନିର୍ମାଣ ହେବ। ଏଥିପାଇଁ ଜିଲାପାଳ, ଡିଏଫ୍‌ଓଙ୍କ ସହିତ ଆଲୋଚନା କଲାପରେ ନିର୍ମାଣ କାମ କରାଯାଉଛି। ଗଛ କାଟିବା ପୂର୍ବରୁ ବନ ବିଭାଗର ଅନୁମତି ନେବା ନିୟମ ରହିଥିବାବେଳେ ଏଠାରେ ନିୟମକୁ ଫୁଙ୍କରି ଶତାଧିକ ଗଛ କଟାଯାଇଛି। ଏଭଳି ବେଆଇନ ଗଛ କଟାକୁ ଝାରସୁଗୁଡ଼ା ଆଞ୍ଚଳିକ ପରିବେଶ ସୁରକ୍ଷା ମଞ୍ଚ ବିରୋଧ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ସୂଚନାଯୋଗ୍ୟ ଷ୍ଟାଡିୟମ ନିର୍ମାଣ ପାଇଁ ହଂସାମୁରା କଣ୍ଟାପାଲି ନିକଟ ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୪୦ଏକର ଜମିରେ ନିଆଯାଇଛି। ଏହି ଜମିର କିଛି ଅଂଶରେ ପାଚେରି ନିର୍ମାଣ କରାଯାଇଥିବାବେଳେ ଦୀର୍ଘବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏପରିସ୍ଥଳେ ଷ୍ଟାଡିୟମ ପାଇଁ ରାସ୍ତା ଅପର ପାର୍ଶ୍ୱରେ ପୁଣି ୫ଏକର ସରକାରୀ ଜମି ନିଆଯାଇ ଶତାଧିକ ଗଛ କଟାଯାଇଛି।

# ବଳମରେ ଭାଗବତ ପାରାୟଣ ସପ୍ତାହ

ନାକଟିଦେଉଳ,୨୩।୧୦(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ବଳମ ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣ ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଭାଗବତ ପାରାୟଣ ସପ୍ତାହ ଆୟୋଜିତ ହେଉଛି। ଗତ ୧୮ତାରିଖଠାରୁ କାର୍ଯ୍ୟକ୍ରମ ଚାଲୁରହିଛି। ଗ୍ରାମର ସଞ୍ଜୟ କୁମାର ସାହୁ ସସ୍ତ୍ରୀକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତିଦିନ ହୋମକାର୍ଯ୍ୟ ସହ ଭାଗବତ ପାଠ ଓ ନାମସଂକୀର୍ତ୍ତନ ପରିବେଷିତ ହେଉଛି। ଭାଗବତ ଶ୍ରବଣ କରିବା ପାଇଁ ଆଖପାଖ ଅଞ୍ଚଳର ବହୁ ଭାଗବତ ପ୍ରେମୀଙ୍କ ସମାଗମ ହେଉଛି। ଆସନ୍ତା ୨୫ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

# ହାତଲେଖା...

ଭଲ ପାଠପଢ଼ା ସାଙ୍ଗକୁ ସୁନ୍ଦର ହସ୍ତାକ୍ଷର ଜଣେ ବିଦ୍ୟାର୍ଥୀର ପରିଚୟ। ଦିନଥିଲା, କ୍ଲାସ୍‌ରୁମ୍‌ରେ ଯାହାର ହସ୍ତାକ୍ଷର ସବୁଠୁ ସୁନ୍ଦର ଥିଲା, କେବଳ ଶିକ୍ଷକଙ୍କଠାରୁ ପ୍ରଶଂସା ମିଳୁ ନ ଥିଲା; ବରଂ ତା' ଖାତାକୁ ଉଦାହରଣ ଭାବେ ଅନ୍ୟମାନଙ୍କୁ ଦେଖା ବି ଯାଉଥିଲା। ଆଉ ଖରାପ ହସ୍ତାକ୍ଷର ସୁଧାରିବା ପାଇଁ କେତେକଙ୍କୁ ଶିକ୍ଷକଙ୍କଠାରୁ ବେତମାଡ଼ କିମ୍ବା ଡଷ୍ଟରରେ ଆଙ୍ଗୁଠି ଛେଚା ବି ଖାଇବାକୁ ପଡୁଥିଲା। ହେଲେ ସମୟ ପରିବର୍ତ୍ତନ ସହିତ ଆଜିର ଡିଜିଟାଲ୍ ଯୁଗରେ ହାତଲେଖାର ଗୁରୁତ୍ୱ ଯେପରି ହ୍ରାସ ପାଉଛି...



ସମୟ ସହିତ ଧୀରେ ଧୀରେ ବଦଳୁଛି ସବୁକିଛି। ଯେଉଁ ପରିବର୍ତ୍ତନ ଧାରାରୁ ବାଦ୍‌ପଡ଼ିନି ହାତଲେଖା। ଅର୍ଥାତ୍ ଆଜିର ଡିଜିଟାଲ୍ ଯୁଗରେ ଛାତ୍ରୀଛାତ୍ରମାନେ ପେନ୍, ପେପର ପରିବର୍ତ୍ତେ ଲେଖିବାକୁ ମୋବାଇଲ୍ ଫୋନ୍, ଆଇ-ପ୍ୟାଡ୍, ଲାପ୍‌ଟପ୍, କମ୍ପ୍ୟୁଟର ଭଳି ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ୍ ଉପରେ ଅଧିକ ନିର୍ଭରଶୀଳ। ତେବେ ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ, କରୋନା ମହାମାରୀ ଆସିବା ପରଠାରୁ ଘରେ ରହି ଅନ୍‌ଲାଇନ୍‌ରେ ପଢ଼ିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ହାତଲେଖା ଅଭ୍ୟାସରେ ବହୁମାତ୍ରାରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଫଳସ୍ୱରୂପ ନା କେବଳ ସେମାନଙ୍କ ଅକ୍ଷର ଅସୁନ୍ଦର ହେଉଛି, ଲେଖା ଧୀର ହେଉଛି ବରଂ ସର୍ବୋପରି ଲେଖା ଅଭ୍ୟାସ ସହିତ ମନେରଖିବା ବା ସ୍ମରଣଶକ୍ତି କମୁଛି। ତେଣୁ ଲେଖିବା ଜାରି ରଖିବା ଆବଶ୍ୟକ। କାରଣ ଏହାର ଅନେକ ଫାଇଦା ରହିଛି। ଜାଣିବା ସେ ସମ୍ପର୍କରେ...

**ଭଲ ନମ୍ବର ରଖିବାରେ ସାହାଯ୍ୟ କରେ:** ପୂର୍ବରୁ ଅଭିଭାବକ ହୁଅନ୍ତୁ କିମ୍ବା ବିଦ୍ୟାଳୟରେ ଶିକ୍ଷକମାନେ ପିଲାଙ୍କୁ ଅକ୍ଷର ସୁନ୍ଦର କରିବା ଲାଗି ଅଧିକ ଗୁରୁତ୍ୱ ଦେଉଥିଲେ। ଏଥିପାଇଁ ବାରମ୍ବାର ଲେଖିବା ତଥା ଅଭ୍ୟାସ କରିବାକୁ ସ୍ୱତନ୍ତ୍ର ହସ୍ତାକ୍ଷର ଖାତା ମଧ୍ୟ ଯୋଗାଇ ଦେଉଥିଲେ। କାରଣ ଅକ୍ଷର ଉପରେ ମଧ୍ୟ ବିଦ୍ୟାର୍ଥୀର ପରୀକ୍ଷା ନମ୍ବର ନିର୍ଭର କରେ। ଅନେକ ସମୟରେ ଦେଖାଯାଏ ପରୀକ୍ଷା ଖାତାରେ ନିର୍ଭୁଲ ଉତ୍ତର ଦେଇଥିଲେ ସୁଦ୍ଧା କେତେକଙ୍କୁ ଭଲ ନମ୍ବର ମିଳି ନ ଥାଏ, ଯାହାର କାରଣ ଥାଏ ସେମାନଙ୍କ ଖରାପ ଅକ୍ଷର। ତେଣୁ ସୁନ୍ଦର ଏବଂ ସ୍ପଷ୍ଟ ଲେଖିବା ଦ୍ୱାରା ଜଣେ ବିଦ୍ୟାର୍ଥୀର ପରୀକ୍ଷା ଖାତା ପଢ଼ିବା ଏବଂ ନମ୍ବର ଦେବାକୁ ପରୀକ୍ଷକଙ୍କୁ ସୁବିଧା ହୋଇଥାଏ। ତା'ଛଡ଼ା ବାରମ୍ବାର ଲେଖିବା ଦ୍ୱାରା ଅଳ୍ପ ସମୟରେ ଭଲ ଅକ୍ଷରରେ ନିର୍ଭୁଲ ଭାବେ ଅଧିକ ଲେଖିବା ସହଜ ହୋଇଥାଏ, ଯାହାକି ପରୀକ୍ଷାରେ କାମରେ ଆସେ।



**ସ୍ମରଣଶକ୍ତି ବୃଦ୍ଧି କରେ:** କ୍ଲାସ୍ ରୁମ୍‌ରେ ଶିକ୍ଷକଙ୍କ କଥା ଶୁଣିବା ଏବଂ ଲେଖିବା ହେଉ ଅବା ଘରେ ପାଠ ପଢ଼ିବା, ଲେଖିବା ସହ ମନ ସ୍ଥିର ରୁହେ, ଏକାଗ୍ରତା ଏବଂ ସ୍ମରଣଶକ୍ତି ମଧ୍ୟ ବୃଦ୍ଧି ହୋଇଥାଏ। ହେଲେ ଇଲେକ୍‌ଟ୍ରୋନିକ ଗ୍ୟାଜେଟ୍‌ରେ ଟାଇପ୍ କରିବା ଦ୍ୱାରା ବର୍ତ୍ତମାନ ଏହା ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି।

**ସବୁଠି ଦିଆଯାଏ ପ୍ରାଥମିକତା:** ହାତଲେଖା ସବୁଠି ଆବଶ୍ୟକ ହୋଇଥାଏ। ତାହା କୌଣସି ଜରୁରୀ କାଗଜପତ୍ରରେ ଦସ୍ତଖତ ପାଇଁ ହେଉ ଅବା ପରୀକ୍ଷାରେ ଉତ୍ତର ଦେବା ଲାଗି। କାରଣ ଆବଶ୍ୟକ ସମୟରେ କମ୍ପ୍ୟୁଟରରେ ଟାଇପ୍ କରାଯାଇଥିବା ଡକ୍ୟୁମେଣ୍ଟକୁ ପ୍ରମାଣ ସ୍ୱରୂପ ଗ୍ରହଣ କରାଯାଇ ନ ଥାଏ, କେବଳ ହାତଲେଖାକୁ ହିଁ ପ୍ରାଥମିକତା ଦିଆଯାଇଥାଏ। ତା'ଛଡ଼ା ଟାଇପ୍ ହୋଇଥିବା ଡକ୍ୟୁମେଣ୍ଟ କେବେ ଡିଲିଟ୍ କିମ୍ବା କରପ୍ଟ ହୋଇଯିବାର ଆଶଙ୍କା ଥିବା ବେଳେ କାଗଜ ଲେଖାକୁ ସାଇତି ରଖିହୁଏ।



**ରଖେ ଷ୍ଟ୍ରେସ୍ ଫ୍ରି:** ଲେଖିବା ଏକ କଳା, ଯାହାକି ମାନସିକ ସନ୍ତୁଳନ ରକ୍ଷା କରେ। ମଣିଷକୁ ଚିନ୍ତା ବା ଅବସାଦମୁକ୍ତ ରଖିବାରେ ବି ବେଶ୍ ସାହାଯ୍ୟ କରେ। ଯେଉଁଥିପାଇଁ ଚିକିତ୍ସା ବିଜ୍ଞାନରେ ମଧ୍ୟ ଏହାକୁ ରାଇଟିଂ ଥେରାପି ଭାବେ ଗ୍ରହଣ କରାଯାଇଛି। ଏକ ସର୍ଭେ ରିପୋର୍ଟ ମୁତାବକ ଅନେକ ପ୍ରସିଦ୍ଧ ଲେଖିକା ଲେଖକ ହାତରେ ଲେଖିବା ଦ୍ୱାରା ମାନସିକ ଶାନ୍ତି ମିଳୁଥିବା ପ୍ରକାଶ କରନ୍ତି।

–ପୌର୍ଣ୍ଣମାସୀ

## କ'ଣ କୁହନ୍ତି ଏମାନେ...

### ଆତ୍ମବିଶ୍ୱାସ ଓ ସୃଜନଶୀଳତା ବୃଦ୍ଧି କରେ

ସୁନ୍ଦର ହସ୍ତାକ୍ଷର ପ୍ରତି ସର୍ବଦା ପିଲାଙ୍କଠାରୁ ଅଭିଭାବକଯାଏ ସମସ୍ତେ ଗୁରୁତ୍ୱ ଦେଇଥା'ନ୍ତି। ମୋ ପିଲାଦିନ କଥା ମନେପଡୁଛି, ବାପା ମୋ ଅକ୍ଷର ସୁନ୍ଦର କରିବାକୁ ସବୁବେଳେ ପରାମର୍ଶ ଦିଅନ୍ତି। ଆଉ ମୋ ସୁନ୍ଦର ଅକ୍ଷର ଶିକ୍ଷକ ଓ ସାଙ୍ଗସାଥୀଙ୍କ ନିକଟରେ ମୋର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଭଲ ଅକ୍ଷର ହିଁ ମୋର କଳାତ୍ମକ ଦକ୍ଷତା, ସୃଜନଶୀଳତା ଏବଂ ଲେଖିବାର କୌଶଳ ବୃଦ୍ଧି କରିବାରେ ବେଶ୍ ସାହାଯ୍ୟ କରିଛି। ବର୍ତ୍ତମାନ ସମୟରେ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ସାମଗ୍ରୀର ବ୍ୟବହାର ବିଶେଷକରି କରୋନା ସମୟରେ ଭର୍ଚୁଆଲ ଲର୍ନିଂ ଦ୍ୱାରା ଅଧିକାଂଶ ଛାତ୍ରୀଛାତ୍ରଙ୍କ ହାତଲେଖା ଅଭ୍ୟାସ ବାଧାପ୍ରାପ୍ତ ହେଉଛି। ଫଳରେ ସେମାନଙ୍କଠାରେ ଆତ୍ମବିଶ୍ୱାସ ଏବଂ ସୃଜନଶୀଳତା ମଧ୍ୟ ହ୍ରାସ ହେଉଛି, ଯେଉଁଥିପାଇଁ ଅଭିଭାବକମାନେ ବି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ନେଇ ଚିନ୍ତିତ ରହୁଛନ୍ତି। ତେଣୁ ଏ ସମୟରେ ଟାଇପ୍ ବଦଳରେ କ୍ଲାସ୍‌ରୁମ୍‌ରେ ବସି ପଢ଼ିବା ଏବଂ ହାତରେ ଲେଖିବା ପିଲାଙ୍କ ପାଇଁ ଆବଶ୍ୟକ ହୋଇପଡ଼ିଛି।



**ଜୀବନଜ୍ୟୋତି ମହାକୁଡ଼**
ଆସିଷ୍ଟାଣ୍ଟ ପ୍ରଫେସର
(ଆଇଟିଇଆର୍, ଭୁବନେଶ୍ୱର)

### ପ, ଫ ପାଇଁ ମାଡ଼ ଖାଇଥିଲି



**କମଳାକାନ୍ତ ଜେନା**
ଓଡ଼ିଶା ଶିକ୍ଷା ସେବା (ଏ),
ଭଦ୍ରକ ସ୍ୱୟଂଶାସିତ
ସରକାରୀ ମହାବିଦ୍ୟାଳୟ,
ଭଦ୍ରକ

ମୋ ପିଲାଦିନର କଥା । ଓଡ଼ିଆ ବର୍ଣ୍ଣମାଳା ଶିଖୁଥାଏ । ମାଟି ସିଲଟ ଉପରେ ବାପା ଲେଖିଥିବା ଅକ୍ଷର ଉପରେ ଖଡ଼ି ମଡ଼େଇ ମଡ଼େଇ ଅ-ଆ-ଇ-ଈ ଇତ୍ୟାଦି ଲେଖୁଥାଏ । ଅଟକିଗଲି 'ପ' ଓ 'ଫ' ଲେଖିବା ସମୟରେ । ବାପା କହିଲେ, ଅକ୍ଷର ଦୁଇଟା ପୂରା ଗୋଲ ହେବା ଦରକାର । କିନ୍ତୁ, ମୁଁ ଲେଖିଲା ବେଳକୁ ଚେପ୍‌ଟା ହେଉଥାଏ । ଗୋଲ ନ ହେଲେ ଆଙ୍ଗୁଠିରେ ମାଡ ଖାଇଛି, କାନମୋଡ଼ା ବି ଖାଇଛି । ଏବେ ପିଲାଙ୍କ ଖାତାରେ ଖରାପ ଅକ୍ଷର ଦେଖିଲେ ପ-ଫ ମନେପଡ଼େ ।

ସୁନ୍ଦର ହସ୍ତାକ୍ଷର ସହିତ ପିଲାର ଚିନ୍ତା ଶକ୍ତି ଓ ବିଚାର କ୍ଷମତା ଜଡିତ । ସୁନ୍ଦର ହସ୍ତାକ୍ଷର ଅଭ୍ୟାସ କରିଥିବା ପିଲାର ବନାନ ଅଶୁଦ୍ଧି ପ୍ରାୟତଃ ରହେ ନାହିଁ । ସାଧାରଣତଃ, ସୁନ୍ଦର ଅକ୍ଷର ଲେଖୁଥିବା ପିଲାମାନେ ଭଲ ପଢ଼ନ୍ତି ବୋଲି ଆମେ ମାନିଥାଉ । ତେଣୁ ସେମାନଙ୍କୁ ଟିକିଏ ଅଧିକ ନମ୍ବର ଦେବା ପାଇଁ ଆପେ ଆପେ ହାତ ଚାଲିଯାଏ । ହେଲେ, ଆଜିକାଲି ପିଲାମାନେ କାଗଜ-କଲମରେ କମ୍ ଲେଖୁଛନ୍ତି। ବରଂ, କଂପ୍ୟୁଟର କି-ବୋର୍ଡ ଓ ମୋବାଇଲ କି-ପ୍ୟାଡ୍‌ରେ ବେଶୀ ଟାଇପ୍ କରୁଛନ୍ତି । ଶବ୍ଦର ବନାନ ମନେରଖିବା ଦରକାର ପଡୁନି । ତା'ଛଡ଼ା କରୋନା ପାଇଁ ମୋବାଇଲ ଓ କମ୍ପ୍ୟୁଟର ପରଦା ଉପରେ ଅନ୍-ଲାଇନ୍ ପାଠପଢ଼ା ଚାଲିଛି । ପିଲାମାନଙ୍କୁ ପ୍ରାୟ ଲେଖିବାକୁ ପଡୁନାହିଁ । ପରୀକ୍ଷା ବି ଅନ୍-ଲାଇନ୍ ଓ ଅବ୍‌ଜେକ୍‌ଟିଭ୍ । ଏ-ବି-ସି-ଡି ଉପରେ କ୍ଲିକ୍ କଲେ ହେଲା । ଏଭଳି ପରିବେଶରେ ସୁନ୍ଦର ହସ୍ତାକ୍ଷର ପ୍ରତି ଗୁରୁତ୍ୱ କମିଯାଉଛି ।

### ଭାବୁଛି ଫେର୍ ହସ୍ତାକ୍ଷର ଲେଖିବି

ପ୍ରାଥମିକ ବିଦ୍ୟାଳୟ ସମୟରୁ ହସ୍ତାକ୍ଷର ମୋ ବଇରି ସାଜିଲା। ସେଥିପାଇଁ କେତେ ଗାଳି ନ ଖାଇଛି! ସମସ୍ତେ ଯଦିଓ ମୋ କବିତାର ପ୍ରଶଂସକ, ହେଲେ ମୋ ଅକ୍ଷର ଦେଖି ମୁଣ୍ଡ ବାଡ଼ାନ୍ତି। ଗୁରୁମା' କେତେଥର ଖାତା ଫିଙ୍ଗି କହନ୍ତି, 'ଏ ବୋକା ଛୁଆ କିଛି ବୁଝୁନି ଖାଲି ଖରାପ ଅକ୍ଷର ପାଇଁ କେତେ ନମ୍ବର ତା'ର କଟୁଛି। ଗପ, କବିତା, ବକ୍ତୃତା, ରଚନା, ଗୀତ, ବାଜା, ନାଟକ ସବୁଥିରେ ପାରଙ୍ଗମ ଏଇ ପିଲାଟି କେବଳ ଖରାପ ହସ୍ତାକ୍ଷର ପାଇଁ ଅପମାନିତ ହେଉଛି ଦେଖି ଜଣେ ସହପାଠିନୀ କହିଲା, ତୁ ମୋ ପାଖକୁ ଚିଠି ଲେଖ୍। ମୁଁ ଡରିଗଲି। ଦୁଇଜଣଙ୍କ ଶ୍ରେଣୀ ଅଷ୍ଟମ। ସେ କହିଲା, ଆରେ ଲେଖିଲେ ଅକ୍ଷର ସୁନ୍ଦର ହେବ। ମୁଁ ଚିଠି ଲେଖିଲି। ପରଦିନ ହେମା ମୁହଁ ମୋଡ଼ିଲା। ଏମିତି ଲେଖିଛ! ଯେମିତି ବିଲେଇ ବାନ୍ତି କରିଛି। ପରେ ହସ୍ତାକ୍ଷର ପାଇଁ ପୁରସ୍କୃତ ହେଲି। ସେତେବେଳକୁ ହେମା ବାପାଙ୍କର ବଦଳି ହୋଇ ଯାଇଥାଏ। ତେଣୁ ଗାଁ ଠାକୁରାଣୀଙ୍କ ପିଢ଼ରେ ପାଞ୍ଚ ଟଙ୍କା ରଖି ନେହୁରା ହେଲି ହେମାକୁ ଜଣେଇବା ପାଇଁ। ତା' ସାଙ୍ଗ ମୋ ପିଠିରେ ହଠାତ୍ ହାତ ମାରିଲା। ବଢ଼େଇ ଦେଲା ହେମାର ଚିଠି। ତମ ପାଇଁ ମୁଁ ଗର୍ବିତ। ମୁଁ ଖୁସି ହେଲି। ଯେଉଁଦିନ ମୋ ହାତଲେଖା କବିତା ଫଟୋ କରାଯାଇ ଅକ୍ଷୟ ବେହେରାଙ୍କ ସମ୍ପାଦିତ 'କଥାକଥା କବିତା କବିତା'ରେ ପ୍ରକାଶିତ ହେଲା, ମୋ ଆଖିରେ ଲୁହ ଥିଲା। ବୋଉକୁ କହିଲି, ଜିତିଯାଇଛି। ଲେଖା ମୋତେ ଖୁସିଦିଏ, ମନର ବୋଝ ହାଲୁକା କରେ। ଏବେ ମୋ କମ୍ପ୍ୟୁଟର କିମ୍ବା ମୋବାଇଲ୍‌ରେ ଟାଇପ୍ କଲା ପରେ ଅକ୍ଷର ପୁଣି ଖରାପ ହେଇଗଲାଣି। ଏବେ ଭାବୁଛି ଅଧାବୁଢ଼ା ବୟସରେ ଫେର୍ ହସ୍ତାକ୍ଷର ଲେଖିବି। ହେଲେ ଏ ମୋବାଇଲ, କମ୍ପ୍ୟୁଟର ଯୁଗରେ ତା' କ'ଣ ସମ୍ଭବ !



**ଅୟସ୍‌କାନ୍ତ**
ଗ୍ରାମ୍ୟ ନିର୍ମାଣ ଉପବିଭାଗ,
ରାଜକନିକା, କେନ୍ଦ୍ରାପଡ଼ା

## ଏ ସପ୍ତାହର ପ୍ରଶ୍ନ

୧– ସେଲା ଟନେଲ୍ .......... ଠାରେ ଅବସ୍ଥିତ ?
୨– ଏସିଆଟିକ୍ ୱାଇଲ୍ଡ ଡଗ୍‌ର ଅନ୍ୟ ନାମ........... ?
୩– ଅପରେଶନ୍ ସତର୍କ ନାମକ ଏକ ପାଟ୍ରୋଲିଂ ଅପରେଶନ୍‌ର ଶୁଭାରମ୍ଭ ............ ଠାରେ ହୋଇଯାଇଛି ?
୪– ଏମୋରିଆ ଥୋରି ଏକ ନୂତନ ପ୍ରଜାତିର ...........ର ନାମ ?
୫– ଭାରତର......... ରାଜ୍ୟରେ ଇଲେକ୍ସନ୍ କମିଶନ୍‌ଙ୍କ ଦ୍ୱାରା ପ୍ରଥମ ସ୍ମାର୍ଟ ଫୋନ୍ ଭୋଟିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି?

## ଗତ ଥରର ଉତ୍ତର

୧ ନିକ୍‌ଲା ବଡେନ୍ ରମ୍‌ଧାନେ
୨ ଆଣ୍ଟିଭାଇରାଲ୍ ଡ୍ରଗ୍
୩ ଛତିଶଗଡ଼
୪ ଅକ୍ଟୋବର ୨୩
୫ ଅବନୀ ଲେଖାରା

## ଉତ୍ତରଦାତା



ଅନୁଭବ ଗଡ୍ଡୁଆ, ବଲାଙ୍ଗୀର



ପ୍ରଶାନ୍ତ କର, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଦାମୀ ରେସ୍ତୋରାଁ

୧– ସବ୍ଲିମୋଶନ୍ (ଇବିଜା, ସ୍ପେନ୍)............... ୨୩୮୦ ଡଲାର (ମୁଣ୍ଡ ପିଛା)
୨– ପର୍ ସେ (ନ୍ୟୁୟର୍କ, ଆମେରିକା)............................ ୬୮୦ ଡଲାର
୩– ଅଲ୍‌ଟ୍ରାଭାଓଲେଟ୍ (ସାଙ୍ଘାଇ, ଚାଇନା)............. ୫୭୦– ୯୦୦ ଡଲାର
୪– ମାସା (ନ୍ୟୁୟର୍କ, ଆମେରିକା)................................ ୫୭୫ ଡଲାର
୫– ରେଷ୍ଟୁରାଣ୍ଟ ଡି ଏଲ୍-ହୋଟେଲ୍ ଡି ଭିଲେ (କ୍ରିଜର୍, ସ୍ୱିଜରଲାଣ୍ଡ)... ୪୧୫ ଡଲାର
୬– ମାସନ୍ ପିକ୍ ଭେଲେନ୍ସ (ପ୍ୟାରିସ୍, ଫ୍ରାନ୍ସ)...................... ୩୭୫ ଡଲାର
୭– ଗାଏ ସଭୋଏ (ପ୍ୟାରିସ୍, ଫ୍ରାନ୍ସ)................... ୩୮୫– ୬୨୬ ଡଲାର
୮– କିଟୋ ଆରାସିୟାମୋ (ଟୋକିଓ, ଜାପାନ)...... .. ୩୮୦– ୫୭୦ ଡଲାର
୯– ଆରାଗାୱା (ଟୋକିଓ, ଜାପାନ)............... . ୨୬୦– ୩୭୦ ଡଲାର
୧୦– ଇଠା ଅଣ୍ଡରସି (ମାଳଦ୍ୱୀପ)................................ ୩୨୦ ଡଲାର

## ଯୁବ ପ୍ରତିଭା

### ସମାଜସେବାରେ ବ୍ରତୀ

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭା ପିଲାବେଳୁ ପ୍ରସ୍ଫୁଟିତ ହୋଇଥିଲା। ସବୁ ପରିସ୍ଥିତିରେ ଲୋକଙ୍କ ସେବାକୁ ପ୍ରାଥମିକତା ଦେଇ ସେ ଆଗେଇ ଚାଲିଛନ୍ତି। ଆଜିର ପ୍ରତିଯୋଗିତାମୂଳକ ସମାଜରେ ନିଃସ୍ୱାର୍ଥପର ସେବାର ବାର୍ତ୍ତା ବାଣ୍ଟୁଥିବା ଏହି ଯୁବତୀ ଜଣଙ୍କ ହେଉଛନ୍ତି ପୁରୀ ଚାରିନଳାସ୍ଥିତ ଦୂତୀ ଓ ସ୍ୱର୍ଗତ ଜଳନ୍ଧର ପ୍ରଧାନଙ୍କ କନିଷ୍ଠା କନ୍ୟା ନିକି ।



ନିକି

ଶିକ୍ଷା ସଫଳତାର ମାପକାଠି। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାର ଆବଶ୍ୟକତା ବିଷୟରେ ସଭିଙ୍କୁ ସଚେତନ କରାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି। ସେ ଆର୍ଥିକ ଅନଗ୍ରସର, ଗରିବ, ମେଧାବୀ ବିଶେଷକରି ପୁରୀର ବିଭିନ୍ନ ବସ୍ତି ବୁଲି ପିଲାଙ୍କୁ ନିଃଶୁଳ୍କ ପାଠ ପଢ଼ାଉଛନ୍ତି। ନିଜ ଦୈନନ୍ଦିନ କାର୍ଯ୍ୟ ବ୍ୟବସ୍ଥାରୁ ସମୟ ବାହାର କରି ସେ ଏହି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ଉତ୍ସାହିତ କରୁଛନ୍ତି। ବସ୍ତି ଅଞ୍ଚଳରେ ପିଲା ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ନେଇ ସ୍ୱଚ୍ଛତା, ପ୍ଲାଷ୍ଟିକ୍ ଓ ପଲିଥିନମୁକ୍ତ ବସ୍ତି ପାଇଁ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ନେତୃତ୍ୱ ନେବାର ପ୍ରତିଭା ଓ ନିର୍ଭୀକ ସ୍ୱଭାବ ପାଇଁ ସେ ବେସ୍ ପରିଚିତ। କଲେଜ ପାଠପଢ଼ା ସମୟରୁ ସହପାଠିନୀଙ୍କୁ ସାଙ୍ଗରେ ନେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି ସମାଜ ପ୍ରତି ରହିଥିବା ଦାୟିତ୍ୱବୋଧ, କର୍ତ୍ତବ୍ୟ ପରାୟଣତାର ପରିଚୟ ଦେଇଛନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଯୋଡ଼ି ହୋଇ ବିଭିନ୍ନ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମରେ ଆଗଧାଡ଼ିର କର୍ମୀ ଭାବେ ନିଜ ଦାୟିତ୍ୱ ତୁଲାଇଥା'ନ୍ତି। ପ୍ରତି ରବିବାର ମେଡିକାଲ ସଫେଇ, ବୃକ୍ଷରୋପଣ, ରକ୍ତଦାନ ଶିବିର ଆୟୋଜନ, ପ୍ରତିଭା ବିକାଶ କାର୍ଯ୍ୟକ୍ରମ, ସାମାଜିକ ସଚେତନତା, ନାରୀ ଶକ୍ତିର ବିକାଶ ପରି ଅନେକ ସାମାଜିକ କାର୍ଯ୍ୟକ୍ରମରେ ସେ ନିଜକୁ ସମର୍ପିତ କରି ରଖିଛନ୍ତି। ଏଥିପାଇଁ ତାଙ୍କୁ ମିଳିଛି ଶ୍ରୀକ୍ଷେତ୍ର ତଥା ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅନେକ ସମ୍ମାନ ଓ ପୁରସ୍କାର। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଅନ୍ତର୍ଗତ ନେହେରୁ ଯୁବା କେନ୍ଦ୍ର ପୁରୀ ଜିଲାରେ ୨୦୧୭ରେ ଏଚ୍‌ଆଇଭି ଭାବେ ଯୋଗଦାନ କରି ପୁରୀ ସଦର ଅଞ୍ଚଳରେ ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ତେଣୁ ଗ୍ରାମାଞ୍ଚଳରେ ରହିଥିବା ଯୁବ କ୍ଲବ, ପ୍ରତିଭାଙ୍କୁ ଆଗକୁ ଆଣିବା, ଜାତୀୟତା ଭାବ, ରାଷ୍ଟ୍ର ପ୍ରତି ଯୁବବର୍ଗଙ୍କ ଦାୟିତ୍ୱବୋଧ, ସାମାଜିକ କାର୍ଯ୍ୟରେ ସକ୍ରୀୟତା ଜାଗ୍ରତ କରାଇବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଇ ନିଆରା ପରିଚୟ ସୃଷ୍ଟି କରିଛନ୍ତି।

– ପ୍ରଭାତ ପାଣିଗ୍ରାହୀ

## ୟୁଥ୍ ଫ୍ୟାଶନ

### ଅଜବ ମୁଦି

ଯୁବପିଢ଼ିଙ୍କୁ ସର୍ବଦା ଡିଫରେଣ୍ଟ ଲୁକ୍ ପସନ୍ଦ। ଯେଉଁଥିପାଇଁ ସେମାନେ ଭଳିକି ଭଳି ଅଜବ ଫ୍ୟାଶନ୍ ଆପଣେଇବାକୁ ବି ପଛାଇ ନ ଥା'ନ୍ତି। ତେବେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ଲାଗି ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି ଅଜବ ଶୈଳୀରେ ପ୍ରସ୍ତୁତ ମୁଦି...

**ସ୍କ୍ରବଲ୍ ମୁଦି:** ଏହା ଦେଖିବାକୁ ବହୁତ ସୁନ୍ଦର। ଏଥିରେ ଇଂଲିଶ୍ ଆଲ୍‌ଫାବେଟ୍ 'ଏ' ଠାରୁ 'ଜେଡ୍' ଯାଏଁ ଲେଖା ହୋଇଥାଏ। ଲେଟର୍‌ଗୁଡ଼ିକ ଚାରୋଟି ଧାଡ଼ିରେ ସୁସଜ୍ଜିତ ହୋଇ ରହିଥାଏ। ତେବେ ଏଥିରେ ସବୁଠୁ ବେଷ୍ଟ ଫିଚର ହେଉଛି ଏହାକୁ ରୋଟେଟିଂ କରି, ନିଜ ମନ ମୁତାବକ ଶବ୍ଦ ଲେଖାଯାଇପାରିବ। ସାଧାରଣତଃ ପ୍ରେମୀଯୁଗଳ ଏହାକୁ ବେଶି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି ।



**ମାଉସ୍ ମୁଦି:** ଏହି ମୁଦିଗୁଡ଼ିକର ଆକାର ମୂଷାର ମୁହଁ ପରି ହୋଇଥାଏ । ଏହା ଦେଖିବାକୁ କ୍ୟୁଟ୍ ଲାଗୁଥିବାରୁ ଯୁବପିଢ଼ି ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କେବଳ ଇମିଟେଶନ୍‌କୁ ନୁହେଁ ବର୍ତ୍ତମାନ ସୁନା, ରୁପା, ପ୍ଲାଟିନମ୍ ଭଳି ପ୍ରସ୍ତୁତ ଏହି ଡିଜାଇନ୍‌ର ମୁଦି ମଧ୍ୟ ବଜାରରେ ଉପଲବ୍ଧ ହେଲାଣି ।

**ଫ୍ଲାୱାର ମୁଦି :** ଏହି ମୁଦିଗୁଡ଼ିକୁ ଦେଖିଲେ ଲାଗେ ଯେମିତି ଫୁଲଗୁଡ଼ିକ ସତରେ ମୁଦିରେ ରହିଛି। କାରଣ ଏହି ମୁଦିକୁ ଏପରି ଭାବେ ତିଆରି କରାଯାଇଥାଏ, ଯାହା ଆଖିକୁ ବାସ୍ତବ ଫୁଲର ଭ୍ରମ ସୃଷ୍ଟି କରାଇଥାଏ। ଏହା ଆକର୍ଷଣୀୟ ଲାଗୁଥିବାରୁ ଯୁବତୀମାନେ ବିଭିନ୍ନ ଡ୍ରେସ୍‌କୁ ମ୍ୟାଚ୍ କରି ଏଭଳି ଫ୍ଲାୱାର୍ ରିଂ ବ୍ୟବହାର କରୁଛନ୍ତି।

**ବଟଲ ଓପ୍‌ନର ମୁଦି:** ଏହି ମୁଦିଗୁଡ଼ିକ ଟୁ-ଇନ୍-ୱାନ୍ କାମ କରିଥା'ନ୍ତି । ଅର୍ଥାତ୍ ଏଗୁଡ଼ିକ ଡିଫରେଣ୍ଟ ତଥା ଫଙ୍କି ଲୁକ୍ ଦେଉଥିବା ସହ କୋଲ୍ଡଡ୍ରିଙ୍କ୍ସ ଆଦି ବଟଲର୍ କ୍ୟାପ୍ ଖୋଲିବାରେ ସାହାଯ୍ୟ କରୁଥିବାରୁ ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଭାରତ-ପାକିସ୍ତାନ ମୁକାବିଲା ଆଜି

## ଟି୨୦ ବିଶ୍ୱକପ୍

**ଦୁବାଇ,୨୩।୧୦**

ଟି୨୦ ବିଶ୍ୱକପ୍‌ର ସବୁଠାରୁ ବହୁଚର୍ଚ୍ଚିତ ତଥା ପ୍ରତୀକ୍ଷିତ ମ୍ୟାଚ୍ ରବିବାର ଖେଳାଯିବ। ସୁପର ସନ୍‌ଡେରେ ବିଶ୍ୱ କ୍ରିକେଟର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଭାରତର ସୁପରଷ୍ଟାରମାନଙ୍କ ସହିତ ପାକିସ୍ତାନର ଯୁବ ତଥା ପ୍ରତିଭାସମ୍ପନ୍ନ ଖେଳାଳିମାନଙ୍କ ମଧ୍ୟରେ ଏକ ହାଇଭୋଲ୍‌ଟେଜ ମ୍ୟାଚ୍ ଦେଖିବାକୁ ମିଳିବ। କୂଟନୈତିକ ତଥା ରାଜନୈତିକ ସମ୍ପର୍କ ସେତେଟା ଭଲ ନ ଥିବାରୁ ଦୁଇ ଦେଶ ମଧ୍ୟରେ ବହୁ ବର୍ଷ ହେବ କୌଣସି ଦ୍ୱିପାକ୍ଷିକ ସିରିଜ କିମ୍ବା ଅନ୍ୟାନ୍ୟ କ୍ରୀଡ଼ା ଆୟୋଜନ ହୋଇପାରିନାହିଁ। ତେବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁର୍ନାମେଣ୍ଟରେ ଦୁଇ ଦେଶ ନିୟମିତ ଭାବେ ପରସ୍ପରକୁ ଭେଟିଛନ୍ତି ଓ ଏହା ସୀମାର ଦୁଇ ପାର୍ଶ୍ୱରେ ଥିବା ପ୍ରଶଂସକଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହେଉଛି। ୨୦୦୭ର ଟି୨୦ ବିଶ୍ୱକପ୍ ପ୍ରଥମଥର ପାଇଁ ଖେଳାଯାଇଥିଲା ଓ ସେବେଠାରୁ ଭାରତ ସବୁ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇ ଆସିଛି। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଏହି ସବୁ ମ୍ୟାଚ୍‌ଗୁଡ଼ିକରେ ବିଜୟୀ ହୋଇଛି। ଟି୨୦ ବିଶ୍ୱକପ୍‌ରେ ଭାରତ ସବୁ ୫ଟି ମ୍ୟାଚ୍‌ରେ ପାକିସ୍ତାନକୁ ହରାଇଛି। ଏଥର ବିରାଟ କୋହଲିଙ୍କ ନେତୃତ୍ୱରେ ସେହି ପୁରୁଣା ପ୍ରଦର୍ଶନକୁ ଭାରତ ଦୋହରାଇବା ଲକ୍ଷ୍ୟରେ ରହିଛି। କ୍ରିକେଟ ସହିତ ଜଡ଼ିତ ଥିବା ସବୁ ସଂସ୍ଥା ଓ ଷ୍ଟେକହୋଲ୍ଡର ଏହି ମ୍ୟାଚ ନେଇ ବେଶ୍ ଉତ୍ସାହ ପ୍ରକଟ କରିଛନ୍ତି।

ଉଭୟ ଦଳରେ ଟି୨୦ ସ୍ପେଶାଲିଷ୍ଟମାନେ ରହିଛନ୍ତି। ବାବର ଆଜମଙ୍କ ନେତୃତ୍ୱରେ ପାକିସ୍ତାନ ବିଶ୍ୱକପ୍‌ରେ ପରାଜୟଧାରାକୁ ରୋକିବାକୁ ପ୍ରୟାସ କରିବ। ସୁପରଷ୍ଟାର ତଥା ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅଭିଜ୍ଞ ଓପନର ରୋହିତ ଶର୍ମା, ଲୋକେଶ ରାହୁଲଙ୍କ ଦକ୍ଷତା ନେଇ ପାକିସ୍ତାନ ଟିମ୍ ନିଶ୍ଚିତ ଭାବେ ଅବଗତ ଥିବ। ପାକିସ୍ତାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜଓ୍ୱାନ ଓ ମହମ୍ମଦ ସାମି, ଭାରତର ସୂର୍ଯ୍ୟକୁମାର ଯାଦବ ଓ ପାକ୍ ଦ୍ରୁତ ବୋଲର ହାସନ ଅଲିଙ୍କ ମଧ୍ୟରେ ଉଚ୍ଚକୋଟୀର ମୁକାବିଲା ଦେଖିବାକୁ ମିଳିବ। ବିଶ୍ୱକପ୍‌ର ଏହି ସପ୍ତମ ସଂସ୍କରଣରେ ଭାରତ ସମେତ ପାକିସ୍ତାନ ମଧ୍ୟ ଫେଭରାଇଟ ବିବେଚିତ ହେଉଛି। ଏହା ଏକ ସାଧାରଣ କ୍ରିକେଟ ମ୍ୟାଚ ବୋଲି ଉଭୟ ଦଳର ଖେଳାଳିମାନେ କହୁଥିଲେ ମଧ୍ୟ ବାସ୍ତବରେ ଏହି ମ୍ୟାଚ୍‌ର ଘଟଣାସବୁ ସବୁଦିନ ପାଇଁ ବିଭିନ୍ନ ଭିଡିଓ ମାଧ୍ୟମରେ ଇଣ୍ଟରନେଟରେ ଘୂରି ବୁଲିବ। ଏହା ଭାରତୀୟ ମୁଖ୍ୟ ଚୟନକର୍ତ୍ତା ତଥା ପୂର୍ବତନ ଦ୍ରୁତ ବୋଲର ଚେତନ ଶର୍ମା ଭଲ ଭାବେ ଜାଣିଥିଲେ। ୩୫ ବର୍ଷ ତଳେ ତାଙ୍କୁ ଇନିଂସର ଶେଷ ବଲରେ ଜାଭେଦ ମିଆଁଦାଦ ଛକା ମାରି ପାକିସ୍ତାନକୁ ଜିତାଇଥିଲେ। ତେଣୁ ଏହି ମ୍ୟାଚର ଗୁରୁତ୍ୱ କେତେ ତାହା ତାଙ୍କୁ ଭଲ ଭାବେ ଜଣାଥିବ। କିନ୍ତୁ ସେତେବେଳର ଓ ଏବେକାର କ୍ରିକେଟ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି। ସେତେବେଳେ ପାକିସ୍ତାନ ଏକ ବିଶ୍ୱସ୍ତରୀୟ ଦଳ ଥିଲା ଓ ଦଳରେ ଅଧିକାଂଶ ଖେଳାଳି ବିଶ୍ୱସ୍ତରୀୟ ମଧ୍ୟ ଥିଲେ। ଏବେ କିନ୍ତୁ କଥା ଅଲଗା ହୋଇଛି। ଏବେ ଭାରତରେ ପ୍ରତିଭା ସୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଛି। ଭାରତ ଅବଶ୍ୟ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପରାଜୟକୁ ଭୁଲି ନ ଥିବ। କୋହଲି, ରୋହିତ ଓ ଯଶପ୍ରୀତ ବୁମ୍‌ରା ଏହି ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

ଏହି ମହାମୁକାବିଲାରେ ଭାରତ ଅପେକ୍ଷା ପାକିସ୍ତାନକୁ ନିଜ ପାଇଁ ବହୁତ କିଛି ପ୍ରମାଣ କରିବାର ଆବଶ୍ୟକତା ଅଛି। ଶାହା, ରିଜଓ୍ୱାନ, ହାରିସ ରୌଫ୍ ଓ ଅଧିନାୟକ ବାବର ଆଜମଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ଭାରତ ଭଳି ବିଶ୍ୱସ୍ତରୀୟ ଦଳକୁ ହରାଇ ବିଶ୍ୱକପ୍ ପରାଜୟଧାରାକୁ ଭାଙ୍ଗିବାର ଚାପ ନିଶ୍ଚିତ ପାକିସ୍ତାନ ଉପରେ ରହିବ। କିଛିଦିନ ତଳେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଶେଷ ମୁହୂର୍ତ୍ତରେ ପାକିସ୍ତାନ ଗସ୍ତ ବାତିଲ କରିଥିଲେ ଓ ଏଥିରେ ପାକିସ୍ତାନ ଝଟକା ଖାଇଥିଲା। ଗତ କେତେବର୍ଷ ହେବ ପାକିସ୍ତାନ କ୍ରିକେଟକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛି। ତେଣୁ ଭାରତକୁ ହରାଇ ପାରିଲେ ପାକିସ୍ତାନକୁ କିଛିଟା ଆଶ୍ୱସ୍ତି ମିଳିବ।

ୟୁଏଇରେ ଭାରତୀୟ ଖେଳାଳିମାନେ ଆଇପିଏଲ ଖେଳିଥିବାରୁ ଏଠାକାର ସ୍ଥିତି ନେଇ ଅଭ୍ୟସ୍ତ ଥିବେ। ୟୁଏଇ ମଧ୍ୟ ପାକିସ୍ତାନର ଦ୍ୱିତୀୟ ଘର ବିବେଚିତ ହେଉଛି। ଭାରତ ପାଇଁ ଟପ୍ ଅର୍ଡରର ୫ ଖେଳାଳି ଯଥା ରୋହିତ, ରାହୁଲ, କୋହଲି, ସୂର୍ଯ୍ୟକୁମାର ଯାଦବ ଓ ଋଷଭ ପନ୍ତ ମୁଖ୍ୟ ଅସ୍ତ୍ର ସାବ୍ୟସ୍ତ ହେବେ। ପାକିସ୍ତାନ ବୋଲର ସାହିନ ଶାହା ଆଫ୍ରିଦି, ହାରିସ ରୌଫ, ହାସନ, ଇମାଦ ଓ୍ୱାସିବ ଓ ଶଦାବ ଖାଁଙ୍କ ସହ ଏହି ଭାରତୀୟ ଖେଳାଳିଙ୍କ ମୁକାବିଲା ହେବ। ପାକିସ୍ତାନର ବୋଲିଂ ଆଟାକ ବିଶ୍ୱସ୍ତରୀୟ ବୋଲି ମାନିବାକୁ ହେବ। ଷଷ୍ଠ ବୋଲର ସମସ୍ୟା ହେଉଛି ଭାରତର ମୁଖ୍ୟ ସମସ୍ୟା। ଯଦି ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ବ୍ୟାଟର ଭାବେ ଖେଳନ୍ତି ତାହାହେଲେ ଭାରତ ପାଇଁ ଭିନ୍ନ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି ହେବ। ଟି୨୦ରେ ଚାପ ରହୁଥିବାରୁ ଇଶାନ କିଶନ ଅପେକ୍ଷା ହାର୍ଦ୍ଦିକଙ୍କୁ ଖେଳାଇବାର ଅଧିକ ସମ୍ଭାବନା ରହିଛି। ବୁମ୍‌ରା, ରବୀନ୍ଦ୍ର ଜାଡେଜା, ଶାମି ଓ ବରୁଣ ଚକ୍ରବର୍ତ୍ତୀଙ୍କ ଉପରେ ଭାରତୀୟ ବୋଲିଂ ଦାୟିତ୍ୱ ରହିବ। ଅଭିଜ୍ଞତା ଓ ଭେରିଏଶନକୁ ଦୃଷ୍ଟିରେ ରଖିଲେ ଶାର୍ଦ୍ଦୁଳ ଠାକୁରଙ୍କ ତୁଳନାରେ ଭୁବନେଶ୍ୱର କୁମାର ଆଗରେ ରହିବେ, ଯଦିଓ ଦ୍ରୁତ ଗତିରେ ରନ ସଂଗ୍ରହ କରିବାର ଦକ୍ଷତା ଠାକୁରଙ୍କ ପାଖରେ ଅଧିକ ରହିଛି। ଯଦି ଜଣେ ଅତିରିକ୍ତ ସ୍ପିନରଙ୍କ ଆବଶ୍ୟକତା ରହେ ତାହାହେଲେ ରାହୁଲ ଚହରଙ୍କୁ ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ ପଛରେ ପକାଇବେ। ପାକିସ୍ତାନ ପାଇଁ ବାବର ମୁଖ୍ୟ ଅସ୍ତ୍ର ସାବ୍ୟସ୍ତ ହେବେ। ଶାହିନ, ହାସନ, ରୌଫ ଭାରତ ବିପକ୍ଷରେ ରନ୍ ସଂଗ୍ରହ କରିବେ ଓ ବାବର ସହାୟତା ପ୍ରଦାନ କରିବେ ବୋଲି ଆଶା କରାଯାଉଛି। ୟୁଏଇରେ ବାମହାତୀ ସ୍ପିନର ଇମାଦଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ରହିଛି। କାଗଜ କଲମରେ ଭାରତ ଆଗରେ ଥିଲେ ମଧ୍ୟ ପାକିସ୍ତାନ ତା'ର କୌଣସି ଭଲ ଦିନରେ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ତେଣୁ ସୁପର ସନ୍‌ଡେରେ ଏକ ରୋମାଞ୍ଚକ ସୁପର ଶୋ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଲୋକେଶ ରାହୁଲ, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଶନ, ଶାର୍ଦ୍ଦୁଳ ଠାକୁର, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ବରୁଣ ଚକ୍ରବର୍ତ୍ତୀ ଓ ରାହୁଲ ଚହର।

**ପାକିସ୍ତାନ ଦଳ:** ବାବର ଆଜମ (ଅଧିନାୟକ), ମହମ୍ମଦ ରିଜଓ୍ୱାନ, ଫଖର ଜମାନ, ମହମ୍ମଦ ହାଫିଜ, ସୋଏବ ମଲିକ, ଆସିଫ ଅଲି, ଇମାଦ ଓ୍ୱାସିମ, ଶଦାବ ଖାଁ, ହାରିସ ରୌଫ, ହାସନ ଅଲି, ଶାହିନ ଶାହା ଆଫ୍ରିଦି ଓ ହାଇଦର ଅଲି।

**ଆଜିର ମ୍ୟାଚ**

**ବାଂଲାଦେଶ ବନାମ ଶ୍ରୀଲଙ୍କା**
ସ୍ଥାନ: ଶାରଜା, ସମୟ: ଅପରାହ୍ନ ୩ଟା ୩୦
**ଭାରତ ବନାମ ପାକିସ୍ତାନ**
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦
ପ୍ରସାରଣ: **ଷ୍ଟାରସ୍ପୋର୍ଟ୍ସ ନେଟଓ୍ୱର୍କ**










ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଅକ୍ଟୋବର, ୨୦୨୧



## ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡାରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଗ୍ରାମର କୁନିକୁନି ଝିଅଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ହରିହର ମଣ୍ଡପ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗୀତାରେ ଗ୍ରାମର ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ପ୍ରତାପ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଡା ରଶ୍ମିତା ପଧାନ ଅତିଥିଭାବେ ଯୋଗଦେଇଥିଲେ । କୃତୀ ଓ ପ୍ରତଗୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପୂଜା କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

# ଲକ୍ଷେ ଅଶି ହଜାରରେ ସ୍ତ୍ରୀଙ୍କୁ ବିକିଲେ ସ୍ୱାମୀ

### ରାଜସ୍ଥାନରୁ ବିକ୍ରି ମହିଳାଙ୍କୁ ଉଦ୍ଧାର କଲା ପୋଲିସ, ସ୍ୱାମୀ ଗିରଫ

**ବେଲପଡା, ୨୩।୧୦(ଡି.ଏନ.ଏ.)**

ପ୍ରଥମେ ପ୍ରେମ ତା ପରେ ଘର ଲୋକଙ୍କ ସହମତିରେ ବିବାହ ହୋଇଥିଲା । ସାଇପଡିଶା ଓ ବନ୍ଧୁ ବାନ୍ଧବଙ୍କୁ ଭୋଜିଭାତ ବି ଦିଆଯାଇଥିଲା । କିଛିଦିନ ଠିକ୍ଠାକ ଚାଲିଲା ପରେ ସବୁ ଯେମିତି ବିଗିଡି ଗଲା । ଅପଣାର କରିଥିବା ସ୍ତ୍ରୀଙ୍କୁ ରାଜସ୍ଥାନର ଜଣଙ୍କୁ ୧ଲକ୍ଷ ଅଶୀ ହଜାର ଟଙ୍କାରେ ବିକ୍ରି କରିଦେଲେ ସ୍ୱାମୀ । ଏପରି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସୁଲେକେଲା ଗ୍ରାମରେ । ସୁଲେକେଲା ଗ୍ରାମର ରାଜେଶ ରଣାଙ୍କର ସଇଁତଳା ଥାନା ଟିକ୍ରାପଡା ଗ୍ରାମର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ପରେ ତାଙ୍କୁ ନିଜ ଘର ସୁଲେକେଲାକୁ ନେଇ ଆସିଥିଲେ ରାଜେଶ । ଝିଅ ନିଜ ଜାତିର ହୋଇଥିବାରୁ ପରିବାର ଲୋକେ ତାଙ୍କୁ ଆପଣାଇ ନେଇଥିଲେ । ଉଭୟ ପରିବାର ବନ୍ଧୁବାନ୍ଧବ ଓ ସାହି ପଡିଶାଙ୍କ ଉପସ୍ଥିତିରେ ସେମାନଙ୍କୁ ପୁଅବୋହୂର ମାନ୍ୟାତା ଦେଇଥିଲେ । ଝିଅ ଘର ପକ୍ଷରୁ ମଧ୍ୟ ସାଧମତେ ଯାନିଯୌତୁକ ଦିଆଯାଇଥିଲା । ବିବାହର କିଛିଦିନ ପରେ ଗତ ଜୁଲାଇ ମାସରେ ରାଜେଶ ନବବିବାହିତା ସ୍ତ୍ରୀଙ୍କୁ ନେଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ । ଗତ ଅଗଷ୍ଟ ୨୭ରେ ଝିଅ ତାଙ୍କ ବାପାଙ୍କୁ ଫୋନ କରି ସେ କେଉଁ ସ୍ଥାନରେ ଅଛନ୍ତି ଜାଣିପାରୁ ନ ଥିବା କହିଥିଲେ । ତାଙ୍କର ପ୍ରବଳ ମୁଣ୍ଡ ବିନ୍ଧୁଥିବା କହିଥିଲେ । ଫୋନ ପାଇବା ପରେ ମହିଳାଙ୍କ ବାପା ଜ୍ୱାଇଁ ରାଜେଶଙ୍କ ସହ ଯୋଗାଯୋଗ କରିଥିଲେ । ହେଲେ ସେ କୁଆଡେ ପଳାଇ ଯାଇଥିବା ରାଜେଶ ତାଙ୍କ ଶ୍ୱଶୁରଙ୍କୁ କହିଥିଲେ । ଅଗଷ୍ଟ ୨୮ତାରିଖରେ ମହିଳାଙ୍କୁ ଉଦ୍ଧାର କରିବା ପାଇଁ ବଲାଙ୍ଗୀର ଏସ୍‌ପିଙ୍କୁ ଅନୁରୋଧ କରିଥିଲେ । ତତ୍ପରତା ପ୍ରକାଶ କରି ବେଲପଡା ଥାନା ପୋଲିସ ରାଜେଶଙ୍କ ସ୍ତ୍ରୀର ମୋବାଇଲ କଲ ରେକର୍ଡ ଯାଞ୍ଚ କରି ରାଜସ୍ଥାନରେ ରହୁଥିବା ଜାଣିବାକୁ ପାଇଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବେଲପଡା ପୋଲିସର ଏକ ଟିମ ରାଜସ୍ଥାନ ରାଜ୍ୟ ବାରାନ ଜିଲା ମନଝେଲା ଗ୍ରାମର ଜଣଙ୍କ ଘରେ ରାଜେଶଙ୍କ ସ୍ତ୍ରୀ ରହୁଥିବା ଠାବ କରିଥିଲା । ରାଜସ୍ଥାନ ପୋଲିସ ସହାୟତାରେ ଚଢାଉ କରି ମହିଳାଙ୍କୁ ଉଦ୍ଧାର କରି ବେଲପଡା ଆଣିଥିଲେ । ସ୍ୱାମୀ ରାଜେଶ ତାଙ୍କୁ ୧ଲକ୍ଷ ଅଶୀ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଉଦ୍ଧାର ପରେ ଯୁବତୀ ଜଣକ କହିଥିଲେ । ଯୁବତୀଙ୍କ ବାପାଙ୍କ ଅଭିଯୋଗକ୍ରମେ ବେଲପଡା ଥାନାରେ ଏକ ମାମଲା (ନଂ.୨୨୬/୨୧)ରୁଜୁ କରି ପୋଲିସ ରାଜେଶଙ୍କୁ ଗିରଫ କରିଥିଲା । ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି ।

## ହାଇସ୍କୁଲ ପରିଦର୍ଶନ କଲେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ

**ଲୋଇସିଂହା,୨୩।୧୦(ଡି.ଏନ.ଏ.):** ରାଜ୍ୟ ସରକାର ହାଇସ୍କୁଲଗୁଡିକର ରୂପାନ୍ତରୀଣ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୬ଟି ହାଇସ୍କୁଲ ଯଥା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ, ବୁର୍ଡା, କୁଶଙ୍ଗ, ସରଗାଡ, ଝାରମୁଣ୍ଡା ଏବଂ ଉପରବାହାଲ ହାଇସ୍କୁଲ ସାମିଲ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ ଲୋଇସିଂହା, ବୁର୍ଡା ହାଇସ୍କୁଲ ଶନିବାର ପରିଦର୍ଶନ କରିଛନ୍ତି । ଏହି ଅବସରରେ ବିଡିଓ ରାମଚନ୍ଦ୍ର ଖାଡିଆ, ବିଇଓ ରୀନା କୁମାରୀ ବେହାର, ଯନ୍ତ୍ରୀ ରଜନୀକାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ଓ ସ୍କୁଲ ଷ୍ଟଫ ଉପସ୍ଥିତ ଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ସିଂ ସ୍କୁଲ ପରିସର ବୁଲି ଦେଖିବା ସହ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରିଥିଲେ । ପରେ ବୁର୍ଡା ହାଇସ୍କୁଲକୁ ଯାଇ ସେଠାକାର ଅଗ୍ରଗତିର ସ୍ଥିତି ପରଖିଥିଲେ ।






### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ତୁଳସୀ ଚରଣ ଦତ୍ତ**

ଆବିର୍ଭାବ - ୧୯୨୫, ତିରୋଧାନ - ୧୦.୧୦.୨୦୨୧

ପ୍ରତିଷ୍ଠାତା: **ତରୁଣ ଆୟୁର୍ବେଦିକ ଫାର୍ମାସୀ**

ତୁମେ ଅମର! ଜୀବନ ବ୍ୟାପି ତୁମର୍ ସେବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମ୍ଭମାନଙ୍କ ଆଦର୍ଶ । ତୁମ ଆତ୍ମାର୍ ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ୍ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାର୍ ବର୍ଗ







### ଅଜଗର ନେଲା ବନ ବିଭାଗ

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ କଟାପଲି ବ୍ରିଜ ପାଖରୁ ରବିବାର ସନ୍ଧ୍ୟାରେ ଏକ ଅଜଗର ଉଦ୍ଧାର ହୋଇଛି। ଉଦ୍ଧାର ଅଜଗରକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ସନ୍ତୋଷ ମାହାଣା ରାସ୍ତାରେ ଯାଉଥିବାବେଳେ ବ୍ରିଜ ନିକଟରେ ଉକ୍ତ ଅଜଗର ଯାଉଥିବା ଦେଖିବାକୁ ପାଇଥିଲେ। ଏ ନେଇ ବନ ବିଭାଗକୁ ସୂଚନା ଦେବା ପରେ ବିଭାଗୀୟ କର୍ମଚାରୀମାନେ ସେଠାରେ ପହଞ୍ଚି ଅଜଗରକୁ ନେଇଥିଲେ।

# ପ୍ରେମିକା ମଲେ, ପ୍ରେମିକ ଜେଲ୍ ଗଲେ

## ପ୍ରେମରେ ବିଫଳ ହେବା ପରେ

ପଦ୍ମପୁର,୨୩।୧୦(ଡି.ଏନ.ଏ)

ପ୍ରେମରେ ବିଫଳ ହେବା ପରେ ପ୍ରେମୀ ଯୁଗଳ ଆତ୍ମହତ୍ୟା ଉଦ୍ୟମ କଲେ। ଏଥିରେ ପ୍ରେମିକାଙ୍କ ମୃତ୍ୟୁ ହୋଇଗଲା। ମାତ୍ର ପ୍ରେମିକ କୌଣସି ମତେ ବଞ୍ଚିଯାଇ ଥାନାରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ବରଦାପାଲି ଅଞ୍ଚଳରେ। ପୋଲିସ ସୂଚନା ଅନୁସାରେ, ବରଦାପାଲି ଗ୍ରାମର ରାଜକୁମାର ମାଝୀ (୨୩) ଓ ସେହି ଅଞ୍ଚଳର ଜଣେ ନାବାଳିକା (୧୫ବର୍ଷ)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ବିବାହ ଲାଗି ଝିଅର ବୟସ ପ୍ରତିବନ୍ଧକ ହେବାରୁ ପ୍ରେମୀ ଯୁଗଳ ଗତ ୧୬ ତାରିଖରେ କୁଆଡେ ପଳାଇ ଯାଇଥିଲେ। ଏହାପରେ ଝିଅକୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଗତ ୨୧ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରେମୀ ଯୁଗଳ ଅନ୍ୟ ଉପାୟ ନ ପାଇ ଭୟରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ବରଦାପାଲି ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ ଏବଂ ସେଠାରେ ପ୍ରେମିକା ପ୍ରେମିକଙ୍କ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ସେହିପରି ପ୍ରେମିକ ନିଜର ସାର୍ଟକୁ ବେକରେ ବାନ୍ଧି ଗଛ ଡାଳରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସାର୍ଟ ଛିଣ୍ଡି ଯାଇଥିଲା। ଫଳରେ ପ୍ରେମିକ ତଳେ ପଡିଯାଇଥିଲେ। ପରେ ଆତ୍ମହତ୍ୟାରେ ଅସଫଳ ପ୍ରେମିକ ସିଧାସଳଖ ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ପୋଲିସ ଉକ୍ତ ପ୍ରେମିକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ବୁଡେନ ଥାନାରେ ଏକ ମାମଲା (ନଂ.୧୨୫/୨୧) ରୁଜୁ ହୋଇଥିବା ଥାନାଧିକାରୀ ହେମନ୍ତ ରାଓ କହିଛନ୍ତି। ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା କେମିଷ୍ଟ୍ରିକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ୯ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

## ରତାଖଣ୍ଡି ବୀରକିଶୋର ହତ୍ୟା ମାମଲା

ବାଉଁଶୁଣୀ,୨୩।୧୦(ଡି.ଏନ୍.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘିକୁଣ୍ଡିର ପୂର୍ବତନ ସରପଞ୍ଚ ଅଞ୍ଜଳି ପ୍ରଧାନଙ୍କ ସ୍ୱାମୀ ରତାଖଣ୍ଡି ଗ୍ରାମର ବୀରକିଶୋର ପ୍ରଧାନଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ରତାଖଣ୍ଡି ଗ୍ରାମର ସୀତାରାମ ଦନ୍ତ (୪୬)ଙ୍କୁ ମନମୁଣ୍ଡା ପୋଲିସ ଦୀର୍ଘ ୯ ବର୍ଷ ପରେ ଶନିବାର ଗିରଫ କରିଛି। ପ୍ରକାଶଥାଉ କି, କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତରେ ପିଡିଏସ ସାମଗ୍ରୀ ବଣ୍ଟନକୁ ନେଇ ଗତ ୧୬।୯।୨୦୧୨ରେ ଗଣ୍ଡଗୋଳ ହୋଇଥିଲା। ସେତେବେଳେ ସରପଞ୍ଚ ଥିବା ଅଞ୍ଜଳି ପ୍ରଧାନଙ୍କ ସ୍ୱାମୀ ବୀରକିଶୋର ପ୍ରଧାନ ତାହା ସମାଧାନ କରିବାକୁ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ନେଇ ୧୫ ଜଣଙ୍କ ବିରୋଧରେ ମନମୁଣ୍ଡା ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ ୧୧୦/୧୨) ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଥିଲା । ପୋଲିସ ବିଭିନ୍ନ ସମୟରେ ଉକ୍ତ ମାମଲାରେ ଜଡିତ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ଏହି ମାମଲାରେ ଆଉ ୩ ଜଣ ମୁଖ୍ୟ ଅଭିଯୁକ୍ତ ତୁଣ୍ଡୁମାଳର ଜଣେ, ରତାଖଣ୍ଡିର ସୀତାରାମ ଦନ୍ତ ଓ ଅନ୍ୟ ଜଣେ ଫେରାର ଥିଲେ। ଏହି ୩ ଅଭିଯୁକ୍ତଙ୍କ ମଧ୍ୟରୁ ମାଷ୍ଟର ମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୀତାରାମ ଶନିବାର ମନମୁଣ୍ଡାରୁ ରତାଖଣ୍ଡି ମଧ୍ୟରେ ବୁଲୁଥିବା ମନମୁଣ୍ଡା ଥାନା ଆଇଆଇସି ଗୋପୀନାଥ ପ୍ରଧାନ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ଆଇଆଇସି ପ୍ରଧାନ କେତୋଟି ଟିମ୍ କରି ଉକ୍ତ ଅଞ୍ଚଳରେ ସକାଳୁ ପାଟ୍ରୋଲିଂକୁ କଡାକଡି କରି ଦେଇଥିଲେ। ସକାଳ ପ୍ରାୟ ୮ ଟା ସମୟରେ ଅଭିଯୁକ୍ତ ମନମୁଣ୍ଡା–ଖୁଣ୍ଟିଗୋରା ରାଜ୍ୟପଥ ୪୧ ଦେଇ ଯାଉଥିବା ବେଳେ ପୋଲିସକୁ ଦେଖି ପଳାଇଯିବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସ ଟିମ୍ ରତାଖଣ୍ଡି ଛକରେ ସୀତାରାମଙ୍କୁ କାବୁ କରିଥିଲେ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଥିବା ଆଇଆଇସି ପ୍ରଧାନ ପ୍ରକାଶ କରିଛନ୍ତି।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ତୁଳସୀ ଚରଣ ଦତ୍ତ**

ଆବିର୍ଭାବ - ୧୯୨୫, ତିରୋଧାନ - ୧୦.୧୦.୨୦୨୧

ପ୍ରତିଷ୍ଠାତା: **ତରୁଣ ଆୟୁର୍ବେଦିକ ଫାର୍ମାସୀ**

ତୁମେ ଅମର! ଜୀବନ ବ୍ୟାପି ତୁମର୍ ସେବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମ୍ଭମାନଙ୍କ ଆଦର୍ଶ। ତୁମ ଆତ୍ମାର୍ ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାର୍ ବର୍ଗ









ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଅକ୍ଟୋବର, ୨୦୨୧



## ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତିସରା ରେଲୱେ ଲାଇନ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୩ରୁ ୪ଟା ମଧରେ ଜନୈକ ଯୁବକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଗୁଡଭେଲା ବ୍ଲକ ବୁରୋମାଲ ଗାଁର ଦିଲୀପ ମହାନନ୍ଦ(୩୫)। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ରବିବାର ସକାଳେ ଜିଆରପି ଆସିବା ପରେ ମୃତଦେହକୁ ବଲାଙ୍ଗୀର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜନୈକ ରେଳ କର୍ମଚାରୀ କହିଛନ୍ତି। ମୃତକ ଜଣେ ଶିକ୍ଷକ ବୋଲି କୁହାଯାଉଛି।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୨୩।୧୦: ବରଗଡ଼ ଜିଲା ସୋହେଲା ଥାନା ଚିଚିଣ୍ଡା ଗ୍ରାମର ମହିଳା ପୁଷ୍ପାଞ୍ଜଳି ନାଏକ(୫୦)ଙ୍କୁ ହତ୍ୟା ଅଭିଯୋଗରେ ଶନିବାର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁନ୍ଦାଲୁ ଓରଫ ସର୍ଜନ ବରିହା। ତାଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଦାଆ, ଠେଙ୍ଗା ଜବତ ହୋଇଛି। ପୂର୍ବ ଶତ୍ରୁତାରୁ ସେ ପୁଷ୍ପାଞ୍ଜଳିଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା(୧୯୭/୨୧) ରୁଜୁ ହୋଇଛି । ପ୍ରକାଶ ଯେ, ଗତ ୧୦ବର୍ଷ ହେଲା ପୁଷ୍ପାଞ୍ଜଳି ଏକାକୀ ଚିଚିଣ୍ଡା ଗ୍ରାମରେ ରହୁଥିଲେ। ତାଙ୍କ ସ୍ୱାମୀ ସୁରୁ ବାବୁ ବିଜେପୁର ଥାନା ବରମୁଣ୍ଡା ଏବଂ ପୁଅ ଗ୍ରୀଣ୍ଡୋଲା ଗ୍ରାମରେ ରହୁଥିଲେ। ଗତ ୨୧ତାରିଖ ରାତ୍ରିରେ ମହିଳାଙ୍କ ମୃତଦେହ ତାଙ୍କ ଘର ପରିସରରେ ପଡ଼ିଥିଲା। ଖବର ପାଇ ମୃତା ମହିଳାଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ସୋହେଲା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବାଲି ବୋଝେଇ ଟ୍ରାକ୍ଟର ଜବତ




ଅତାବିରା,୨୩।୧୦(ଡି.ଏନ.ଏ): ବରଗଡ଼ ଜିଲା ଅତାବିରାରେ ବାଲି ଚୋରାଚାଲାଣ ବେଳେ ରବିବାର ଏକ ଟ୍ରାକ୍ଟର (ନଂ.ଓଡ଼ି୧୭ଟି/୪୧୨୪) ଧରାପଡ଼ିଛି। ସ୍ଥାନୀୟ ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଏହି ଟ୍ରାକ୍ଟରକୁ ଧରିଥିବାବେଳେ ଟ୍ରାକ୍ଟର ମାଲିକଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅତାବିରା ତହସିଲ ଅନ୍ତର୍ଗତ ବିଭିନ୍ନ ନଈନାଳରୁ ବାଲି ଚୋରାଚାଲାଣ ହେଉଥିବାବେଳେ ସରକାରଙ୍କ ବ୍ୟାପକ ରାଜସ୍ୱହାନି ଘଟୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

### ଫୁଟ୍‌ବଲ: ଫାଇନାଲରେ ସୋନପୁର

ବରପାଲି,୨୩।୧୦(ଡି.ଏନ,ଏ): ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡ଼ିଆରେ ଚାଲିଥିବା ସୁବଳ ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମି ଫାଇନାଲରେ ସୋନପୁର ପ୍ରତିପକ୍ଷ ବରପାଲିକୁ ୩-୧ ଗୋଲରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ଉକ୍ତ ମ୍ୟାଚ୍‌ରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ନୀତିଶ ଆଚାର୍ଯ୍ୟ, ବାବୁଲୁ ଦେବତା, ପବିତ୍ର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ବରଗଡ଼ ଓ ସୋନପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

### ଜୈନ ଧର୍ମଗୁରୁ ମୁନିଶ୍ରୀ ଦିନେଶ କୁମାରଙ୍କ ଚତୁଃମାସ୍ୟା ପର୍ବ ପାଳିତ

କେସିଙ୍ଗା,୨୩।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ତେରାପନ୍ଥ ଭବନଠାରେ ଚତୁଃମାସ୍ୟା ପର୍ବ ପାଳିତ ହେଉଛି । ଏହି ପର୍ବ ଅବସରରେ ଜୈନ ଧର୍ମଗୁରୁ ମୁନିଶ୍ରୀ ଦିନେଶ କୁମାରଙ୍କର ଶିଷ୍ୟ ପରମାନନ୍ଦଜୀ,କୁନାଲ କୁମାରଜୀ ମିଳିତ ଭାବେ ଭାରତର ବିଭିନ୍ନ କୋଣ ଅନୁକୋଣ ୫୦ହଜାର କିଲୋମିଟର ପାଦରେ ଚାଲି ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ମୁନିଶ୍ରୀ ଦିନେଶ କୁମାର ଗତ ଜୁଲାଇ ୧୮ ତାରିଖରୁ ରାୟପୁରଠାରୁ ପାଦରେ ଚାଲି ଚାଲି କେସିଙ୍ଗାରେ ପହଞ୍ଚି ଏହି ଚତୁଃମାସ୍ୟା ପର୍ବ ପାଳନ କରୁଛନ୍ତି । ଆସନ୍ତା ନଭେମ୍ବର ୧୯ ତାରିଖରେ କେସିଙ୍ଗାରୁ ଭୁବନେଶ୍ୱରକୁ ପଦଯାତ୍ରା କରିବାର କାର୍ଯ୍ୟକ୍ରମ ରଖିଛନ୍ତି । ଏହି ଚତୁଃମାସ୍ୟା ପରିଭ୍ରମଣ ସମୟରେ ଲୋକଙ୍କୁ ନିଶା ନିବାରଣ,ସ୍ୱଚ୍ଛ ଭାରତକୁ ଧ୍ୟାନ ଦେବା, ଶାନ୍ତିରେ ଜୀବନ ବିତାଇବା, ଶିଶୁଙ୍କୁ ଠିକ ଭାବରେ ସଂସ୍କାର ଶିଖେଇବା, ସକାଳୁ ଉଠି ଭଗବାନଙ୍କୁ ସ୍ମରଣ କରିବା, ଗୁରୁ ଭକ୍ତି କରିବା,ଜୀବ ପ୍ରତି ଦୟା କରିବା,ଭଗବାନଙ୍କ ନୀତି ବାଣୀ ଶୁଣିବା,ସାଧୁସନ୍ଥମାନଙ୍କ ବାଣୀକୁ ପ୍ରଚାର କରିବା , ଜୀବ ପ୍ରତି ଘୃଣା ନ କରିବା ଉପରେ ଲୋକଙ୍କୁ ସଚେତନ କରୁଛନ୍ତି । ଭାରତବର୍ଷରେ ଦିନକୁ ଦିନ ହିଂସା, ଅହଂକାର ବଢି ଚାଲିଥିବାରୁ କଳିଯୁଗରେ ମଣିଷ ମୁକ୍ତି ପାଇବାକୁ ହେଲେ ଭାଗବତ ଚିନ୍ତନ କରିବା ମୁଖ୍ୟ ବୋଲି ମୁନିଶ୍ରୀ ଏକ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ବିନା ଭକ୍ତରେ ମନ୍ଦିର ବାହୁଡ଼ିଲେ ବୁଢ଼ାରଜା

କୋକସରା,୨୩।୧୦(ଡି.ଏନ.ଏ.)

ଶନିବାର କଳାହାଣ୍ଡି ଜିଲାର ଶେଷ ଦଶ୍ରା ଭାବେ ପାଳନ ହେଉଥିବା କୋକସରା ବ୍ଲକ ଆମପାଣି ଠାରେ ବୁଢ଼ାରଜାଙ୍କ ବାର୍ଷିକ ଦଶ୍ରା କୋଭିଡ କଟକଣା ଯୋଗୁ ଚଳିତବର୍ଷ ବିନା ଭକ୍ତରେ ପାଳନ ହୋଇଛି। କଳାହାଣ୍ଡି ଓ ନବରଙ୍ଗପୁର ସୀମନ୍ତ ଆମପାଣି ଘାଟି ତଳେ କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଛନ୍ତି ଆଦିବାସୀଙ୍କ ଆରାଧ୍ୟ ଦେବତା ବୁଢ଼ାରଜା। ବିଗତ ବର୍ଷରେ ଦଶ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ବିଗତ ଦୁଇ ବର୍ଷ ହେବ କୋଭିଡ କଟକଣା ଯୋଗୁ ବିନା ଭକ୍ତରେ ବିଧିରକ୍ଷା ପାଇଁ ପାଳନ ହେଉଛି ବୁଢ଼ାରଜାଙ୍କ ବାର୍ଷିକ ଦଶରା। ଚଳିତବର୍ଷ ଜିଲା ପ୍ରଶାସନ ପକ୍ଷରୁ ଶନିବାର ସକାଳ ୬ଟାରୁ ରବିବାର ଦିନ ୧୨ ପର୍ଯ୍ୟନ୍ତ ୧୪୪ ଧାରା ଜାରି ହୋଇଛି। ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାରଙ୍କ ନେତୃତ୍ୱରେ ପୋଲିସ ସହ ଆଇଆରବି ଯବାନ ମୁତୟନ ରହିଥିଲେ। ଅପରାହ୍ନ ଗୋଟାଏ ସମୟରେ ବୁଢ଼ାରଜାଙ୍କ ଲାଠିଯାତ୍ରା ମୁଖ୍ୟ ପୂଝାରିଙ୍କ ଘରୁ ବାହାରି ମନ୍ଦିର ଅଭିମୁଖେ ଯାଇଥିଲା। ଲାଠିଯାତ୍ରାକୁ ଶ୍ରଦ୍ଧାଳୁମାନେ ରାସ୍ତା କଡରେ ଭୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ ଲାଠିଯାତ୍ରା ପହଞ୍ଚିବା ପରେ ସେଠାରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଲାଖମରା ଅନୁଷ୍ଠିତ ହୋଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝୀ, ଋତୁରାଜ ମାଝୀ, କୁମୁଦ ପୂଝାରୀ, ସୁରେଶ ଚନ୍ଦ୍ର ସାହୁ, ତ୍ରିନାଥ ପ୍ରସନ୍ନ ରାୟ, ଜିତେନ୍ଦ୍ର ପଣ୍ଡା, ବିନୋଦ ବିହାରୀ ସିଂ, ବିଘ୍ନେଶ୍ୱର ନାଏକ, ରହସ୍ୟ ନାଏକ, ଦୟାନିଧି ନାଏକ, ପ୍ରଶାନ୍ତ ମୁନି, ଅଜୟ ପଣ୍ଡା ପ୍ରମୁଖ ବୁଢ଼ାରଜା ଦଶରା ପରିଚାଳନାରେ ସହଯୋଗ କରିଥିଲେ। ବୁଢ଼ାରଜା ମନ୍ଦିରର ମୁଖ୍ୟ ପୂଝାରି ଫକୀର ମୋହନ ପୂଝାରିଙ୍କ ସମେତ ପ୍ରମୋଦ ପୂଝାରି, ଦୋଳଗୋବିନ୍ଦ ପୂଝାରୀ, କିଶନ ପୂଝାରି ପ୍ରମୁଖ ବୁଢ଼ାରଜା ପୂଜାର୍ଚ୍ଚନା କରିଥିଲେ।



ବୁଢ଼ାରାଜା।



ମୁଖ୍ୟ ପୂଜାରୀଙ୍କ ଘରୁ ବାହାରିଥିବା ଲାଠିଯାତ୍ରା।

## ଜିଲା କୃଷି ଅଧିକାରୀଙ୍କୁ ଫେରାଦ ହେଲେ ଚାଷୀ

ଲୋଇସିଂହା,୨୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ଦାୟିତ୍ୱରେ ଥିବା କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ) ତାଙ୍କ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତ ଅଧୀନ ଚାଷୀମାନେ ଜିଲା କୃଷି ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ସୁଧାଂଶୁ ଜାଲ ଭିଏଡବ୍ଲ୍ୟୁ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରୁଛନ୍ତି। ହେଲେ ସେ ପଞ୍ଚାୟତ ଅଧୀନ ଗ୍ରାମ ପରିଦର୍ଶନ କରୁନାହାନ୍ତି। ଫଳରେ ଚାଷୀମାନେ କୃଷି ସମ୍ବନ୍ଧୀୟ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି। କୌଣସି କୃଷି ତାଲିମ ଶିବିର ଆୟୋଜନ କରାଯାଉନାହିଁ। ଏବେ ସରକାରଙ୍କ ତରଫରୁ କୃଷକ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଚାଷୀଙ୍କ ଡାଟାବେସ ସଂଗ୍ରହ କରାଯାଉଥିଲେ ସୁଦ୍ଧା ଭିଏଡବ୍ଲ୍ୟୁ ଅନୁପସ୍ଥିତ ରହିବା ଚାଷୀଙ୍କୁ ହତାଶା ମଧ୍ୟକୁ ଟାଣି ନେଇଛି ବୋଲି ସୁଧାଂଶୁ ସାହୁ, ଶାନ୍ତନୁ ପଧାନ, ଋଷଭ ବଡକା, ଲକ୍ଷ୍ମଣ ବାଗ, ଅଶ୍ୱିନୀ ବୁଧିଆ, ନନ୍ଦଲାଲ ପଧାନ ପ୍ରମୁଖ ଶତାଧିକ ଚାଷୀଙ୍କ ହସ୍ତାକ୍ଷର ଅଭିଯୋଗ ପତ୍ରରେ ରହିଛି। ସ୍ଥାନୀୟ ସରପଞ୍ଚ ଓ ବ୍ଲକ କୃଷି ଅଧିକାରୀଙ୍କୁ ମଧ୍ୟ ଏକକିତା ନକଲ ଚାଷୀମାନେ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଭିଏଡବ୍ଲ୍ୟୁ ସୁଧାଂଶୁ ଜାଲଙ୍କୁ ତାଙ୍କ ମୋବାଇଲ ନଂ ୮୦୧୮୧୧୩୫୯୯ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ କଲ ରିସିଭ କରୁ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଚାଷୀମାନେ ଲିଖିତଭାବେ ଅଭିଯୋଗ କରିଥିବା କହିଛନ୍ତି।

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ଖପ୍ରାଖୋଲ/ଲାଠୋର, ୨୩।୧୦(ଡି.ଏନ.ଏ.)

- ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା ଜୀବନ
- ବିଦ୍ୟୁତ୍ ତାର ବିଛାଇଥିବା ଶିକାରୀମାନେ ପ୍ରମାଣ ଲୁଚାଇବାକୁ ମୃତଦେହ ପୋତି ଦେଇଥିଲେ
- ୫ ଶିକାରୀ ଗିରଫ

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଘୁଚାପାଲି ଗାଁର ବସନ୍ତ ରଣା(୨୨) ଗତ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ରାଧାମୋହନ ରଣା ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ନିଖୋଜ ଯୁବକ ବାଗଡିଆଗାଁକୁ ଯାଇଥିବା ଜାଣିବାକୁ ପାଇଥିଲା। ସେଠାରେ ପୋଲିସ ପଚରାଉଚରା ପରେ ଲୋକେ ବସନ୍ତ ସେଠାକୁ ଯାଇଥିବା ଜଣା ପଡିଥିଲା। କୌଣସି କାରଣକୁ ନେଇ ସେହି ଗାଁରେ ତାଙ୍କ ସହ କେତେଜଣଙ୍କ ପାଟିତୁଣ୍ଡ ପରେ ଭୟରେ ସେ ଜଙ୍ଗଲ ଆଡେ ପଳାଇଥବା ଜଣା ପଡିଥିଲା। ଏହି ସମୟରେ ସେହି ଜଙ୍ଗଲରେ ବାର୍‌ହା ଓ ଅନ୍ୟ ଯନ୍ତୁ ଶିକାର କରୁଥିବା କେତେଜଣ ଶିକାରୀଙ୍କୁ ଡାକି ପୋଲିସ ପଚରାଉଚରା କରିଥିଲା। ଏଥିରୁ ବାହାରି ଥିଲା ସତ। ମୃତ ଯୁବକ ଜଣକ ବାର୍‌ହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ୍ ତାର ଫାସରେ ଲାଗି ଯିବାରୁ ମୃତ୍ୟୁ ହୋଇଥିଲା। ଶିକାରୀମାନେ ଘଟଣାକୁ ଲୁଚାଇବାକୁ ଯାଇ ମୃତଦେହକୁ ଘଟଣାସ୍ଥଳରୁ ପ୍ରାୟ ୨ କିମି ଦୂରକୁ ନେଇ ପୋତି ଦେଇଥିବା ପୋଲିସ୍ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲା । ଲାଠୋର ଥାନା ସୁଲିଆବାହାଲ ଗାଁ ଜଙ୍ଗଲରେ ପୋତା ଯାଇଥିବା ନିଖୋଜ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଏହି ଘଟଣାରେ ସୁଲିଆବାହାଲ ଗାଁର ୫ ଜଣ ଶିକାରୀ ବୈଷ୍ଣବ ଛତର(୨୨), ମର୍ଦ୍ଦରାଜ ପୁଟା(୫୨), କମଲୁ ଧରୁଆ(୬୦), ବିକଳ ଛତର(୪୫), କେଶବ ବିଶ୍ୱାଳ(୪୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ଲାଠୋର ଥାନାରେ ଦଫା ୩୦୪, ୨୦୧ ଏବଂ ୩୪ରେ ଏକ ମାମଲା(୧୪୪/୨୧) ରୁଜୁ ହୋଇଥିବା ଲାଠୋର ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ଲକସ୍ତରୀୟ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ




ବ୍ଲକ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।

ନୂଆପଡା ଅଫିସ,୨୩।୧୦

ନୂଆପଡା ଜିଲା କୋମନା ବ୍ଲକ କଂଗ୍ରେସ କମିଟି ସଭାପତି କୈଳାସ ବାଗଙ୍କ ନେତୃତ୍ୱରେ ଏକ କାର୍ଯ୍ୟକାରିଣୀ ବୈଠକ କୋମନା ରାଜୀବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନୂତନ ମନୋନୀତ ପଞ୍ଚାୟତ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ ସହ ଗୁରୁମନ୍ତ୍ର ଦେଇଥିଲେ । କଂଗ୍ରେସ ବିଚାରଧାରାରେ ଅନୁପ୍ରାଣିତ ହୋଇ ୧୫ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗଦାନ କରିଥିଲେ। ଏହି ବୈଠକରେ ପିସିସି ସଦସ୍ୟ ମୋତି ରାୱାଲ, ଜିଲା ଯୁବ କଂଗ୍ରେସ ଉପସଭାପତି ନୀଳାଚଳ ମହାନନ୍ଦ, ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ଜୋନ-୨ ସଭାପତି ଇଶାକ ମହମ୍ମଦ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଜୟଦେବ ମାଝି, ବ୍ଲକ ଯୁବ ସଭାପତି ନରେନ୍ଦ୍ର ନାଗ, କ୍ଷେତ୍ରମୋହନ ମାଝି, ଲିପୁ ବେହେରା, ଗୁରୁମାଝିପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ, ଶିକ୍ଷକ ନିଲମ୍ବିତ

### ସ୍କୁଲ ପରିଦର୍ଶନ କଲେ ଜିଲାପାଳ

ଲାଠୋର, ୨୩।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲାପାଳ ଚଞ୍ଚଲ ରାଣା ଶୁକ୍ରବାର ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ବେନ୍ଦେର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ସେ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ। ବେନ୍ଦେର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ବେଳେ ସେଠାରେ ମଧ ଅବ୍ୟବସ୍ଥା ଦେଖି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଟାମ୍ବରି ବିଶ୍ୱାଳଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ପୁରୋହିତ କହିଛନ୍ତି। ପରିଦର୍ଶନ ସମୟରେ ଉପସ୍ଥିତ ଜନସାଧାରଣ ଜଣେ ଶିକ୍ଷକ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା କହିଥିଲେ। ପରେ ଛାତ୍ରୀଛାତ୍ରମାନେ ସମାନ କଥା ଦୋହରାଇ ଥିଲେ। ଉଭୟଙ୍କ କଥାକୁ ଭିତ୍ତି କରି ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟରେ ନ ପହଞ୍ଚିଲେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ପୃକ୍ତ ଶିକ୍ଷକ ଶନିବାର ମଧ୍ୟାହ୍ନ ୧୨ଟା ବେଳେ ବିଦ୍ୟାଳୟରେ ପହଞ୍ଚି ଥିବା ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କଠାରୁ ସୂଚନା ମିଳିଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ପଚାରିବାରୁ ଆଜି ଛୁଟି ଅଛି। ଠିକ୍ ସମୟରେ ଆପଣମାନଙ୍କୁ ନିଲମ୍ବନ ଚିଠି ସଂଖ୍ୟା ମିଳିଯିବ କହି ଫୋନ କାଟି ଦେଇଥିଲେ।

# ଯୁବ ରେଡ୍‌କ୍ରସ୍ ତାଲିମ ଶିବିର




ଶିବିରାର୍ଥୀଙ୍କ ସହ ଅତିଥି ଓ ରେଡକ୍ରସ କାଉନସଲେମାନେ।

ଲୋଇସିଂହା,୨୩।୧୦(ଡି.ଏନ.ଏ)

ଓଡିଶା ଯୁଥ ରେଡକ୍ରସ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଚାଲିଥିବା ତ୍ରିଦିବସୀୟ ଯୁବ ରେଡକ୍ରସ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସ ସଭାରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଧର୍ମସିଂ ମିଶ୍ର ମୁଖ୍ୟ ଅତିଥି, ଅଗ୍ନିଶମ ଅଧିକାରୀ ପଞ୍ଚାନନ ବେହେରା, ରେଡକ୍ରସ ଜିଲା ସଂଯୋଜକ ଦୈତ୍ୟାରୀ ପୂଜାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଦିବସର ତାଲିମ କାର୍ଯ୍ୟକ୍ରମରେ ଲୋଇସିଂହା ଥାନା ଏସଆଇ ନବୀନ ଭୋଇ, ଏଏସଆଇ ବଳରାମ କଣ୍ଡା ଯୋଗଦେଇ ସଡକ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ଶିବିରାର୍ଥୀଙ୍କୁ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରାମାଣିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିଜୁ ମହିଳା ଜନତା ଦଳର ଶ୍ରମଦାନ ଶିବିର

ଖଡିଆଳ,୨୩।୧୦(ଡି.ଏନ.ଏ.)

ରାଜ୍ୟରେ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ଏକ ତାରିଖ ପର୍ଯ୍ୟନ୍ତ ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ହେଉଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଗ୍ରାମର ପ୍ରାଥମିକ ବିଦ୍ୟାଳୟଠାରେ ନୂଆପଡା ଜିଲା ମହିଳା ଜନତା ଦଳ ପକ୍ଷରୁ ଶନିବାର ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜୁ ମହିଳା ଦଳର ସଭାନେତ୍ରୀ ସରସ୍ୱତୀ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ସମ୍ପାଦକ ଦିନେଶ ପ୍ରସାଦ ତିୱାରି, ସମ୍ମାନିତ ଅତିଥି ଭାବେ ଭୂମିସୂତା ଦଳପତି, ବିଜୟ ଲକ୍ଷ୍ମୀ ପାତ୍ର, ସବିତା କୁମ୍ଭାର, ବାସନ୍ତି କଟା, ଅନୀତା ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ତୋଷ କୁମାର ବିଶି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନୂଆପଡା ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରାଯାଉଛି।



ରାସ୍ତା ସଫା କରାଯାଉଛି।

## ସଂସ୍କାର ଭାରତୀର ବାର୍ଷିକ ସାଧାରଣ ସଭା

ରୁପ୍ରାରୋଡ଼,୨୩।୧୦

କଳା ଓ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟରତ ଅଖିଳ ଭାରତୀୟ ସଂଗଠନ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ବାର୍ଷିକ ସାଧାରଣ ସଭା କଳାହାଣ୍ଡି ଜିଲାର ରୁପ୍ରାରୋଡସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଆରମ୍ଭ ହୋଇଛି। ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ଦୁଇଦିନିଆ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ପୂର୍ବ ପ୍ରାନ୍ତ ସଂସ୍କାର ଭାରତୀ ସଭାପତି ଶାନ୍ତନୁ କୁମାର ରଥ, ମାର୍ଗ ଦର୍ଶକ ବାଞ୍ଛାନିଧି ପଟ୍ଟନାୟକ, ପଶ୍ଚିମ ପ୍ରାନ୍ତ ସାଧାରଣ ସମ୍ପାଦକ ହରେକୃଷ୍ଣ ଭୋଇ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ଉତ୍କଳ ପଶ୍ଚିମ ପ୍ରାନ୍ତର ସେବା ପ୍ରମୁଖ ଦୀପକ ରାଉତ ଅତିଥି ଭାବେ ଯୋଗ ଦେଇ ସଂଗଠନର ଆଗାମୀ ରୂପରେଖ, ଚିନ୍ତାଧାରା ଉପରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ବିଭିନ୍ନ ପ୍ରାନ୍ତରୁ ସଂସ୍କାର ଭାରତୀ କର୍ମକର୍ତ୍ତା ସହ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା ଓ ବୌଦ୍ଧ ଜିଲାରୁ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ପ୍ରଥମ ଦିବସର ସନ୍ଧ୍ୟା ଅଧିବେଶନରେ ସଂସ୍କାର ଭାରତୀ କଳାକାରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗ୍ରାମସ୍ତରୀୟ ଜଳଜୀବନ କମିଟି ଗଠନ

ନୂଆପଡା ଅଫିସ,୨୩।୧୦

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତର ବାବୁପାଲି ଓ ଶୁକ୍ଲିମୁଣ୍ଡି ଗାଁରେ ନୂତନ ଜଳଜୀବନ କମିଟି ଗଠନ ହୋଇଯାଇଛି। ଏଥିରେ ୟାର ଅନୁଷ୍ଠାନର ଜିଲା ସଂଯୋଜକ ଅରୁଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ୟାର ଅନୁଷ୍ଠାନର ସମ୍ପାଦକ ହରିଦାସ ପଟେଲ ଯୋଗ ଦେଇ ଜଳଜୀବନ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଗ୍ରାମଦ୍ୱୟକୁ ଉପସ୍ଥାପନ କରିଥିଲେ। ଦୁଇଟି ଗ୍ରାମରେ ନୂତନ ଜଳ ଜୀବନ କମିଟି ଗଠନ କରା ଯାଇଥିଲା। ଏଥିରେ ପ୍ରସନ୍ନ ସୁନାନୀ ବାବୁପାଲି ଓ ଲତା ପଣ୍ଡା ଶୁକ୍ଲିମୁଣ୍ଡିଙ୍କୁ ସଭାପତି ରୂପେ ମନୋନୀତ କରାଯାଇଥିଲା। ସମ୍ପାଦକ, କୋଷାଧକ୍ଷ ଓ ଅନ୍ୟାନ୍ୟ ସଦସ୍ୟ, ସଦସ୍ୟା ମନୋନିତ କରାଯାଇଛି। ଏହି କମିଟିରେ ସର୍ବ ମୋଟ ୧୫ ଜଣ ସଦସ୍ୟଙ୍କୁ ନେଇ ଗଠନ କରାଯାଇଛି। କାର୍ଯ୍ୟକ୍ଷମ ଘରକୁ ଟ୍ୟାପ ସଂଯୋଗ ସହିତ ସମସ୍ତ ଘରକୁ ପାନୀୟ ଜଳ ଯୋଗଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଦ୍ୱାରା ଏଭଳି ସୁବିଧା ଯୋଗାଇ ଦିଆଯାଉଛି ଓ ନିର୍ଦ୍ଦେଶାବଳୀ ଅନୁଯାୟୀ, ସେହି ଖର୍ଚ୍ଚର ଏକ ଅଂଶ ଗୋଷ୍ଠୀ ଦ୍ୱାରା ବହନ କରିବା ଆବଶ୍ୟକ । ଅଧିକାଂଶ ପରିବାର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ସମ୍ବଳରୁ ଏହି ପରିମାଣର ଯୋଗଦାନ କରିବା କଷ୍ଟକର। ତେଣୁ ଆମେ ସିଏଫସି/ଏସଏଫସି ଅନୁଦାନ ଦେବାକୁ ସ୍ଥିର କରିଛୁ । ଅଳ୍ପ କିଛି ଘର ଉପଭୋକ୍ତା ଦେୟ ପ୍ରଦାନ କରୁନାହାନ୍ତି। ଯାହା ଅନ୍ୟମାନଙ୍କୁ ଅଣ ଉତ୍ସାହିତ କରୁଛି। ତେଣୁ ଆମେ ସମସ୍ତେ ସାଧାରଣ ପରିଷଦ ସଦସ୍ୟଙ୍କ ଦ୍ୱାରା ନିଷ୍ପତି ହୋଇଥିବା ଉପଭୋକ୍ତା ଦେୟ ପ୍ରଦାନ କରିବାକୁ ନିଶ୍ଚିତ କରିବାକୁ ପ୍ରତିଶୃତି ନେଇଥିଲେ । ପ୍ରତ୍ୟେକ ଘରେ ବ୍ୟକ୍ତିଗତ ସଂଯୋଗ ସହିତ ଅଧିକ ଜଳ ବ୍ୟବହାର କରିବେ ଓ ଜନସଂଖ୍ୟା ବୃଦ୍ଧି ସହିତ ଜଳ ଉତ୍ସ ଉପରେ ଚାପ ପକାଇବ। ତେଣୁ ଆମେ ଜଳ ନଷ୍ଟ ନ କରିବା ପାଇଁ ସମସ୍ତ ସମ୍ଭାବ୍ୟ ଉପାୟରେ ସାମୂହିକ ଦ୍ୱାରା ଜଳ ସଂରକ୍ଷଣ କରିବା ଏହି କମିଟିର ଦାୟିତ୍ୱ।



ଜଳ ଜୀବନ କମିଟି ଗଠନ ସମୟରେ ଉପସ୍ଥିତ ଗ୍ରାମବାସୀ ।

## ୧୦ଦଫା ଦାବି, ରାଜ୍ୟ ଚାଳକ ମହାସଂଘର ପଦଯାତ୍ରା

ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ଗ୍ରାମର ଚରଦେଇ ଏବଂ ଜଗନ୍ନାଥ ମନ୍ଦିରରୁ ନବୀନ ନିବାସ ଅଭିମୁଖେ ଜିଲା ଡ୍ରାଇଭର ମହାସଂଘର ୨୦ଜଣ ସଦସ୍ୟ ଶୁକ୍ରବାରଠାରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ସେପ୍ଟେମ୍ବର ୧ତାରିଖରେ ରାଜ୍ୟ ଡ୍ରାଇଭର ମହାସଂଘ କର୍ମକର୍ତ୍ତାମାନେ ୧୦ଦଫା ଦାବି ନେଇ ବିଭିନ୍ନ ଜିଲାର ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଦାବିପତ୍ର ପ୍ରଦାନର ୫୦ରୁ ଉର୍ଦ୍ଧ୍ୱ ଦିନ ବିତି ସାରିଥିଲେ ହେଁ ଉକ୍ତ ଦାବିରୁ ଗୋଟିଏ ମଧ ସରକାର ପୂରଣ କରିନାହାନ୍ତି। ଏହାର ପ୍ରତିବାଦରେ ଡ୍ରାଇଭର ସଂଘ ତରଫରୁ ନବୀନ ନିବାସ ଆଭିମୁଖ୍ୟେ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି ।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୨୩।୧୦: ବରଗଡ଼ ଜିଲା ସୋହେଲା ଥାନା ଚିଚିଣ୍ଡା ଗ୍ରାମର ମହିଳା ପୁଷ୍ପାଞ୍ଜଳି ନାଏକ(୫୦)ଙ୍କୁ ହତ୍ୟା ଅଭିଯୋଗରେ ଶନିବାର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁନ୍ଦାଲୁ ଓରଫ ସର୍ଜନ ବରିହା। ତାଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଦାଆ, ଠେଙ୍ଗା ଜବତ ହୋଇଛି। ପୂର୍ବ ଶତ୍ରୁତାରୁ ସେ ପୁଷ୍ପାଞ୍ଜଳିଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା(୧୯୭/୨୧) ରୁଜୁ ହୋଇଛି । ପ୍ରକାଶ ଯେ, ଗତ ୧୦ବର୍ଷ ହେଲା ପୁଷ୍ପାଞ୍ଜଳି ଏକାକୀ ଚିଚିଣ୍ଡା ଗ୍ରାମରେ ରହୁଥିଲେ। ତାଙ୍କ ସ୍ୱାମୀ ସୁରୁ ବାବୁ ବିଜେପୁର ଥାନା ବରମୁଣ୍ଡା ଏବଂ ପୁଅ ଗ୍ରୀଣ୍ଡୋଲା ଗ୍ରାମରେ ରହୁଥିଲେ। ଗତ ୨୧ତାରିଖ ରାତ୍ରିରେ ମହିଳାଙ୍କ ମୃତଦେହ ତାଙ୍କ ଘର ପରିସରରେ ପଡ଼ିଥିଲା। ଖବର ପାଇ ମୃତା ମହିଳାଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ସୋହେଲା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବାଲି ବୋଝେଇ ଟ୍ରାକ୍ଟର ଜବତ



ଅତାବିରା,୨୩।୧୦(ଡି.ଏନ.ଏ): ବରଗଡ଼ ଜିଲା ଅତାବିରାରେ ବାଲି ଚୋରାଚାଲାଣ ବେଳେ ରବିବାର ଏକ ଟ୍ରାକ୍ଟର (ନଂ.ଓଡ଼ି୧୭ଟି/୪୧୨୪) ଧରାପଡ଼ିଛି। ସ୍ଥାନୀୟ ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଏହି ଟ୍ରାକ୍ଟରକୁ ଧରିଥିବାବେଳେ ଟ୍ରାକ୍ଟର ମାଲିକଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅତାବିରା ତହସିଲ ଅନ୍ତର୍ଗତ ବିଭିନ୍ନ ନଈନାଳରୁ ବାଲି ଚୋରାଚାଲାଣ ହେଉଥିବାବେଳେ ସରକାରଙ୍କ ବ୍ୟାପକ ରାଜସ୍ୱହାନି ଘଟୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

### ଫୁଟବଲ: ଫାଇନାଲରେ ସୋନପୁର

ବରପାଲି,୨୩।୧୦(ଡି.ଏନ,ଏ): ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡ଼ିଆରେ ଚାଲିଥିବା ସୁବଳ ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମି ଫାଇନାଲରେ ସୋନପୁର ପ୍ରତିପକ୍ଷ ବରପାଲିକୁ ୩-୧ ଗୋଲରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ଉକ୍ତ ମ୍ୟାଚ୍‌ରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ନୀତିଶ ଆଚାର୍ଯ୍ୟ, ବାବୁଲୁ ଦେବତା, ପବିତ୍ର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ବରଗଡ଼ ଓ ସୋନପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

### ଅତିରିକ୍ତ ଜିଲାପାଳ, ତହସିଲଦାରଙ୍କୁ ଦାବିପତ୍ର

ବିନିକା,୨୩।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ତହସଲ ସିନ୍ଦୁରପୁର ଆର୍‌ଆଇ ସର୍କଲ ଅଧୀନ ସର୍ଗୁଣା ମୌଜାରେ ଥିବା ସଂରକ୍ଷିତ ସରକାରୀ ଜମି ଜବରଦଖଲକୁ ଚାଲି ଯାଇଛି। ଏହିଭଳି ଅଭିଯୋଗ କରି ଶୁକ୍ରବାର ସର୍ଗୁଣା ଓ ପଞ୍ଚାୟତ ଅଧୀନ ୭ଖଣ୍ଡ ଗାଁର ଲୋକେ ତହସିଲଦାର ଅଲେଖ ଘୁଟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ନିକଟରେ ଅଭିଯୋଗ କରି ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଅଭିଯୋଗ ଅନୁସାରେ ସର୍ଗୁଣା ଗ୍ରାମର ଦୁଇଟି କାଡା ନାଳ ମଧରେ ରହିଛି ଦୁଇଟି ପ୍ଲଟ ଯାହା ପତିତ, ଗୋଚର କିସମରେ ରହିଛି। ମାତ୍ର ଏହି ଜମି ଏବେ ଜବରଦଖଲରେ ରହିଛି। ଏଥିସହିତ ଉକ୍ତ ସରକାରୀ ଜମିକୁ ଲାଗି କରିଥିବା ବ୍ୟକ୍ତିଗତ ଜମି କ୍ରୟ କରି କେତେକ ବ୍ୟକ୍ତି କଳ କାରଖାନା କରିଛନ୍ତି। ସେମାନେ ପାଚେରି ନିର୍ମାଣ କରିବା ଫଳରେ ସାର୍ବଜନୀନ ରାସ୍ତାରେ ଚାଷୀମାନେ ଖେତକୁ ଯାତାୟତ କରି ପାରୁ ନାହାନ୍ତି। ଏଥି ସହିତ କାଡାନାଳରୁ ଜମିକୁ ପାଣି ନିଷ୍କାସନ କରି ପାରୁନାହିଁ। ଏଥିସହ ଜିଲା ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସିଂଘିଯୁବା ପଞ୍ଚାୟତର ଜାମପାଳି ଘଂଟେଶ୍ୱରୀ ପାହାଡରେ ମେଗା ଜଳପ୍ରକଳ୍ପ ଯୋଜନାରେ ଚାଲିଥିବା ଓଭରହେଡ ଟ୍ୟାଙ୍କ ନିର୍ମାଣରେ ହେଉଥିବା ବ୍ୟତିକ୍ରମ ନେଇ ମଧ ଦାବିପତ୍ର ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ରାଜେନ୍ଦ୍ର ସାଲମା, ସୂର୍ଯ୍ୟ କୁମାର ପଲିତା, ଧର୍ମେନ୍ଦ୍ର କମ୍ପ, ଦୁର୍ଲ୍ଲଭ ପଲିତା, ନୀରାକାର ବାଘ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଘଟଣା ହ୍ରାସ ପାଇଁ କଡ଼ାକଡ଼ି ହେବ ଯାଞ୍ଚ

ସୋନପୁର,୨୩।୧୦(ନି.ପ୍ର.)



ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଓ ସଭ୍ୟ ବୃନ୍ଦ।

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଡକ ଦୁର୍ଘଟଣା ହ୍ରାସ ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପୋଲିସ ନିରନ୍ତର ଉଦ୍ୟମ ଜାରି ରଖିଥିବା ଆରଟିଓ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ। ଜିଲାରେ ନୋ ହେଲମେଟ ନୋ ପେଟ୍ରୋଲ ନିୟମ ଲାଗୁ ହେବା ପରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି। ଟ୍ରାଫିକ୍ ନିୟମ ଓ ହେଲମେଟ୍ ପରିଧାନ ପାଇଁ ସଚେତନ କରାଯାଉଛି। ନିୟମ ମାନୁ ନଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ସଫଳତା ମିଳିଛି। ଜାନୁୟାରୀରୁ ସେପ୍ଟେମ୍ବର ଭିତରେ ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇ ଗତବର୍ଷ ତୁଳନାରେ ୧୮%ରେ ରହିଛି। ଜିଲାରେ କିଭଳି ସଡକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହ୍ରାସ ପାଇବ ସେ ନେଇ ନିରନ୍ତର ଉଦ୍ୟମ ଜାରି ରଖିବା ସହିତ ଯାଞ୍ଚ କଡାକଡି କରିବାକୁ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ନିଶାସେବନ କରି ଡ୍ରାଇଭିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ରାତ୍ରୀକାଳୀନ ଯାତ୍ରୀ ବାହୀ ବସ୍‌ର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ କରୁଛନ୍ତି କି ନାହିଁ ନିୟମିତ ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିଲା। ଗୋ ଶ୍ରଦ୍ଧା ଯୋଜନା ପରେ ରାସ୍ତାରେ ବୁଲା ଗୋରୁଙ୍କ ସଂଖ୍ୟା ହ୍ରାସ ପାଇଛି। ଏ କ୍ଷେତ୍ରରେ ସହରବାସୀଙ୍କ ସହଯୋଗ ଲୋଡା ଯାଇଥିଲା। ଦୁଇଚକିଆ ଯାନରେ ଅଫିସ ଆସୁଥିବା ସରକାରୀ କର୍ମଚାରୀଙ୍କ ପାଇଁ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଅନ୍ୟପକ୍ଷେ ଗତ ୯ ମାସରେ ଦ୍ରୁତ ଗତିରେ ଡ୍ରାଇଭିଂ, ଚାରି ଚକିଆ ଯାନରେ ସିଟ୍ ବେଲ୍ଟ ନ ବାନ୍ଧିବା, ହେଲମେଟ୍ ପରିଧାନ ନ କରି ବାଇକ୍ ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ଜିନିଷ ପରିବହନ ଗାଡିରେ ଲୋକ ବୁହା ହେବା ଓ ଡ୍ରାଇଭିଂ ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନେଇ ୬୩୪୮ଟି ମାମଲା ରୁଜୁ ହୋଇଥିବା ବେଳେ ମୋଟ ୧୯୪୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଛି। ଜାତୀୟ ରାଜପଥ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥାନରେ ରାସ୍ତା ମରାମତି କରିବା ଓ ଗୁଡ୍ ସାମାରିଟାନ୍ସ ପଲିସିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଥିଲା। ଦୁର୍ଘଟଣା ସମୟରେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କଲେ ଭ୍ୟାନ୍ ଆସୁ ନଥିବା ବୈଠକରେ ଅଭିଯୋଗ ହୋଇଥିଲା। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ଅନ୍ନପୂର୍ଣ୍ଣା ବେହେରା, ଏଆରଟିଓ ଶିବାଶିଷ ସାହୁ, ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିଭୁତି ମହାନ୍ତି, କମିଟିର ସଭ୍ୟ ସ୍ୱାଧୀନ ମେହେର, ମୃତ୍ୟୁଞ୍ଜୟ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ ଓ ଜୁନିୟର ଏମ୍‌ଭିଆଇ ଲୋକନାଥ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ରହିଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**୯ମାସରେ ୧୯୪୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ**

# ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆହ୍ୱାନ

ବରଗଡ଼ ଅଫିସ୍,୨୩।୧୦



ସମୀକ୍ଷା ବୈଠକରେ ଉପସ୍ଥିତ ବିଧାନସଭା ସଦାଚାର କମିଟିର ସଭ୍ୟ ଏବଂ ଅନ୍ୟମାନେ।

ବିଧାନସଭା ସଦାଚାର (ଏଥିକ୍ସ) କମିଟି ଶନିବାର ବରଗଡ଼ ଜିଲା ଗସ୍ତ କରିଥିଲା। ଏହି କମିଟିର ସଦସ୍ୟମାନେ ବୁକ୍ ସର୍କୁଲାର୍-୪୭ ଉପରେ ପଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାସହିତ ଜନ ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ ତଥା ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରି ବିକାଶ କାର୍ଯ୍ୟ କିଭଳି ତ୍ୱରାନ୍ୱିତ କରାଯାଇପାରିବ ଏବଂ ସରକାରଙ୍କ ପ୍ରତ୍ୟେକ ଯୋଜନାର ଲାଭ ସିଧାସଳଖ ଲୋକଙ୍କ ପାଖକୁ ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ସଭ୍ୟ କିଶୋର ମହାନ୍ତି, ଭୂପିନ୍ଦର ସିଂ, ପ୍ରଫୁଲ୍ଲ ସାମଲ, ସୁବାସ ପାଣିଗ୍ରାହୀ, ଶଙ୍କର ଓରାମ, ଦାଶରଥି ଗମାଙ୍ଗ, ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ୮ଜଣିଆ ଦଳ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ରାହୁଲ ଜୈନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ। ଜିଲାପାଳ ବାନାର୍ଜୀ ସ୍ୱାଗତ ଭାଷଣ ଏବଂ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼ରେ ବିଧାନସଭା ସଦାଚାର କମିଟି**

# ଟିକା ନ ନେଇ ପ୍ରମାଣପତ୍ର

ବରଗଡ଼ ଅଫିସ୍,୨୩।୧୦

■ସ୍ଲଟ୍ ବୁକିଂ କରିଥିଲେ ବରଗଡ଼ ବାସିନ୍ଦା
■ଟିକା ନେଲେ ଉତ୍ତରପ୍ରଦେଶ ଲୋକ

ଦେଶରେ ଶହେ କୋଟି କୋଭିଡ୍ ଟିକାକରଣ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି। ହେଲେ କୋଭିଡ୍ ଟିକା ନେଇ ନ ଥିବା ସତ୍ତ୍ୱେ ଲୋକଙ୍କୁ ଟିକାକରଣ ପ୍ରମାଣପତ୍ର ମିଳିଛି। ସେହିପରି ଟିକାକେନ୍ଦ୍ରକୁ ଯାଇ ଟିକା ନ ନେଇ ନିରାଶରେ ଫେରିବା ଭଳି ଘଟଣା ପଦାକୁ ଆସିଛି। କେବଳ ସେତିକି ନୁହେଁ, ବରଗଡ଼ର ଜଣେ ବାସିନ୍ଦା ଟିକା ପାଇଁ ସ୍ଲଟ୍ ବୁକିଂ କରିଥିବାବେଳେ ତାଙ୍କ ସ୍ଥାନରେ ଉତ୍ତରପ୍ରଦେଶର ଅନ୍ୟ ଜଣେ ଟିକା ନେଇଥିବା ଜଣାପଡିଛି ।

ପ୍ରକାଶ ଯେ, ବରଗଡ଼ର ଜଣେ ଯୁବତୀ ଯଶୋବନ୍ତୀ ସାହୁ ପ୍ରଥମ ଡୋଜ୍ କୋଭିଡ୍ ଟିକା ପାଇଁ କୋୱିନ୍ ପୋର୍ଟାଲରେ ସ୍ଲଟ୍ ବୁକିଂ କରିଥିଲେ। ଗତ ଜୁଲାଇ ୨୬ ସକାଳ ୮ଟାରୁ ଅପରାହ୍ନ ୨ଟା ମଧ୍ୟରେ ବରଗଡ଼ ସହର ଉପକଣ୍ଠ କଟାପାଲି ହାଇସ୍କୁଲରେ ଟିକା ନେବା ପାଇଁ ଉକ୍ତ ପୋର୍ଟାଲରେ ତାଙ୍କୁ ସୂଚନା ଦିଆଯାଇଥିଲା। କିନ୍ତୁ ସେତେବେଳେ ଜ୍ୱର ଯୋଗୁ ସେ ଟିକାକେନ୍ଦ୍ରକୁ ଯାଇ ପାରି ନ ଥିଲେ ଏବଂ ପରେ ପୁଣି ସେ ସ୍ଲଟ୍ ବୁକିଂ କରିବା ପରେ ଯଶୋବନ୍ତୀଙ୍କ ପାଖକୁ ମେସେଜ ଆସିଥିଲା। ଉକ୍ତ ମେସେଜରେ ସେ ଗତ ସେପ୍ଟେମ୍ବର ୧୭ତାରିଖରେ ଉତ୍ତରପ୍ରଦେଶ ରାଜ୍ୟ ମହାରାଜଗଞ୍ଜ ମିଥାଉରାର ଏକ ଟିକାକେନ୍ଦ୍ରରେ ଟିକା ନେଇ ସାରିଥିବା ଉଲ୍ଲେଖ ରହିଥିଲା। ଅନ୍ୟପଟେ ଯଶୋବନ୍ତୀ କେବେ ଉତ୍ତରପ୍ରଦେଶ ଯାଇନାହାନ୍ତି କି କୋଭିଡ୍ ଟିକା ନେଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ ପାତ୍ରଙ୍କୁ ପଚାରିବାରୁ ଟେକ୍ନିକାଲ ସମସ୍ୟା ଯୋଗୁ ସେଭଳି ତ୍ରୁଟି ହୋଇଛି ଏବଂ ସେ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



Ministry of Health & Family Welfare
Government of India

Provisional Certificate for COVID-19 Vaccination - 1st Dose

Beneficiary Details

| | |
|---|---|
| Beneficiary Name / लाभार्थी का नाम | Jashobanti sahu |
| Age / उम्र | 19 |
| Gender / लिंग | Female |
| ID Verified / पहचान पत्र सत्यापित | Aadhaar # XXXXXXXX3227 |
| Unique Health ID (UHID) | 54-3585-6701-4177 |
| Beneficiary Reference ID | 21346420327060 |

Vaccination Details

| | |
|---|---|
| Vaccine Name / वैक्सीन का नाम | COVISHIELD |
| Date of 1st Dose / पहली खुराक की तारीख | 17 Sep 2021 (Batch no. 4121Z222) |
| Next due date / अगली नियत तिथि | Between 10 Dec 2021 and 07 Jan 2022 |
| Vaccinated by / टीका लगाने वाले का नाम | VINEETA SHANKAR |
| Vaccination at / टीकाकरण का स्थान | MITHAURA AURATAR, Maharajganj, Uttar Pradesh |

"दवाई भी और कड़ाई भी।
Together, India will defeat COVID-19"
- प्रधानमंत्री नरेंद्र मोदी

COWIN

ଟିକା ନେଇ ନ ଥିବା ସତ୍ତ୍ୱେ ମିଳିଥିବା ପ୍ରମାଣପତ୍ରର ନକଲ।

# ଛାତ୍ର ସଙ୍ଗଠନର ବିକ୍ଷୋଭ ଶୋଭାଯାତ୍ରା

ଅମରପାଲି,୨୩।୧୦(ଡି.ଏନ.ଏ)

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ ଶନିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲା ପ୍ରମୁଖ ଚନ୍ଦନ ପ୍ରହରାଜଙ୍କ ନେତୃତ୍ୱରେ ବୀରମହାରାଜପୁର ମହାବିଦ୍ୟାଳୟ ପରିସରରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ହତ୍ୟାର ଶିକାର ମେହେରଙ୍କୁ ନ୍ୟାୟ ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ଅବସରରେ ଦାବି କରାଯାଇଛି ।



ବୀରମହାରାଜପୁରରେ ଛାତ୍ର ସଂଗଠନର ପ୍ରତିବାଦ ଶୋଭାଯାତ୍ରା।

# ସଂସ୍କାରିତ ସମାଜ ଗଠନ କରିବାକୁ ଆହ୍ୱାନ

**ଜିଲାସ୍ତରୀୟ ଡୁମାଳ ମହାସଭା**

ଅମରପାଲି,୨୩।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଯୁବ ଡୁମାଳ ପରିଷଦ ତରଫରୁ ଜିଲାସ୍ତରୀୟ ଡୁମାଳ ମହାସଭା ବୀରମହାରାଜପୁର ଉପକଣ୍ଠ କାନପୁରସ୍ଥିତ ମାହେଶ୍ୱରୀ ପୀଠ ଦେଉଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କିଶୋର କର୍ମୀ ସମାଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁବର୍ଣ୍ଣପୁର ଜିଲା ଯୁବ ଡୁମାଳ ପରିଷଦ ସଭାପତି ଅଶ୍ୱିନୀ କୁମାର ମହାକୁର ବାର୍ଷିକ ବିବରଣୀ ଓ ମହେଶ୍ୱରୀ ମନ୍ଦିର ପରିଦର୍ଶନ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଉପେନ୍ଦ୍ର ଥାଟୀ ଓ ଶଶୀକାନ୍ତ ପଧାନ ମା'ମାହେଶ୍ୱରୀ ବନ୍ଦନା ଗାନ କରିଥିଲେ। ଜିଲାର ଡୁଙ୍ଗୁରିପାଲି, ତରଭା, ବିନିକା, ସୋନପୁର, ଉଲୁଣ୍ଡା, ବୀରମହାରାଜପୁର ବ୍ଲକର ୩୨ଟି କେନ୍ଦ୍ରରୁ ଆସିଥିବା ସଭାପତି ଓ ସମ୍ପାଦକମାନେ ଡୁମାଳ ଜାତିର ନୀତିକାନ୍ତି, ସଂସ୍କାର, ସାମାଜିକ କାର୍ଯ୍ୟକ୍ରମ ସହଭାଗିତା ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଜିଲାର ୮୦ ମାହେଶ୍ୱରୀ ମନ୍ଦିରର ପୂଜକ ସେବୟତ ସେମାନଙ୍କ ପୂଜାନୀତି ନିର୍ଘଣ୍ଟ ଓ ଅଭାବ ଅସୁବିଧା ସମ୍ପର୍କରେ ମତ ରଖିଥିଲେ। ସଂସ୍କାରିତ ସମାଜ ଗଠନ କରିବାକୁ ଜାତିଭାଇଙ୍କୁ ଆହ୍ୱାନ କରାଯାଇ ଥିଲା। ଭୂଷଣ ପାତ୍ର ଓ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ପ୍ରମୁଖ ଡୁମାଳ ଜାତିର ଐତିହ୍ୟ, ପରମ୍ପରା ଓ ଆଗାମୀ ଦିନରେ ସଂସ୍କାରିତ କାର୍ଯ୍ୟକ୍ରମ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ। ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ। କାହ୍ନୁ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଜାତିଭାଇ ଯୋଗ ଦେଇଥିଲେ।

# ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ବୈଠକ

ପଦ୍ମପୁର,୨୩।୧୦(ଡି.ଏନ.ଏ)

ରାଜବୋଡାସମ୍ବର ବ୍ଲକ ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ ତାରିଖରୁ ଅଫଲାଇନ ମାଧ୍ୟମରେ ପାଠପଢା ଆରମ୍ଭ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଅବଗତ କରାଇଥିଲେ। କୋଭିଡ ନିୟମକୁ ପାଳନ କରି ଶିକ୍ଷାଦାନ କରାଯିବ। ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ମାସ୍କ ଓ ସାନିଟାଇଜର ବ୍ୟବହାର କରିବେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ମୋବାଇଲ ନ ଆଣିବା ପାଇଁ ଶିକ୍ଷକଙ୍କ ତରଫରୁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରନାରାୟଣ ଭୋଇ, ସୁଶାନ୍ତ ବଡେଇ, ରଜତ ମେହେର, ବଳରାମ ସାହୁ, ଉମ୍ବଧର ଗଡତିଆ, ନାରାୟଣ ବଘାର, ବିପ୍ଳବ କୁମାର ବେଶ୍ରା, ଜାନକୀବଲ୍ଲଭ ପାଇକ, ମନୋଜ ମିର୍ଦ୍ଧା, ରାଜଲକ୍ଷ୍ମୀ ବେହେରା, ରଶ୍ମିତା ନେତାନ, ନିରୁପମା ଭୋଇ, ନମିତା ପ୍ରଧାନ, ଯଶୋଦା ନାଗ, ମିତ୍ରଭାନୁ ସାହୁ, ଆକାଶ କୁମାର ସାହୁ, ଭକ୍ତବନ୍ଧୁ ପ୍ରଧାନ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

# ଭାରୋତ୍ତୋଳନ ପ୍ରତିଯୋଗିତା

ଅମରପାଲି,୨୩।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କ୍ରିପାଲ ଫିଟନେସ ପକ୍ଷରୁ ଏକ ଭାରୋତ୍ତଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବେଞ୍ଚପ୍ରେସ ପ୍ରତିଯୋଗିତାରେ ଆଶିଷ କୁମାର କୁମାର ସାହୁ ୧୨୦ କେଜି ଭାରୋତ୍ତଳନ କରି ପ୍ରଥମ ହୋଇଥିଲେ। ସ୍କ୍ୱାଟରେ ସାଗର ମେହେର ୧୫ମିନିଟ ରହି ପ୍ରଥମ ହୋଇଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦ ପୁରୋହିତ, ଶାନ୍ତନୁ ମିଶ୍ର ଏବଂ ପୃଥ୍ୱୀରାଜ ସିଂ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ଥାନାର ସବଇନ୍ସପେକ୍ଟର ସୁଦର୍ଶନ ଦେହୁରୀ, ସାମାଜିକ କର୍ମୀ ରବୀନ୍ଦ୍ର ହୋତା, ଯୁଗଳ କିଶୋର ମିଶ୍ର ଏବଂ ଶେଷଦେବ ବାରିକ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ କ୍ରିପାଲ ଫିଟେନସର ମୁଖ୍ୟ ଅନ୍ତର୍ଜାତୀୟ ଫିଟେନସ କୋଚ ତଥା ପୂର୍ବତନ ପୋଲିସ ଇନ୍ସପେକ୍ଟର ଶ୍ରୀରାମ କ୍ରିପାଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଯୋଗୀଙ୍କ ଗହଣରେ ଅତିଥିମାନେ।

# ଜାଗରଣ ସୃଷ୍ଟି କଲେ ଲୋକ କଳାକାର

ବରଗଡ଼ ଅଫିସ୍,୨୩।୧୦

■ବରଗଡ଼ରେ କଳାକାର ସମାବେଶ
■୩ହଜାରରୁ ଉର୍ଦ୍ଧ୍ୱ କଳାକର ସାମିଲ
■ଲୋକକଳା ଜାଗରଣ ଦିବସ ଦାବି

ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ଲୋକକଳା ଜାଗରଣ ଏବଂ କଳାକାର ଭେଟ୍‌-୨୦୨୧ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଛି। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାକାରଙ୍କ ଦୁଃଖ ପ୍ରତି ସରକାର ଅବଗତ ଅଛନ୍ତି। କଳାକାରଙ୍କ ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି ଏବଂ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ କଳାକାରଙ୍କ ସମସ୍ୟାର ସମାଧାନ ନିଶ୍ଚିତ କରିବେ ବୋଲି ମୁଖ୍ୟଅତିଥି ଆଚାର୍ଯ୍ୟ କହିଥିଲେ।

ସମାରୋହରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୩ହଜାରରୁ ଉର୍ଦ୍ଧ୍ୱ ସମ୍ପ୍ରଦା, ସଂକୀର୍ତ୍ତନ ଏବଂ ଗଣ୍ଡାବାଜା କଳାକାର ସ୍ଥାନୀୟ କଳାକାର ଭବନରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିର, ହାଟପଦା ଦୁର୍ଗା ମନ୍ଦିର, ସମଲେଶ୍ୱରୀ ମନ୍ଦିରରେ ପହଞ୍ଚି ଦେବୀଙ୍କ ପୂଜାର୍ଚ୍ଚନା ପରେ ସେମାନେ ସୌଖିନ ରଙ୍ଗମଞ୍ଚରେ ପହଞ୍ଚିଥିଲେ। ସହର ପରିକ୍ରମା ବେଳେ ଲୋକକଳା ଉପରେ କଳାକାରମାନେ ଜନ ଜାଗରଣ ସୃଷ୍ଟି କରିଥିଲେ। ସୌଖିନ ରଙ୍ଗମଞ୍ଚରେ ମୁଖ୍ୟଅତିଥି ଆଚାର୍ଯ୍ୟ, ଅଭିନେତା ଦୈତାରୀ ପଣ୍ଡା, ବାପି ପଣ୍ଡା, ସୁବାଷ ବେହେରା, ଆର.କେ ହୀରାଲାଲ, ଅଜିତ ମହାନ୍ତି, କୈଳାସ ବେହେରା, ହେମନ୍ତ ବେହେରା, ଲକ୍ଷ୍ମୀନାରାୟଣ ଘୋଷ, ସୁକନ୍ୟା ମହାପାତ୍ର, ତମସା ମିଶ୍ର, ବିଜୟ ଜେନା, ପ୍ରତିମା ରାଉତ, ରମାକାନ୍ତ ଦାଶ, ବରଗଡ଼ ଧନୁଯାତ୍ରାର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ, ଗାନ୍ଧୀ ବାରିକ, ଦେବେନ୍ଦ୍ର ସାହୁ, ନାଟ୍ୟକାର ଅରୁଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।



ବରଗଡ଼ରେ କଳାକାରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରତିବର୍ଷ ଅକ୍ଟୋବର ୨୩କୁ ସରକାରୀ ସ୍ତରରେ ଲୋକକଳା ଜାଗରଣ ଦିବସ ଭାବେ ଘୋଷଣା କରିବାକୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ମୁଖ୍ୟଅତିଥି ଆଚାର୍ଯ୍ୟଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲା। ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ରାଣାପ୍ରତାପ ସ୍କୁଲର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ବାଲେଶ୍ୱର କୁଅଁର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂକୀର୍ତ୍ତନ ଗୁରୁ ପ୍ରମୋଦ ଦାଶ, ଜିତେନ୍ଦ୍ରୀୟ ସାହୁ, ଅନିରୁଦ୍ଧ ପାଇକ, ବିଭୁଧେନ୍ଦୁ ମହାନନ୍ଦ, ଖଗେଶ୍ୱର ସାହୁ, ଲଲାଟେନ୍ଦୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ। କବି ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।